


ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ADMISSION OPEN FOR NEET 2026 -27

# TETRAHEDRON ACADEMY PRIVATE LIMITED
Tangi, Cuttack-754022
: 8093064522, 8093064525, 8093064500

Mentor
Trideb Sir
:7008222977

## We are expecting 150 MBBS Admissions in 2026

653 DIBYA RANJAN, JAJPUR, M. : 9692036713
648 SIBA SANKAR, BALESWAR, M. : 6371756580
647 SUSHREE PRIYANKA, DHENKANAL, M. : 9777153555
645 ADITYA, JAGATSINGHPUR, M. : 9937769733
635 BISWABID, JAJPUR, M. : 9558959879
635 SHUBHAM, BALESWAR, M. : 9123066603
631 ADYASHA, CUTTACK, M. : 8249136458
630 JYOTI PRAKASH, BALESWAR, M. : 9040026074
620 SANDEEP KU., KEONJHAR, M. : 7749823914
620 SAI PRAKASH, JAGATSINGHPUR, M. : 9777090684
616 BIKASH, PURI, M. : 9139254073
616 SUSHREE SAMIKHYA, JAJPUR, M. : 7205422843
615 DIBYAJYOTI, CUTTACK, M. : 9778171571
612 ABINASH, JAGATSINGHPUR, M. : 9853385091
607 SOUMYA RANJAN, DHENKANAL, M. : 9437809042
607 MANORANJAN, KENDRAPARA, M. : 9556233735
605 PRASANTA KU., CUTTACK, M. : 9937898486
605 PRIYANSU PRITAM, JAJPUR, M. : 7008399671
603 PRANESH, BARIPADA, M. : 9439093446
602 AMIYADEEP, KENDRAPARA, M. : 9692308132
601 BISWARUPA, KENDRAPARA, M. : 6371780995
591 RIDHIRANI, ANGUL, M. : 7008146953
590 ADARSH AMLAN, CUTTACK, M. : 9861012314
590 DEBA PRASAD, BALESWAR, M. : 9040165239
590 SASWAT SWAYANSHU, DHENKANAL, M. : 7077762559
587 RAJESH, BALESWAR, M. : 8457895059
587 SMRUTI RANJAN, JAJPUR, M. : 8018868766
586 PRAKASH, CUTTACK, M. : 8260761144
585 SUBHASHREE, CUTTACK, M. : 9937339439
582 BHARAT KU., BOUDH, M. : 7749022783
582 RAJESH, KENDAPARA, M. : 8260397534
580 RAMAKRUSHNA, ANGUL, M. : 7684000422
580 TARINI PRASAD, KENDRAPARA, M. : 8455886194
& Many More .....

## OUR INCREDIBLE ACHIEVERS IN AIIMS

710 AIIMS BBSR(2024) KAMALAKANTA Mob. : 8249906661
700 AIIMS RAIPUR(2024) RAHUL M. : 6372741832
697 AIIMS DELHI (2021) SUSHREE SANGITA Mob. : 9810975701
695 AIIMS GORAKHPUR(2024) OMM PRAKASH M. : 6372521307
695 AIIMS GORAKHPUR(2024) SWAGATIKA M. : 7381845430
680 AIIMS BBSR(2021) DEVASIS SAHOO Mob. : 9861492793
675 AIIMS GORAKHPUR(2023) ASHIRBAD BISWAL Mob. : 7846821473
670 AIIMS KALYANI (2023) ANUPAM NAYAK Mob. : 7205755502
670 AIIMS MADURAI(2024) ADITYA NARAYAN M. : 8260333635
665 AIIMS RAIPUR(2022) SATYAJIT NAYAK Mob. : 8260601336
590 AIIMS KALYANI(2025) SOURAV RANJAN Mob. : 9337135920
585 AIIMS KALYANI(2025) AMIT ANSUMAN Mob. : 8260552053
578 AIIMS KALYANI(2025) G.S. TANISHA Mob. :6370203229
575 AIIMS DEOGHAR(2025) SOUMYA RANJAN Mob. : 9853490176
574 AIIMS BBSR (2025) ASHUTOSH (SC) Mob. : 9438110102

2025 : 127 MBBS ADMISSIONS
2024 : 71 MBBS ADMISSIONS
2023 : 54 MBBS ADMISSIONS

## OUR CHSE RESULTS -2026

| Above 98% | Above 95% | Above 560 | Above 90% | Above 89% | Above 88% |
|---|---|---|---|---|---|
| 13 STUDENTS | 95 STUDENTS | 163 STUDENTS | 315 STUDENTS | 367 STUDENTS | 412 STUDENTS |

| Above 85% | Above 80% | Above 75% | Above 70% | Above 60% |
|---|---|---|---|---|
| 558 STUDENTS | 774 STUDENTS | 948 STUDENTS | 1066 STUDENTS | 1144 STUDENTS |

## OUR CHSE RESULTS -2025

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## OUR FACULTIES

### DEPT. OF PHYSICS :
Mr. Maheswar Parida (MP Sir) : (43 Yrs. Experience)
Mr. Milan Kumar Samal (Milan Sir) : (35 Yrs. Experience)
Mr. Samal Sir : (30 Yrs. Experience)
Mr. Manas Mishra (MM Sir) : (28 Yrs. Experience
Mr. Suman Ku. Sharma (SK Sir : (16 Yrs. Experience)
Mr. Sangram Sahoo (SS Sir) : (15 Yrs. Experience)
Mr. Rahul Singh (RS Sir) : (11 Yrs. Experience)

### DEPT. OF BOTANY :
Mr. Amitav Behera (AB Sir) : (28 Yrs. Experience)
Mr. Manas Kumar (MK Sir) : (28 Yrs. Experience)

### DEPT. OF CHEMISTRY :
Dr. Kailash Chandra Rout (KR Sir) : (40 Yrs. Experience)
Dr. Baikuntha Narayan Dash (BN Sir): (39 Yrs. Experience)
Mr. Tridib Behera (CH Sir) : (26 Yrs. Experience)
Mr. Bhagirathi Mallick (BM Sir) : (40 Yrs. Experience)
Dr. Ashok Kumar Roul (AKR Sir) : (37 Yrs. Experience)
Mr. Keshab Chandra Nath(KN Sir) : (18 Yrs. Experience)
Dr. Ranjit Kumar Kesh (RK Sir) : (12 Yrs. Experience)
Mr. Padarbinda Mantri (PM Sir) : (11 Yrs. Experience)

### DEPT. OF ZOOLOGY :
Dr. Kamalakanta Sahoo (KK Sir) : (40 Yrs. Experience)
Mr. Akshya Ku. Mohanty (AS Sir) : 40 Yrs. Experience)
Mrs. Manorama Sahu (MS Ma'am) : 12 Yrs. Experience)

- We give maximum emphasis on physics and chemistry
- We teach our students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.
- Special scholarship for very very poor talented students.
- Special Scholarship for SC and ST students.
- Special discount for OAV & Navodaya Students

- ONE YEAR NEET COURSE STARTS ON 02ND JULY , 09TH JULY & 16TH JULY -2026
- The NEET Qualifying Test will be held on 28TH JUNE, 05TH JULY & 12TH JULY 2026
- The Exam will be conducted from 1:00 p.m. to 4:00 p.m. (Reporting Time : 12:00 noon)

### Name of the Exam Centre :
TETRAHEDRON OLD CAMPUS,TANGI, CUTTACK,MOB. : 8093064525, 8093064500, 8093064522
TETRAHEDRON COACHING, ARUNODAYA NAGAR, CUTTACK, MOB. : 8093064572, 8093064508

Visit our Website : NEET : www.tetrahedroncoaching.com

# ଉଦ୍ଧବଙ୍କୁ ପୁଣି ଝଟ୍‌କା: ସିନ୍ଦେ ଶିବିରରେ ସାମିଲ ହେଲେ ସଚିନ ଅହିର

ମୁମ୍ବାଇ, ୩୦।୬ (ଏଜେନ୍ସି): ମହାରାଷ୍ଟ୍ରରେ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)କୁ ମଙ୍ଗଳବାର ପୁଣି ଏକ ବଡ଼ ଧକ୍କା ଲାଗିଛି। ଦଳର ବରିଷ୍ଠ ନେତା ତଥା ଆଦିତ୍ୟ ଠାକରେଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା ବିଧାନ ପରିଷଦ ସଦସ୍ୟ (ଏମ୍‌ଏଲ୍‌ସି) ସଚିନ ଅହିର ଆଜି ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ସାମିଲ ହୋଇଛନ୍ତି। ଶାସକ ମହାୟୁତି ମେଣ୍ଟର ପ୍ରାର୍ଥୀ ଭାବେ ଏମ୍‌ଏଲ୍‌ସି ଉପାଧ୍ୟକ୍ଷ ପଦ ପାଇଁ ସେ ନିଜର ନାମାଙ୍କନ ପତ୍ର ମଧ୍ୟ ଦାଖଲ କରିଛନ୍ତି। ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାରଙ୍କ ଉପସ୍ଥିତିରେ ସେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ୨୦୨୨ରେ ଶିବସେନା ବିଭାଜନ ପରେ ମଧ୍ୟ ଅହିର ଉଦ୍ଧବ ଠାକରେଙ୍କ ସହିତ ରହିଥିଲେ। ତାଙ୍କର ଏହି ହଠାତ୍ ଦଳ ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଛି। ଉଦ୍ଧବ ସେନାର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ଦଳରେ ଯୋଗ ଦେବାର ମାତ୍ର କିଛି ଦିନ ପରେ ଏହି ଘଟଣା ଘଟିଛି। ସଚିନ ମୁମ୍ବାଇ ରାଜନୀତିର ଜଣେ ପ୍ରଭାବଶାଳୀ ନେତା ଭାବେ ପରିଚିତ। ସେ ପୂର୍ବରୁ ୱର୍ଲି ଆସନରୁ ବିଧାୟକ ରହିବା ସହ ଏନ୍‌ସିପିର ମୁମ୍ବଇ ୟୁନିଟ୍ ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ୨୦୧୯ ବିଧାନସଭା ନିର୍ବାଚନ ପୂର୍ବରୁ ସେ ଅବିଭକ୍ତ ଶିବସେନାରେ ଯୋଗ ଦେଇଥିଲେ। ମୁମ୍ବାଇର ମିଲ୍ ଶ୍ରମିକମାନଙ୍କ ମଧ୍ୟରେ ଜଣେ ପ୍ରମୁଖ ନେତା ଭାବେ ତାଙ୍କର ବେଶ୍ ଜନପ୍ରିୟତା ରହିଛି। ୨୦୧୯ ଏବଂ ୨୦୨୪ ବିଧାନସଭା ନିର୍ବାଚନରେ ଆଦିତ୍ୟ ଠାକରେଙ୍କ ବିଜୟ ସୁନିଶ୍ଚିତ କରିବାରେ ସଚିନ୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଉଦ୍ଧବ ଶିବିରର ବିଧାୟକ ସୁନୀଲ ରାଉତ ଏହି ଘଟଣାକୁ ହାଲୁକା ଭାବେ ଗ୍ରହଣ କରିଛନ୍ତି। ସେ କହିଛନ୍ତି ଯେ, ଦଳ ପୂର୍ବରୁ ଅନେକ ଶକ୍ତ ଧକ୍କା ସହିଛି। ଏଥିରେ ଦଳ ଶେଷ ହୋଇଯିବ ନାହିଁ।

# ପାକିସ୍ତାନରେ ଭାଙ୍ଗିଲା ୧୨୫ ବର୍ଷର ଐତିହାସିକ ଶିଖ୍ ଗୁରୁଦ୍ୱାରା

ଫାରୁକାବାଦ, ୩୦।୬ (ଏଜେନ୍ସି): ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ୧୨୫ ବର୍ଷର ପୁରାତନ ଐତିହାସିକ ଶିଖ୍ ଗୁରୁଦ୍ୱାରକୁ ଆଂଶିକ ଭାବେ ଭାଙ୍ଗି ଦିଆଯିବା ଘଟଣାକୁ ନେଇ ଶିଖ୍ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଛି। ଫାରୁକାବାଦ ସ୍ଥିତ ଗୁରୁଦ୍ୱାର ଶ୍ରୀ ସିଂ ସଭାରେ ଗତ ଜୁନ୍ ୨୬ରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନର କିଛି ଅଧିକାରୀଙ୍କ ସହାୟତାରେ ଭୂ-ମାଫିଆମାନେ ଏହି ସଂରକ୍ଷିତ ଐତିହ୍ୟ ସ୍ଥଳକୁ ଜବରଦଖଲ କରିବା ଉଦ୍ଦେଶ୍ୟରେ ଏହାର ମୁଖ୍ୟ ଗମ୍ବୁଜ ସମେତ କିଛି ଅଂଶ ଭାଙ୍ଗି ଦେଇଛନ୍ତି। ଶିଖ୍ କର୍ମକର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦାଙ୍କ ବିରୋଧ ପରେ ସ୍ଥାନୀୟ ପ୍ରଶାସନ ଏହି ସ୍ଥଳକୁ ସିଲ୍ କରିଛି ଏବଂ ସମସ୍ତ ନିର୍ମାଣ ତଥା ଭଙ୍ଗାରୁଜା କାର୍ଯ୍ୟକୁ ସ୍ଥଗିତ ରଖିଛି। ପ୍ରଶାସନ ଏହି ଘଟଣାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଚାର କରୁଛି। ଗୁରୁଦ୍ୱାର ଶ୍ରୀ ସିଂ ସଭା ଏକ ସଂରକ୍ଷିତ ଐତିହ୍ୟ ସ୍ଥଳ ଭାବେ ସ୍ୱୀକୃତିପ୍ରାପ୍ତ। ୧୯୬୦ରେ ପାକିସ୍ତାନ ସରକାର ଏହି ସ୍ଥାନକୁ ଭାରତରୁ ଆସିଥିବା ଶରଣାର୍ଥୀଙ୍କୁ ରହିବା ପାଇଁ ଆବଣ୍ଟନ କରିଥିଲେ। ସର୍ତ୍ତ ଥିଲା ଯେ ମୂଳ ସଂରଚନାରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ବର୍ତ୍ତମାନର ଭଙ୍ଗାରୁଜା ଏହି ନିୟମର ସ୍ପଷ୍ଟ ଉଲ୍ଲଙ୍ଘନ ବୋଲି ସଂରକ୍ଷଣ ବିଶେଷଜ୍ଞମାନେ କହିଛନ୍ତି। ଶିଖ୍ ସଂଗଠନଗୁଡ଼ିକ ଏଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ ଏବଂ ପାକିସ୍ତାନ ଶିଖ୍ ଗୁରୁଦ୍ୱାର ପ୍ରବନ୍ଧକ କମିଟି ଉପରେ ଅବହେଳାର ଅଭିଯୋଗ ଆଣିଛନ୍ତି।

# ରାମ ମନ୍ଦିର ଦାନ ଚୋରି ମାମଲା: ୧୫ ହଜାର ଦରମାରେ ୨୫ ଲକ୍ଷ ଟଙ୍କାର ଜମି

ଅଯୋଧ୍ୟା, ୩୦।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ମାମଲା ଦେଶରେ ହଇଚଇ ସୃଷ୍ଟି କରିଛି। ଶ୍ରଦ୍ଧାଳୁଙ୍କ ଦାନ ଅର୍ଥରେ ଦୁର୍ନୀତି ଭକ୍ତଙ୍କ ମନରେ ଆଘାତ ଦେବା ସହ ଆକ୍ରୋଶ ସୃଷ୍ଟି କରିଛି। ଏହି ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଧିରେ ଧିରେ ଅନେକ ଗୁମର ଖୋଲିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ମନ୍ଦିରରେ ଟଙ୍କା ଗଣିବା କାର୍ଯ୍ୟରେ ନିୟୋଜିତ ଥିବା ସାମାନ୍ୟ କର୍ମଚାରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମାତ୍ର ୧୨, ୦୦୦ ରୁ ୧୫, ୦୦୦ ଟଙ୍କା ମାସିକ ଦରମା ପାଉଥିବା କର୍ମଚାରୀମାନେ କିପରି କୋଟି କୋଟି ଟଙ୍କାର ସମ୍ପତ୍ତି ଠୁଳ କଲେ, ତାହା ଏବେ ତଦନ୍ତକାରୀ ସଂସ୍ଥା ପାଇଁ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟ ଅଭିଯୁକ୍ତ ଲବକୁଶ ମିଶ୍ର (୨୭) ମନ୍ଦିରର ନଗଦ ଟଙ୍କା ଗଣିବା ଦଳର ଏକ ସାଧାରଣ ସଦସ୍ୟ ଥିଲେ। ମାତ୍ର ତାଙ୍କର ଅଯୋଧ୍ୟା-ଲକ୍ଷ୍ନୌ ହାଇୱେ ନିକଟରେ ପ୍ରାୟ ୨୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିର୍ମାଣ ହେଉଥିବା ଜଣାପଡ଼ିଛି। ମନ୍ଦିର ଟ୍ରଷ୍ଟରେ ଯୋଗ ଦେବାର ମାତ୍ର ଏକ ବର୍ଷ ମଧ୍ୟରେ ସେ ନିଜ ପତ୍ନୀଙ୍କ ନାମରେ ୮.୮ ଲକ୍ଷ ଟଙ୍କାର ଜମି କିଣିବା ସହ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ପୁଲିସ ଚଢ଼ଉ ସମୟରେ ଲବକୁଶଙ୍କ ପୈତୃକ ଗ୍ରାମ ମିଲ୍କିପୁରରେ ଥିବା ଘରୁ ଗୋବର ଗଦା ତଳୁ ୧୨ ଲକ୍ଷ ଟଙ୍କା ନଗଦ ଜବତ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ୨୦ ବର୍ଷୀୟ ଅନୁକଳ୍ପ ମିଶ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି। ସେ ନିଜ ଗାଁ ବାହାରେ ପ୍ରାୟ ୬୫ ଲକ୍ଷ ଟଙ୍କା ମୂଲ୍ୟର ଏକ ଫାର୍ମହାଉସ୍ ନିର୍ମାଣ କରିଛନ୍ତି। ଏହା ବ୍ୟତୀତ ତାଙ୍କ ପାଖରେ ୧ ଲକ୍ଷ ଟଙ୍କାର ବାଇକ୍ ଥିବା ବେଳେ ନିକଟରେ ସେ ଏକ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ବୁକିଂ କରିଥିବା ମଧ୍ୟ ତଦନ୍ତରୁ ଜଣାପଡ଼ିଛି। ଉଭୟ ଲବକୁଶ ଏବଂ ଅନୁକଳ୍ପଙ୍କ ପରିବାର ବେଶ୍ କଷ୍ଟେମଷ୍ଟେ ଚଳୁଥିବା ସେମାନଙ୍କ ଚିହ୍ନା ଲୋକମାନେ କହିଛନ୍ତି। ଏପରିକି ଲବକୁଶଙ୍କ ପଡ଼ୋଶୀ କହିଛନ୍ତି ଯେ, 'ସେମାନଙ୍କ ଜୀବନଶୈଳୀରୁ, ଏହା କେବେ ଜଣାପଡ଼ିନଥିଲା ଯେ ସେମାନଙ୍କର ଏତେ ଟଙ୍କା ଅଛି'। ତେବେ ଉଭୟ ଗତ ଏକ ବର୍ଷ ମଧ୍ୟରେ ଅସ୍ୱାଭାବିକ ଭାବେ ସମ୍ପତ୍ତି ଠୁଳ କରିଛନ୍ତି।

# ପେଟ୍ରୋକେମିକାଲ୍ସ ପ୍ଲାଣ୍ଟ ଅଗ୍ନିକାଣ୍ଡରେ ଜଣେ ମୃତ, ୩୫ ଆହତ

ହଳଦିଆ, ୩୦।୬ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବ ମେଦିନୀ ପୁରରେ ହଳଦିଆ ପେଟ୍ରୋକେମିକାଲ୍ସ ପ୍ଲାଣ୍ଟରେ ମଙ୍ଗଳବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଫଳରେ ଅତିକମରେ ୩୫ ଜଣ ଶ୍ରମିକ ଓ ସ୍ଥାନୀୟ ବାସିନ୍ଦା ଆହତ ହୋଇଛନ୍ତି। ନାଫଥା ପାଇପଲାଇନ ଫାଟିଯିବା କାରଣରୁ ଏହି ଦୁର୍ଘଟଣା ଘଟିଥିବା ବେଳେ ଏହା ସମଗ୍ର ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଭୋର ପ୍ରାୟ ୪.୩୦ରେ ବଜ୍ରପାତ ହୋଇଥିଲା। ପରେ ନାଫଥା ପାଇପଲାଇନରେ ଲିକେଜ୍ ହୋଇ ଅଗ୍ନିକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଶବ୍ଦ ଶୁଣାଯିବା ସହ ପୁରା ପ୍ଲାଣ୍ଟ ପରିସରକୁ ନିଆଁ ବ୍ୟାପି ଯାଇଥିଲା। ଦୁର୍ଘଟଣା ସମୟରେ ଅନେକ ଲୋକ କାମକୁ ଯିବା ପାଇଁ ବାହାରକୁ ଆସିଥିବା ବେଳେ ସେମାନେ ନିଆଁର କବଳରେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ମନୁ ବିବି ନାମକ ମହିଳାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାୟ ୩୫ ଜଣ ବ୍ୟକ୍ତି ପୋଡ଼ି ହୋଇ ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ହଳଦିଆ ସବ୍-ଡିଭିଜନାଲ୍ ହସ୍ପିଟାଲକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବା ୫ ଜଣ ଗୁରୁତରଙ୍କୁ 'ଗ୍ରୀନ୍ କରିଡର' ମାଧ୍ୟମରେ କୋଲକାତାର ଏସ୍‌ଏସ୍‌କେଏମ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ଓ ପାଇପଲାଇନ ବିସ୍ଫୋରଣ ଯୋଗୁଁ ହଳଦିଆ ଏବଂ ଦୁର୍ଗାଚକ ମଧ୍ୟରେ ଟ୍ରେନ୍ ସେବା ବନ୍ଦ ରହିଛି। ହଳଦିଆ-ହାୱଡ଼ା ଲୋକାଲ ବାତିଲ କରାଯାଇଛି।

# ୨୨୦ ଫୁଟ୍ ବୋରୱେଲ୍‌ରେ ଖସିପଡ଼ିଲା ୪ ବର୍ଷର ଶିଶୁ




ଅମ୍ବାଲା, ୩୦।୬ (ଏଜେନ୍ସି): ହରିୟାଣାର ଅମ୍ବାଲା ଜିଲ୍ଲା ଅନ୍ତର୍ଗତ ଧନୌରା ଗ୍ରାମରେ ମଙ୍ଗଳବାର ଏକ ୪ ବର୍ଷର ଶିଶୁ ୨୨୦ ଫୁଟ୍ ଗଭୀର ଏକ ଖୋଲା ବୋରୱେଲ୍ ମଧ୍ୟକୁ ଖସି ପଡ଼ିଛି। ଏହାପରେ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶିଶୁଟିର ନାମ ନିର୍ଭୟ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୬.୩୦ରେ ନିର୍ଭୟ ତାଙ୍କ ପିତା ମନଜିତ୍‌ଙ୍କ ସହିତ ସେମାନଙ୍କ ଚାଷ ଜମିକୁ ଯାଇଥିଲେ। ସେଠାରେ ନିର୍ଭୟଙ୍କ ଜେଜେବାପା କର୍ଣ୍ଣେଲ ସିଂହ କାମ କରୁଥିଲେ। ପିତା ଓ ଜେଜେବାପା କାମରେ ବ୍ୟସ୍ତ ଥିବା ସମୟରେ ନିର୍ଭୟ ପାଖରେ ଖେଳୁଥିଲେ। ଖେଳୁ ଖେଳୁ ସେ ସେଠାରେ ଥିବା ଏକ ଖୋଲା ବୋରୱେଲ୍ ନିକଟକୁ ଚାଲିଯାଇଥିଲେ ଏବଂ ସେଥିରେ ମାଟି ପକାଇବାକୁ ଚେଷ୍ଟା କରିଥିଲେ। ବୋରୱେଲ୍ ଚାରିପାଖର ମାଟି ଓଦା ଏବଂ ପିଚ୍ଛିଳ ଥିବାରୁ ନିର୍ଭୟ ଭାରସାମ୍ୟ ହରାଇ ଉକ୍ତ ୯ ଇଞ୍ଚ ଚଉଡ଼ାର ସଂକୀର୍ଣ୍ଣ ଗାତ ଭିତରକୁ ଖସି ପଡ଼ିଥିଲେ। ଶିଶୁଟି ଗାତରେ ପଡ଼ିବା ପରେ ପରିବାର ଲୋକେ ଏବଂ ଗ୍ରାମବାସୀ ଉଦ୍ଧାର ପାଇଁ ପ୍ରୟାସ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନକୁ ଖବର ଦିଆଯିବା ପରେ ସକାଳ ପ୍ରାୟ ୭.୩୦ ସୁଦ୍ଧା ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ବର୍ତ୍ତମାନ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ ଏବଂ ଭାରତୀୟ ସେନା ପକ୍ଷରୁ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡେପୁଟି କମିଶନର ଅଜୟ ସିଂହ ତୋମାର ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ବୋରୱେଲ୍ ମାତ୍ର ୯ ଇଞ୍ଚ ଚଉଡ଼ା ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ହୋଇଛି। ଏହି ଘଟଣା ପୁଣି ଥରେ ଖୋଲା ବୋରୱେଲ୍‌ର ବିପଦକୁ ସାମ୍ନାକୁ ଆଣିଛି।

# ସ୍କୁଲ ବସ୍ ଉପରେ ଗଛ ପଡ଼ି ୧୧ ବର୍ଷୀୟ ଛାତ୍ର ମୃତ

ମୁମ୍ବାଇ, ୩୦।୬ (ଏଜେନ୍ସି): ମୁମ୍ବାଇର ଚେମ୍ବୁର ଅଞ୍ଚଳରେ ମଙ୍ଗଳବାର ଏକ ସ୍କୁଲ ବସ୍ ଉପରେ ଏକ ବିରାଟ ଗଛ ଉପୁଡ଼ି ପଡ଼ିବା ଫଳରେ ଜଣେ ୧୧ ବର୍ଷୀୟ ଛାତ୍ରଙ୍କର ମୃତ୍ୟୁ ହୋଇଛି। ଏହାସହ ଅନ୍ୟ ୫ ଜଣ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁସାରେ, ଅପରାହ୍ଣ ପ୍ରାୟ ୨.୫୦ରେ ପ୍ରାୟ ୧୮ ଜଣ ପିଲାଙ୍କୁ ନେଇ ତିଲକ ନଗର ସ୍ଥିତ ୟୁନିଭର୍ସାଲ ସ୍କୁଲ ବସ୍‌ଟି ଯାତ୍ରା କରୁଥିଲା। ଏହି ସମୟରେ ହଠାତ୍ ଗଛଟି ବସ୍ ଉପରେ ପଡ଼ିଯିବା ଫଳରେ ବସ୍‌ର ଏକ ଅଂଶ ସମ୍ପୂର୍ଣ୍ଣ ଭାବେ ଚାପି ହୋଇଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମଧ୍ୟ ଚାପି ହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକ ଏବଂ ବସ୍ କଣ୍ଡକ୍ଟରଙ୍କ ସହାୟତାରେ ପିଲାମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ମୃତ ଛାତ୍ରଙ୍କ ନାମ ବିହାନ ଶ୍ରୀବାସ୍ତବ ବୋଲି ଜଣାପଡ଼ିଛି। ତାଙ୍କୁ ଡାକ୍ତରଖାନା ଆଣିବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର କହିଛନ୍ତି। ଆହତ ଅନ୍ୟ ୫ ଜଣ ଆହତ ଛାତ୍ରଙ୍କୁ ଚେମ୍ବୁରର ଜେନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସ୍ଥିର ଥିବାବେଳେ ଜଣେ ଛାତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି। ଘଟଣାସ୍ଥଳରେ ମୁମ୍ବାଇ ପୁଲିସ ଏବଂ ବିଏମସିର ଉଦ୍ଧାରକାରୀ ଦଳ ପହଞ୍ଚିଥିଲେ। ଗଛଟିକୁ ବସ୍ ଉପରୁ ହଟାଇବା ପାଇଁ ଏକ କ୍ରେନ୍ ସହାୟତା ନିଆଯାଇଥିଲା। ଗଛଟି କେଉଁ କାରଣରୁ ଉପୁଡ଼ିଲା, ସେ ନେଇ ଅଧିକାରୀମାନେ ଅଧିକ ତଦନ୍ତ ଚଳାଇଛନ୍ତି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି।

# ରାମ ମନ୍ଦିର ଚାନ୍ଦା ଚୋରି: ଚମ୍ପତ ରାୟଙ୍କ ଅଡୁଆ ବଢ଼ିଲା

- ଦୀର୍ଘ ସମୟ ଧରି ଜେରା କଲା ପୁଲିସ
- ଚମ୍ପତଠାରୁ ଦୂରେଇଲା ବିଶ୍ୱ ହିନ୍ଦୁ ପରିଷଦ



ଅଯୋଧ୍ୟା, ୩୦।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରକୁ ମିଳିଥିବା ଦାନ ଅର୍ଥର ବ୍ୟାପକ ଚୋରି ଏବଂ ହେରଫେର ଅଭିଯୋଗକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ରଖିଛି। ଟ୍ରଷ୍ଟରେ ଆର୍ଥିକ ଅନିୟମିତତା ଏବଂ କର୍ମକର୍ତ୍ତାଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପରେ ଚମ୍ପତ ରାୟ ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ସେହିଭଳି ବିଶେଷ ତଦନ୍ତକାରୀ ଦଳ (ଏସ୍‌ଆଇଟି)ର ପ୍ରାଥମିକ ତଦନ୍ତ ରିପୋର୍ଟ ପରେ ବଢୁଥିବା ଚାପ ଯୋଗୁଁ ଟ୍ରଷ୍ଟି ଅନିଲ ମିଶ୍ର ମଧ୍ୟ ଇସ୍ତଫା ପ୍ରଦାନ କରିଛନ୍ତି। ଚାନ୍ଦା ଘୋଟାଲାକୁ ନେି ସନ୍ଦେହ ଘେରରେ ଥିବା ଚମ୍ପତ ରାୟଙ୍କୁ ଇତିମଧ୍ୟରେ ପୁଲିସ ଦୀର୍ଘ ସମୟ ଧରି ପଚରାଉଚରା କରିଥିବା ଜଣାପଡ଼ିଛି।

ଏକ ସାକ୍ଷାତକାରରେ ଭିଏଚ୍‌ପିର ଅନ୍ତର୍ଜାତୀୟ ସଭାପତି ଆଲୋକ କୁମାର ସ୍ପଷ୍ଟ କହିଛନ୍ତି ଯେ, 'ଆମର ଭୂମିକା ଶେଷ ହୋଇଛି। ଦେଶର କୌଣସି ସ୍ଥାନରେ ମନ୍ଦିର ନିର୍ମାଣ ବା ପରିଚାଳନା କରିବା ଭିଏଚ୍‌ପିର କାମ ନୁହେଁ। ଟ୍ରଷ୍ଟରେ ଯାହା ଘଟୁଛି, ସେଥିପାଇଁ ଟ୍ରଷ୍ଟ ହିଁ ଦାୟୀ ରହିବ।' ଚମ୍ପତ ରାୟ ଟ୍ରଷ୍ଟର ସାଧାରଣ ସମ୍ପାଦକ ଭାବେ ନେଇଥିବା ନିଷ୍ପତ୍ତି ପାଇଁ ଭିଏଚ୍‌ପି ଦାୟୀ ରହିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଅଯୋଧ୍ୟାରେ ଯାହା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଏହାଦ୍ୱାରା ସାରା ବିଶ୍ୱର ହିନ୍ଦୁ, ଦାନ ଦେଇଥିବା ଶ୍ରଦ୍ଧାଳୁ ଏବଂ କରସେବକଙ୍କ ପରିବାର ଗଭୀର ଭାବେ ମାନସିକ ଆଘାତ ପ୍ରାପ୍ତ ହୋଇଛନ୍ତି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଦାନ ହେରଫେର ମାମଲାରେ ବର୍ତ୍ତମାନ ସୁଦ୍ଧା ଅବିନାଶ ଶୁକ୍ଳା, ଅନୁକଳ୍ପ ମିଶ୍ର ଏବଂ ଲବକୁଶ ମିଶ୍ରଙ୍କ ସମେତ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇଟି ବର୍ତ୍ତମାନ ବ୍ୟାପକ ତଦନ୍ତ ଜାରି ରଖିଛି। ଟ୍ରଷ୍ଟ ଏବଂ ଅଭିଯୁକ୍ତଙ୍କ ସହ ଜଡ଼ିତ ଗତ ୫ ବର୍ଷର ବ୍ୟାଙ୍କ ରେକର୍ଡ ଯାଞ୍ଚ କରାଯାଉଛି। ଜମା ରାଶି, କାରବାରର ଇତିହାସ ଏବଂ ନଗଦ ଅର୍ଥର ଗତିବିଧିକୁ ଅନୁଧ୍ୟାନ କରାଯାଉଛି। ସିସିଟିଭି ଫୁଟେଜ୍ ଏବଂ ଆଭ୍ୟନ୍ତରୀଣ ରେକର୍ଡକୁ ଯାଞ୍ଚ କରି ଦାନ କରାଯାଇଥିବା ଅର୍ଥ ସହ ସରକାରୀ ରେକର୍ଡ ମେଳ କରାଯାଉଛି। ଆଲୋକ କୁମାର ଦାବି କରିଛନ୍ତି ଯେ, ଏହି ତଦନ୍ତ କେବଳ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରେ ସୀମିତ ନରହି ଚମ୍ପତ ରାୟ ଏବଂ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ମଧ୍ୟ ହେବା ଉଚିତ।

# ଏସ୍‌ଆଇଆର୍ ପ୍ରସଙ୍ଗରେ ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଲେ ୨୩ଟି ଦଳ

ନୂଆଦିଲ୍ଲୀ, ୩୦।୬: ବିବାଦୀୟ ସ୍ୱତନ୍ତ୍ର ।।ଭୋଟର ତାଲିକା ସଂଶୋଧନ ବା ଏସଆଇଆର ପ୍ରସଙ୍ଗରେ ସୁପ୍ରିମ କୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ଚିଠି ଲେଖଇଛନ୍ତି ୨୩ଟି ବିରୋଧୀ ଦଳ। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିବା ସହିତ କୋର୍ଟଙ୍କ ହସ୍ତକ୍ଷେପ ଦାବି କରିଥିବା ଜଣାପଡ଼ିଛି।

କଂଗ୍ରେସ ମୁଖପାତ୍ର ଜୟରାମ ରମେଶ ଆଜି ଏହି ସୂଚନା ଦେଇ କହିଛନ୍ତି ଯେ ଡିଏମକେ ଏବଂ ଆପ୍ ସହିତ ଇଣ୍ଡିଆ ମେଣ୍ଟର ୨୧ଟି ଦଳ ତରଫରୁ ଏହି ଚିଠି ଲେଖାଯାଇଛି। ଗତ ଜୁନ ୮ ତାରିଖରେ ଇଣ୍ଡିଆ ମେଣ୍ଟ ବୈଠକରେ ଏସଂପର୍କରେ ନିଷ୍ପତ୍ତି ହୋଇଥିଲା। ସେହି ବୈଠକରେ ଡିଏମକେ ଏବଂ ଆପ୍ ଯୋଗ ଦେଇନଥିଲେ ମଧ୍ୟ ସେମାନେ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି। ଏହି ଦୁଇ ଦଳ ଇଣ୍ଡିଆ ମେଣ୍ଟର ଅଂଶୀଦାର ନୁହନ୍ତି। ତାମିଲନାଡୁରେ ବିଜୟଙ୍କ ଟିଭିକେ ଦଳ ସହ କଂଗ୍ରେସ ହାତ ମିଳାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ଇଣ୍ଡିଆ ମେଣ୍ଟରୁ ବାହାରି ଯାଇଥିଲା ଷ୍ଟାଲିନଙ୍କ ଡିଏମକେ। ତେବେ ଏସଆଇଆର ପ୍ରସଙ୍ଗରେ ସେମାନେ ଅନ୍ୟ ଦଳ ସହିତ ଏକମତ ବୋଲି ସ୍ପଷ୍ଟ କରିଛନ୍ତି। ୨୩ଟି ରାଜନୈତିକ ଦଳ ସହିତ ସ୍ୱାଧୀନ ସାଂସଦ ତଥା ବିଶିଷ୍ଟ ଆଇନଜୀବୀ କପିଲ ଶିବଲ ମଧ୍ୟ ଏହି ପତ୍ରରେ ସ୍ୱାକ୍ଷର କରିଛନ୍ତି।

ପତ୍ରରେ କଣ ଲେଖାଯାଇଛି, ତାହାର ବିସ୍ତୃତ ବିବରଣୀ ହସ୍ତଗତ ହୋଇନାହିଁ। ତେବେ ଏସଆଇଆର ପ୍ରକ୍ରିୟାରେ ଚାଲିଥିବା ଅନିୟମିତତା ନେଇ ସେମାନେ ପ୍ରଧାନ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏଥିରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବାକୁ ସେମାନେ ଦାବି କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଏଥିରେ ଟାର୍ଗେଟ କରାଯାଉଥିବା ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗତବର୍ଷ ବିହାରରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସଂପନ୍ନ ହୋଇଛି। ଏଥିରେ ୫ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି। ଗତ ଏପ୍ରିଲରେ ପଶ୍ଚିମ ବଙ୍ଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୨୭ ଲକ୍ଷ ଭୋଟରଙ୍କୁ ମତଦାନରୁ ବଞ୍ଚିତ କରାଯାଇଥିଲା। ସେମାନଙ୍କର ଅପିଲ ଏବେ ବି ବିଭିନ୍ନ ଟ୍ରିବୁନାଲର ବିଚାରାଧୀନ ରହିଛି। ବିଚାର ପ୍ରକ୍ରିୟାକୁ ଜାଣିଶୁଣି ମନ୍ଥର କରାଯାଉଥିବା ଅଭିଯୋଗ ହୋଇଛି।

# ଆମ ପାଣି ବନ୍ଦ କଲେ ହାତ କାଟି ଦେବୁ: ପାକ୍ ଧମକ

ଇସଲାମାବାଦ, ୩୦।୬ (ଏଜେନ୍ସି): ସିନ୍ଧୁ ଜଳ ବଣ୍ଟନକୁ ନେଇ ଭାରତ ଏବଂ ପାକିସ୍ତାନ ମଧ୍ୟରେ ବିବାଦ ଲାଗି ରହିଛି। ଏନେଇ ପାକିସ୍ତାନ ଭାରତକୁ ବାରମ୍ବାର ଧମକ ଦେଇଆସିଛି। ଏହି ପରିପ୍ରେକ୍ଷୀରେ ଆଜି ପୁଣି ପାକିସ୍ତାନର ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ମୁସାଦିକ ମଲିକ ଭାରତକୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଯେ, ସିନ୍ଧୁ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନର ଜଳ ଯୋଗାଣକୁ ରୋକିଲେ, ଇସଲାମାବାଦ ସେମାନଙ୍କ 'ହାତ କାଟି ଦେବ'। ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାରଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ମଲିକ ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନର ଜଳ ଯୋଗାଣକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି। ସେ କହିଛନ୍ତି, 'ପଡ଼ୋଶୀ ଦେଶର ପ୍ରଧାନମନ୍ତ୍ରୀ ଏକ ଟ୍ୟାପ୍ (କଳ)ର ନିୟନ୍ତ୍ରଣ ନିଜ ହାତରେ ରଖି ପାକିସ୍ତାନକୁ ବୁନ୍ଦାଏ ଜଳ ମଧ୍ୟ ଛାଡିବେ ନାହିଁ କହୁଛନ୍ତି।' ମଲିକ ଦୋହରାଇଛନ୍ତି ଯେ ପାକିସ୍ତାନ ନିଜର ଜଳ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ପ୍ରତିବଦ୍ଧ ଏବଂ ଭାରତକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ୨୦୨୫ରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଛି। ଭାରତର ଯୁକ୍ତି ହେଉଛି ଯେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଜାରି ରହିଥିବା ବେଳେ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବା ସମ୍ଭବ ନୁହେଁ। ଅନ୍ୟପଟେ, ପାକିସ୍ତାନର ସୂଚନା ମନ୍ତ୍ରୀ ତାରାର ଦାବି କରିଛନ୍ତି।

# ସିୟାଙ୍କୁ ନେଇ ସନ୍ଦେହରେ ଥିଲେ କେତନ ଅଗ୍ରୱାଲ



ପୁଣେ, ୩୦।୬ (ଏଜେନ୍ସି): ମହାରାଷ୍ଟ୍ରର ଲୋହଗଡ଼ ଦୁର୍ଗରେ ପୁଣେ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ହତ୍ୟା ମାମଲାରେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, କେତନଙ୍କୁ ନିଜ ଭାବି ପତ୍ନୀ ସିୟା ଗୋୟଲଙ୍କ ଚରିତ୍ର ଉପରେ ସନ୍ଦେହ ଥିଲା ଏବଂ ସେ ସିୟାଙ୍କର ଅନ୍ୟ କାହା ସହ ପ୍ରେମ ସମ୍ପର୍କ ଥିବା ନେଇ ନିଜ ପରିବାର ସହିତ ଆଲୋଚନା ମଧ୍ୟ କରିଥିଲେ। ପୁଲିସର ସୂଚନା ଅନୁଯାୟୀ, କେତନ ଏବଂ ସିୟାଙ୍କ ମଧ୍ୟରେ ଚଳିତ ବର୍ଷ ଫେବୃଆରୀରେ ନିର୍ବନ୍ଧ ସମ୍ପନ୍ନ ହୋଇଥିଲା ଏବଂ ଆସନ୍ତା ନଭେମ୍ବରରେ ସେମାନଙ୍କର ବିବାହ ସ୍ଥିର ହୋଇଥିଲା। ତେବେ କେତନ ନିଜ ପରିବାର ସଦସ୍ୟଙ୍କୁ ସିୟାଙ୍କର ଚେତନ ଚୌଧୁରୀ ନାମକ ଜଣେ ଯୁବକଙ୍କ ସହ ନିବିଡ଼ ସମ୍ପର୍କ ରହିଛି ବୋଲି ଅବଗତ କରିଥିଲେ। ଏପରିକି କେତନ ବିବାହ ସ୍ଥିର କରିବା ପୂର୍ବରୁ ସିୟାଙ୍କର ପୃଷ୍ଠଭୂମି ଯାଞ୍ଚ କରାଯାଇଛି କି ନାହିଁ ବୋଲି ବାରମ୍ବାର ପରିବାରକୁ ପ୍ରଶ୍ନ କରିଥିଲେ। ସିୟା ଫୋନ୍‌ରେ ସବୁବେଳେ ବ୍ୟସ୍ତ ରହୁଥିବା ଏବଂ କଥାବାର୍ତ୍ତା ବେଳେ ପ୍ରାୟତଃ ଚେତନଙ୍କ ନାମ ନେଉଥିବା କଥା ମଧ୍ୟ ସେ ପରିବାରକୁ କହିଥିଲେ।

ଜୁନ୍ ୧୮ରେ ସିୟା ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି କେତନଙ୍କୁ ଲୋହଗଡ଼ ଦୁର୍ଗର ଏକ ପାହାଡ଼ ଉପରୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ସିୟା ଗୋୟଲ ଏବଂ ଚେତନ ଚୌଧୁରୀଙ୍କୁ ଗିରଫ କରିଛି। କୋର୍ଟ ସେମାନଙ୍କୁ ଜୁଲାଇ ୩ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇଛନ୍ତି। କେତନଙ୍କ ପିତା ବିଶାଳ ଅଗ୍ରୱାଲଙ୍କ ଅଭିଯୋଗ ଅନୁଯାୟୀ, ସିୟା ପୂର୍ବରୁ ବାଲି ଯିବାର ଏକ ଯୋଜନାକୁ ମଧ୍ୟ ଜାଣିଶୁଣି ବାତିଲ କରିଥିଲେ ଏବଂ ସବୁବେଳେ ଛୋଟ ଛୋଟ କଥାରେ କେତନଙ୍କ ସହ ଝଗଡ଼ା କରୁଥିଲେ। ପୁଲିସ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରଖିଛି। ଏହାସହ ଅପରାଧ ସ୍ଥଳରେ କ୍ରାଇମ ସିନ ରିକ୍ରିଏସନ୍ କରି ଅଧିକ ତଦନ୍ତ ଚଳାଇଛି।

କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଓକିଲ ବୋଲି ଦାବି କରୁଥିବା ଆଡଭୋକେଟ୍ ଆଶୁତୋଷ ଶ୍ରୀବାସ୍ତବ, ସିୟାଙ୍କ ଭାଇ ସାହିଲ ଗୋୟଲଙ୍କ ବିରୋଧରେ ୧୦ କୋଟି ଟଙ୍କାର ମାନହାନି ନୋଟିସ୍ ପଠାଇଛନ୍ତି। ଏକ ସାକ୍ଷାତକାରରେ ସାହିଲ କହିଥିଲେ ଯେ, ଗୋୟଲ ପରିବାର ପକ୍ଷରୁ ଆଶୁତୋଷ ଶ୍ରୀବାସ୍ତବଙ୍କୁ ନିଯୁକ୍ତ କରାଯାଇ ନାହିଁ। ସେ ଅଭିଯୋଗ କରିଥିଲେ ଯେ ଶ୍ରୀବାସ୍ତବ ହୁଏତ ପ୍ରତାରଣା କରି ସିୟାଙ୍କଠାରୁ କେତେକ ଆଇନଗତ ଦଲିଲରେ ସ୍ୱାକ୍ଷର କରାଇ ନେଇଥାଇ ପାରନ୍ତି ଏବଂ ପରିବାରକୁ ଧମକ ଦେଉଛନ୍ତି।

# ଇଥାନଲ୍ ମିଶ୍ରଣ ଏକ ପରୀକ୍ଷା, ଫଳାଫଳ ଆସନ୍ତାବର୍ଷକୁ

## ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଭାରତ ୨୦୨୫ରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣର ଲକ୍ଷ୍ୟ ହାସଲ କରିଛି, ନିର୍ଦ୍ଧାରିତ ସମୟର ୫ ବର୍ଷ ପୂର୍ବରୁ ଏହା ହୋଇଛି। ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଚଳିତବର୍ଷ ଏପ୍ରିଲ ପହିଲାରୁ ସାରା ଦେଶରେ ଇଥାନଲ୍ ମିଶ୍ରିତ ପେଟ୍ରୋଲ ଯୋଗାଣ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାର ମଙ୍ଗଳବାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ପାଇଁ ପରୀକ୍ଷଣ ଚାଲିଛି। ଏହାର ଫଳାଫଳ ଆସନ୍ତା ବର୍ଷ ଆସିଯିବ ବୋଲି ସରକାର କହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ମନ୍ତବ୍ୟ ଏପରି ସମୟରେ ଆସିଛି ଯେତେବେଳେ ଦେଶରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ଯୋଗୁଁ ପୁରୁଣା ଯାନବାହନଗୁଡିକ ପ୍ରତି ସମ୍ଭାବ୍ୟ କ୍ଷତି ପହଞ୍ଚିବା ନେଇ ଜୋରଦାର ବିତର୍କ ଚାଲିଛି। ସରକାର କୌଣସି ଠୋସ୍ ପ୍ରମାଣ ନ ଥିବା କହି ଇ-୨୦ପେଟ୍ରୋଲ ଯାନ୍ତ୍ରିକ କ୍ଷତି ଘଟାଉଥିବା ଚିନ୍ତାକୁ ଦୂର କରିବାକୁ ଚେଷ୍ଟା କରିଛନ୍ତି। ସରକାରଙ୍କ ଯୁକ୍ତି ହେଉଛି, ଏହି ନୀତି ଭାରତର ଶକ୍ତି ସୁରକ୍ଷା, ଚାଷୀ ଏବଂ ପରିବେଶ ପାଇଁ ଲାଭଦାୟକ ପ୍ରମାଣିତ ହେବ। କର୍ଣ୍ଣାଟକ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରି ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ (ବିପିସିଏଲ୍) ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଯୁକ୍ତି ସମୟରେ ଆଟର୍ଣ୍ଣି ଜେନେରାଲ୍ ଆର. ଭେଙ୍କଟରମଣି ଏହି ମନ୍ତବ୍ୟ ଦେଇଛନ୍ତି।




ଜୁନ୍ ୨୩ ଆଦେଶରେ କର୍ଣ୍ଣାଟକ ହାଇକୋର୍ଟ ତୈଳ କମ୍ପାନୀ ବିପିସିଏଲ, ଏଚ୍‌ପିସିଏଲ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନ (ଆଇଓସି)କୁ ଟେଣ୍ଡର ଚୂଡ଼ାନ୍ତ କରିବା ପୂର୍ବରୁ ଇଥାନଲ୍ ଆବଣ୍ଟନ ବୃଦ୍ଧି ପାଇଁ ଏକ ଡିଷ୍ଟିଲେରୀ ଦ୍ୱାରା ଦାୟର କରାଯାଇଥିବା ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ବିପିସିଏଲ ସୁପ୍ରିମକୋର୍ଟରେ ଯୁକ୍ତି ଦର୍ଶାଇଥିଲା ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ହାସଲ କରିବା ପାଇଁ ସରକାରଙ୍କ ବ୍ୟାପକ ନୀତିଗତ ଉଦ୍ଦେଶ୍ୟକୁ ପ୍ରଭାବିତ କରିପାରେ। ଆଟର୍ଣ୍ଣି ଜେନେରାଲ କହିଛନ୍ତି, ସରକାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ସହିତ ଏହାର ପରୀକ୍ଷଣ କରୁଛନ୍ତି। ଆସନ୍ତା ବର୍ଷ ସୁଦ୍ଧା ଫଳାଫଳ କ'ଣ ରହୁଛି ତାହା ଦେଖାଯିବ। ଶୁଣାଣି ସମୟରେ, ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ ଯେ ବିପିସିଏଲ୍‌ର ଏହି ନିର୍ଦ୍ଦେଶ ବିରୁଦ୍ଧରେ କର୍ଣ୍ଣାଟକ ହାଇକୋର୍ଟ ଡିଭିଜନ ବେଞ୍ଚକୁ କାହିଁକି ଯାଇନାହିଁ।




ଏସୀୟ କ୍ରୀଡ଼ାରେ ହରମନ୍‌ପ୍ରୀତଙ୍କୁ ନେତୃତ୍ୱ

▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-07 ◆WEDNESDAY ◆01 JULY 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୭ ◆ବୁଧବାର ◆୦୧ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଟ୍ରମ୍ପ୍‌ଙ୍କୁ ପୁଣି ଝଟ୍‌କା ଦେଲେ ଆମେରିକା ସୁପ୍ରିମକୋର୍ଟ

■ ୱାଶିଂଟନ୍, ୩୦।୬ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟ ମଙ୍ଗଳବାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଏକ ବଡ଼ ଝଟ୍‌କା ଦେଇଛନ୍ତି। ଜନ୍ମଗତ ନାଗରିକତା ପ୍ରଦାନ ପାଇଁ ବ୍ୟବସ୍ଥାରେ ପରିବର୍ତ୍ତନ ନିମନ୍ତେ କୋର୍ଟ ତାଙ୍କର ପ୍ରୟାସକୁ ଅଟକାଇଛନ୍ତି। ୬-୩ ବହୁମତ ନିଷ୍ପତ୍ତିରେ, କୋର୍ଟ ରାୟ ଦେଇଛନ୍ତି ଯେ ଟ୍ରମ୍ପଙ୍କ ଦ୍ୱାରା ୨୦୨୫ ଜାନୁଆରୀ ୨୦ ରେ ତାଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ଦିନ ଜାରି କରାଯାଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆଇନ ଅନୁଯାୟୀ ନୁହେଁ। ୫ ଜଣ ବିଚାରପତି କହିଛନ୍ତି ଯେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଆମେରିକା ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ଉଲ୍ଲଙ୍ଘନ କରୁଛି, ଯାହା ଆମେରିକାରେ ଜନ୍ମିତ ପ୍ରାୟ ସମସ୍ତଙ୍କୁ ନାଗରିକତା ପ୍ରଦାନ କରେ। ଏହି ସମୟରେ, ବିଚାରପତି ବ୍ରେଟ୍ କାଭାନା କହିଛନ୍ତି ଯେ ଏହି ନିର୍ଦ୍ଦେଶ ସଂଘୀୟ ଆଇନକୁ ଉଲ୍ଲଙ୍ଘନ କରେ, କିନ୍ତୁ ସମ୍ବିଧାନକୁ ନୁହେଁ। ଚଳିତ ମାସରେ ସୁପ୍ରିମକୋର୍ଟରେ ଏହା ଟ୍ରମ୍ପଙ୍କ ତୃତୀୟ ବଡ଼ ବିପର୍ଯ୍ୟୟ। ଫେବୃଆରୀ ପୂର୍ବରୁ, କୋର୍ଟ ତାଙ୍କ ଟାରିଫ୍ ନୀତିକୁ ବାତିଲ କରିଦେଇଥିଲେ। ସୋମବାର, କୋର୍ଟ ତାଙ୍କୁ



ଫେଡେରାଲ୍ ରିଜର୍ଭ ଅଧିକାରୀ ଲିସା କୁକ୍‌ଙ୍କୁ ତୁରନ୍ତ ପଦରୁ ବହିଷ୍କାର କରିବାରୁ ମଧ୍ୟ ବାରଣ କରିଥିଲେ।

**ଜନ୍ମଗତ ନାଗରିକତାକୁ ଅବରୋଧ କରିବା ପାଇଁ ନିର୍ଦ୍ଦେଶ ପ୍ରତ୍ୟାହାର**


ଟ୍ରମ୍ପ୍‌ଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସମ୍ବିଧାନର ଚତୁର୍ଦ୍ଦଶ ସଂଶୋଧନକୁ ପୁନଃ ବ୍ୟାଖ୍ୟା କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହି ସଂଶୋଧନରେ କୁହାଯାଇଥିଲା ଯେ ଆମେରିକାରେ ଜନ୍ମଗ୍ରହଣ କରିଥିବା ଏବଂ ଏହାର କ୍ଷେତ୍ରାଧିକାର ଅଧୀନରେ ଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ଆମେରିକୀୟ ନାଗରିକ। ତଥାପି, ସୁପ୍ରିମକୋର୍ଟର ୯ ଜଣ ବିଚାରପତିଙ୍କ ମଧ୍ୟରୁ ୬ ଜଣ ସାଧାରଣତଃ ରକ୍ଷଣଶୀଳ ବିଚାରଧାରର ବୋଲି ବିବେଚନା କରାଯାଉଛି, ସେଥିରେ ଟ୍ରମ୍ପଙ୍କ ଦ୍ୱାରା ନିଯୁକ୍ତ ତିନି ଜଣ ମଧ୍ୟ ସାମିଲ। କୋର୍ଟ ଅନ୍ୟ ଅନେକ ମାମଲାରେ ଟ୍ରମ୍ପଙ୍କ ସପକ୍ଷରେ ମଧ୍ୟ ରାୟ ଦେଇଛନ୍ତି।

## ୧୨୬ ବର୍ଷରେ ୫ମ ଶୁଖିଲା ଜୁନ୍

# ମହାବିପଦରେ ୨୨ ରାଜ୍ୟ

■ ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଏଥର ନିରାଶ କଲା ଜୁନ୍ ମୌସୁମୀ। କେବଳ ନିରାଶ କରିନାହିଁ, ଭୟଙ୍କର ପରିସ୍ଥିତି ମଧ୍ୟ ସୃଷ୍ଟି କରିଛି। ବର୍ଷା ନଥିବାରୁ ମରୁଡ଼ି ପରିସ୍ଥିତି ଦେଖାଦେଲାଣି। ଏଥର ଜୁନ ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବାରୁ ଗତ ୧୨୬ ବର୍ଷରେ ସବୁଠାରୁ ପଞ୍ଚମ ଶୁଖିଲା ଜୁନ ମାସରେ ପରିଣତ ହୋଇଛି। ୧୯୦୧ ପରେ ପଞ୍ଚମ ଥର ଲାଗି ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଧୋକା ଦେଇଥିବାରୁ ଦେଶର ବ୍ୟାପକ ଅଞ୍ଚଳ ଶୁଖିଲା ପଡ଼ିଛି। ଚାଷ କାମ ଆରମ୍ଭ ହୋଇପାରି ନଥିବାରୁ କୃଷି କ୍ଷେତ୍ର ପାଇଁ ମାଡ଼ି ଆସିଲାଣି ମହାବିପଦ।

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜୁନ ମାସରେ ୧୬୫.୩ ଏମ୍‌ଏମ୍ ବର୍ଷା ହେବା କଥା। କିନ୍ତୁ ଜୁନ ୧ରୁ ୩୦ ତାରିଖ ମଧ୍ୟରେ ଏଥର ହୋଇଛି ମାତ୍ର ୯୯.୫ ଏମ୍‌ଏମ୍ ବର୍ଷା। ପୂରା ମାସରେ ୪୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ୨୦୦୯ ଜୁନରେ ▶ପୃଷ୍ଠା-୭




## ଆସୁଛି ଯୋଡ଼ା ଲଘୁଚାପ


## ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

■ ଭୁବନେଶ୍ୱର, ୩୦।୬ (ସମିସ): କମ୍ ବର୍ଷାକୁ ନେଇ ସାରା ରାଜ୍ୟରେ ଚାଷବାସ ପଛେଇଥିବା ସମୟରେ ଆଗପଛ ହୋଇ ଆସୁଛି ଦୁଇଟି ଲଘୁଚାପ। ଚଳିତ ମୌସୁମୀ ଋତୁର ପ୍ରଥମ ଲଘୁଚାପ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ୨ ତାରିଖଠାରୁ ବର୍ଷାର ପ୍ରଭାବ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ବର୍ତ୍ତମାନ ଉପର ବାୟୁମଣ୍ଡଳୀୟ ଏକ ଘୂର୍ଣ୍ଣିବଳୟ ରହିଛି। ଉତ୍ତର ବଙ୍ଗୋପସାଗର ଏବଂ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସମୁଦ୍ର ପତ୍ତନରୁ ପ୍ରାୟ ୧.୫ରୁ ୫.୮ କି.ମି. ଉଚ୍ଚତା ମଧ୍ୟରେ ଏହା ରହିଛି। ଯାହାର ପ୍ରଭାବରେ ଜୁଲାଇ ୩ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ▶ପୃଷ୍ଠା-୭

## ପାଠ୍ୟବହିରେ ତ୍ରୁଟି

# କିଏ ନେବ ଉତ୍ତରଦାୟିତ୍ୱ: ନବୀନ

■ ଭୁବନେଶ୍ୱର, ୩୦।୬ (ସମିସ): ରାଜ୍ୟରେ ପାଠ୍ୟ ପୁସ୍ତକରେ ମାଳମାଳ ତ୍ରୁଟିକୁ ନେଇ ଓଡ଼ିଶା ଜାତୀୟ ସ୍ତରରେ ନିନ୍ଦିତ ହୋଇଛି। ଜାତୀୟ ଗଣମାଧ୍ୟମରେ ଓଡ଼ିଶାରେ ପିଲାଙ୍କ ବହିରେ ତ୍ରୁଟି ଡ଼ିବିଡ଼ିବି ହୋଇ ବାଜୁଛି। ତ୍ରୁଟିଯୁକ୍ତ ବହି ପିଲାଙ୍କ ଭବିଷ୍ୟତକୁ ନଷ୍ଟ କରିବ ବୋଲି ଅଭିଭାବକମାନେ କ୍ଷୋଭ ପ୍ରକାଶ କରିବା ନୂତନ ସଂଶୋଧିତ ବହି ପ୍ରଦାନ କରିବାକୁ ଦାବି କରିଛନ୍ତି। ବହି ପରିବର୍ତ୍ତନ ପାଇଁ ମୁଖ୍ୟମନ୍ତ୍ରୀ ଗୋଟିଏ କଥା କହୁଥିବା ସମୟରେ ଗଣଶିକ୍ଷାମନ୍ତ୍ରୀ ଭିନ୍ନ କଥା କହୁଛନ୍ତି। ଯାହାକୁ ନେଇ କ୍ଷୋଭ ସହ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତ୍ରୁଟିପୂର୍ଣ୍ଣ ପୁସ୍ତକ ଆମ ପିଲାମାନଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ଉଲ୍ଲେଖ କରି ଏହାର ଉତ୍ତରଦାୟିତ୍ୱ କିଏ ନେବ ବୋଲି ପ୍ରଶ୍ନ କରିଛନ୍ତି।



**ସତ୍ୟ ଓ ତଥ୍ୟ ସହ ଶିଶୁକୁ ପରିଚିତ କରିବାର ମାଧ୍ୟମ ସ୍କୁଲ ବହି**

**ତ୍ରୁଟିପୂର୍ଣ୍ଣ ବହି ପିଲାଙ୍କ ଭବିଷ୍ୟତ ମୂଳଦୁଆ ଉପରେ ଆଘାତ ଦେଇଛି**

**କୋମଳମତି ପିଲାମାନଙ୍କ ବିଶ୍ୱାସ ଭାଙ୍ଗିବାକୁ ଉଦ୍ୟମ ହୋଇଛି**

ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ କହିଛନ୍ତି ଯେ ବିଦ୍ୟାଳୟର ପୁସ୍ତକ କେବଳ ବହି ନୁହେଁ, ପ୍ରତ୍ୟେକ ଶିଶୁ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚିତ ହେବାର ପ୍ରଥମ ମାଧ୍ୟମ। ଶିଶୁଟିଏ ଅନେକ କଥାକୁ ପ୍ରଶ୍ନ କରିପାରେ, କିନ୍ତୁ ସ୍କୁଲ ପାଠ୍ୟପୁସ୍ତକରେ ଛପା ହୋଇଥିବା ଶବ୍ଦକୁ କେବେ ସନ୍ଦେହ କରେ ନାହିଁ। ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ରହିଥାଏ। ସ୍କୁଲ ପାଠ୍ୟପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ, ବରଂ ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ି ଉଠେ। ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି। କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ରହି ନାହିଁ; ଏହା ଆମ ପିଲାମାନଙ୍କ ଭବିଷ୍ୟତର ▶ପୃଷ୍ଠା-୭

## ବାଣପୁରରେ ଭିଡ଼ହିଂସା

# ଲୁଚାଇବାକୁ ଯାଇ ଫସିଲା ପୁଲିସ

■ ଖୋର୍ଦ୍ଧା/ବାଣପୁର, ୩୦।୬ (ସମିସ): ବେଳକୁ ବେଳ ବିପର୍ଯ୍ୟସ୍ତ ହେଉଛି ରାଜ୍ୟରେ ଆଇନ ଶୃଙ୍ଖଳା। ବାଲିଅନ୍ତା, ପିପିଲି ପରେ ପୁଣି ବାଣପୁରରେ ଘଟିଛି ଆଉ ଏକ ଭିଡ଼ ହିଂସା। ବାଣପୁରରେ ଗାଁ ଲୋକଙ୍କ ମାଡ଼ରେ ଗୁରୁତର ଆହତ ତୋଫାନ ନାୟକକୁ ପୁଲିସ ଉଦ୍ଧାର କରି ଥାନାକୁ ଆଣିବା, ବିଳମ୍ବିତ ସନ୍ଧ୍ୟାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ଓ ପରଦିନ ଚିକିତ୍ସାଧୀନ ଅବସ୍ଥାରେ କ୍ୟାପିଟାଲ ହସପିଟାଲରେ ତାର ମୃତ୍ୟୁ ଘଟଣା ପୁଲିସକୁ ଅକଳରେ ପକାଇଛି । ପରିବାର ଲୋକେ ପ୍ରଥମେ ଥାନାରେ ତାକୁ ଥାଡର୍ ଡ଼ିଗ୍ରୀ ଦିଆଯାଇଥିବା ଅଭିଯୋଗ କରିଥିଲେ ହେଁ ଏସ୍‌ପି ଏହି ଅଭିଯୋଗକୁ ଅସ୍ୱୀକାର କରିଥିଲେ। ସୁସ୍ଥ ଅବସ୍ଥାରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ କହିଥିଲେ। ମାତ୍ର ଆଜି ତୋଫାନକୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମରାଯାଉଥିବାର ଏକ ଭିଡ଼ିଓ ଭାଇରାଲ ହେବା ପରେ ଥାଡର୍ ଡ଼ିଗ୍ରୀ ଅଭିଯୋଗରୁ ମୁକୁଳିଥିବା ପୁଲିସ ଆଉ ଏକ ନୂଆ ବିବାଦରେ ଛନ୍ଦି ହୋଇଛି। ତୋଫାନର ମୃତ୍ୟୁ ସାମୂହିକ ଆକ୍ରମଣ ଯୋଗୁ ହୋଇଥିବା ଅଭିଯୋଗ ହେବା ପରେ ▶ପୃଷ୍ଠା-୭

**ରହସ୍ୟ ଖୋଲିଦେଲା ମାଡ଼ର ଭାଇରାଲ ଭିଡ଼ିଓ**

**ଖୁଣ୍ଟରେ ବାନ୍ଧି ତୋଫାନକୁ ପିଟିଥିଲେ ଗ୍ରାମବାସୀ**

## ଏକତରଫା ପ୍ରେମ ପାଇଁ ବିବାହିତ ଯୁବକର ଉନ୍ମତ୍ତ କାଣ୍ଡ

## ନାବାଳିକାକୁ ଜିଅନ୍ତା ଜାଳିଦେବାକୁ ଉଦ୍ୟମ



■ ଭଦ୍ରକ/ଧୂଷୁରୀ/ଅସୁରାଳି, ୩୦।୬ (ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଫତେପୁର ପଞ୍ଚାୟତର ଫତେପୁର ଗାଁର ଜଣେ ୩୩ ବର୍ଷୀୟ ବିବାହିତ ଯୁବକ ନିକଟସ୍ଥ ଗାଁର ଜଣେ ଦଶମ ଶ୍ରେଣୀର ୧୫ ବର୍ଷୀୟା ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପେଟ୍ରୋଲ ଢାଳି ନିଆଁ ଲଗାଇବାକୁ କରୁଥିବା ଉଦ୍ୟମ ପଣ୍ଡ ହୋଇଛି। ସ୍ଥାନୀୟ ଲୋକେ ସେହି ଯୁବକକୁ ଧରି ଅଟକ ରଖିଥିବା ବେଳେ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥାନାକୁ ଆଣି ଅଟକ ରଖିଥିଲେ।

ସୂଚନାଯୋଗ୍ୟ, ଫତେପୁର ପଞ୍ଚାୟତ ଧର୍ମାଗତପୁର ଗାଁର ନିରଞ୍ଜନ ଜେନାଙ୍କ ପୁଅ ଦିଲ୍ଲୀପ ଜେନା (୩୨) ଦୀର୍ଘଦିନ ଧରି ଉକ୍ତ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ଆସୁଥିଲେ। ଛାତ୍ରୀ ଏଥିରେ ରାଜି ନ ହେବାରୁ ମଙ୍ଗଳବାର ପୂର୍ବାହ୍ନରେ ସେ ସ୍କୁଲକୁ ଯାଉଥିବାବେଳେ ଲେଙ୍ଗାରା ଛକ ନିକଟରେ ତାଙ୍କୁ ଅଟକାଇ ପେଟ୍ରୋଲ ଢାଳି ଜୀବନ୍ତ ପୋଡ଼ି ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଛାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ▶ପୃଷ୍ଠା-୭

## ନାବାଳିକା ଭାଣିଜୀକୁ ନିଆଁରେ ପୋଡ଼ି ହତ୍ୟା ମାମଲା

## ହତ୍ୟାକାରୀ ମାମୁଁକୁ ଫାଶୀଦଣ୍ଡ

■ ବ୍ରହ୍ମପୁର, ୩୦।୬ (ସମିସ): ନାବାଳିକା ଭାଣିଜିକୁ କିରାସିନି ଢାଳି ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଗତକାଲି ଏହି ମାମଲାର ବିଚାରଣା ଶେଷ ପରେ ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଦୋଷୀ ସାବ୍ୟସ୍ତ କରିଥିଲେ କୋର୍ଟ। ଆଜି ମାମଲାରେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ମାମୁଁକୁ ଦଣ୍ଡବିଧାନ କରାଯାଇଛି। ନାବାଳିକା ଭାଣିଜି ଗାୟତ୍ରୀ ପାତ୍ର(୧୩)କୁ କିରୋସିନି ଢାଳି ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ମାମୁଁ ଶୁପ୍ରିନ ଦିଗାଲକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି କୋର୍ଟ। ଦଣ୍ଡାଦେଶ ବେଳେ ବ୍ରହ୍ମପୁର ଜେଲରେ ଥିବା ଅଭିଯୁକ୍ତ ଶୁପ୍ରିନ ଦିଗାଲକୁ କୋର୍ଟରେ ହାଜର କରାଯାଇଥିଲା। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡାଙ୍କ କୋର୍ଟରେ ଏହି ଦଣ୍ଡାଦେଶ ହୋଇଛି। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୨ମସିହା ଏପ୍ରିଲ ୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ▶ପୃଷ୍ଠା-୭


## ୩ ମାସ ଭତ୍ତା ବନ୍ଦ ପରେ ଏବେ କେୱାଇସି କଷଣ

# ଆଧାର ସଂଯୋଗ ନ ହେଲେ ମିଳିବନି ଭତ୍ତା

■ ଭୁବନେଶ୍ୱର, ୩୦।୬ (ସମିସ): ନିର୍ବାଚନ ପୂର୍ବରୁ ନିଜର ସଙ୍କଳ୍ପ ପତ୍ରରେ ରାଜ୍ୟରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଓ ନିରାଶ୍ରୟ ଆଦିଙ୍କ ମାସିକ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ବିଜେପି କହିଥିଲା। ମାତ୍ର ରାଜ୍ୟରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇପାରି ନାହିଁ। ବର୍ଦ୍ଧିତ ଭତ୍ତା ତ ଦୂରର କଥା, ପୂର୍ବ ସରକାର ସମୟରେ ଯେଉଁ ହିତାଧିକାରୀମାନେ ମାସକୁ ମାସ ଭତ୍ତା ପାଉଥିଲେ ସେମାନଙ୍କୁ ନିୟମିତ ଭତ୍ତା ମିଳୁନାହିଁ। ଗତ ୩ ମାସ ହେବ ରାଜ୍ୟରେ ଭତ୍ତା ପ୍ରଦାନକୁ ନେଇ ଏକ ପ୍ରକାର ଅଚଳାବସ୍ଥା ଲାଗି ରହିଥିବା ବେଳେ ଏବେ ୩ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ମୁଣ୍ଡରେ ପଡ଼ିଛି କେୱାଇସି ଚଡ଼କ। ଆଧାର ସଂଯୋଗ ନ ହେଲେ ସେମାନଙ୍କୁ ଆଉ ଭତ୍ତା ମିଳିବ ନାହିଁ ବୋଲି ପରୋକ୍ଷରେ ସୂଚାଇ ଦିଆଯାଇଛି ।

**୨ ବର୍ଷ ପରେ ବି ୩ ହଜାର ଭତ୍ତା ଅପେକ୍ଷାରେ ହିତାଧିକାରୀ**

ବିଜେପିର ୨୦୨୪ ନିର୍ବାଚନୀ ସଙ୍କଳ୍ପ ପତ୍ରରେ ମୁଖ୍ୟମନ୍ତ୍ରୀ ସହାୟତା ଯୋଜନା ମାଧ୍ୟମରେ ୬୦ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ଦେବାକୁ ଘୋଷଣା କରିଥଲେ। ୮୦ ବର୍ଷ ଊର୍ଦ୍ଧ୍ୱ ଓ ୮୦ ପ୍ରତିଶତ ଅକ୍ଷମତା ବିଶିଷ୍ଟ ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରତିଶ୍ରୁତି ମିଳିଥିଲା। ସରକାର ଗଠନ ପରେ ୮୦ ବର୍ଷରୁ ଊର୍ଦ୍ଧ୍ୱ ଓ ୮୦% ଦିବ୍ୟାଙ୍ଗଙ୍କୁ ପ୍ରତିଶ୍ରୁତି ମୁତାବକ ଭତ୍ତା ମିଳୁଥିବାବେଳେ ୬୦ ବର୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଭତ୍ତା ମିଳିନାହିଁ। ପୂର୍ବରୁ ଯେଉଁ ହିତାଧିକାରୀମାନେ ୧୦୦୦ ଟଙ୍କା ଭତ୍ତା ପାଉଥିଲେ, ସେମାନଙ୍କୁ ମଧ୍ୟ ତାହା ନିୟମିତ ମିଳୁନାହିଁ। ଗତ କିଛି ମାସ ଧରି ରାଜ୍ୟର ପ୍ରାୟ ୧୮ ଲକ୍ଷରୁ ଅଧିକ ହିତାଧିକାରୀ ଭତ୍ତା ନ ପାଇବା ପ୍ରସଙ୍ଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଏହି ▶ପୃଷ୍ଠା-୭

### ମା’ ଓ ଶିଶୁର ମୃତ୍ୟୁ ପରେ ବି ଶେଷ ହେଲାନି ଯନ୍ତ୍ରଣା

# ଖଟିଆରେ ୪ କିମି ବୁହାଗଲା ମୃତଦେହ

ରାୟଗଡ/ଗୁଡ଼ାରୀ,୩୦।୬(ସମିସ):



ଗତ ଶନିବାର ଘଟିଥିବା ଏକା ହୃଦୟ ବିଦାରକ ଘଟଣା ରାୟଗଡ ଜିଲ୍ଲାର ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ଓ ସଡ଼କ ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପୁଣି ଥରେ ପଦାକୁ ଆଣିଛି । ଗୁଡ଼ାରୀ ବ୍ଲକ କର୍ଲାଘାଟି ଗ୍ରାମପଞ୍ଚାୟତ ଅଧୀନ ପେଟାଖାଲ ଗ୍ରାମର ମାନା ନାରଙ୍ଗାକାଙ୍କ ଗର୍ଭବତୀ ସ୍ତ୍ରୀ ସେବତୀ ନାରଙ୍ଗକା ଅନୁଷ୍ଠାନିକ ପ୍ରସବ ପାଇଁ ଗାଁ ଛାଡି ବ୍ଲକ ସଦର ମହକୁମା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ବେଳେ ସେ ମୃତ୍ୟୁବରଣ କରିଛନ୍ତି । ମହିଳା ଓ ତାଙ୍କ ନବଜାତ ଶିଶୁଙ୍କ ମୃତ୍ୟୁ ପରେ ମଧ୍ୟ ପରିବାରର ଦୁଃଖ ଶେଷ ହୋଇନଥିଲା । ଗ୍ରାମକୁ ସଡ଼କ ସଂଯୋଗ ନଥିବାରୁ ମୃତଦେହକୁ ପ୍ରାୟ ୩ରୁ ୪ କିଲୋମିଟର ପର୍ଯ୍ୟନ୍ତ ଖଟିଆରେ ବୋହି ନେବାକୁ ପଡ଼ିଥିଲା । ଘଟଣାଟି ବିଳମ୍ବରେ ସାମ୍ନାକୁ ଆସିବା ପରେ ଏହାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣା ଜିଲ୍ଲାର ଦୁର୍ବଳ ସ୍ୱାସ୍ଥ୍ୟ ସେବା ଓ ଭିତ୍ତିଭୂମି ବିକାଶ ଉପରେ ପୁଣିଥରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୃତ ମହିଳା ସେବତୀ ନାରେଙ୍ଗାକା ପ୍ରସବ ପାଇଁ ପ୍ରାୟ ୧୫ ଦିନ ଧରି ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମା’ ଗୃହରେ ରହୁଥିଲେ । ସେ ଚଳିତ ଜୁନ ମାସ ୧୧ ତାରିଖରେ ଗୁଡ଼ାରୀ ମା ଗୃହରେ ଭର୍ତ୍ତି ହୋଇଥିଲେ । ଗତ ୨୬ ତାରିଖରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଗୁଣୁପୁର ଉପଖଣ୍ଡ ଚିକିତ୍ସାଳୟକୁ ରେଫର କରାଯାଇଥିଲା । ହେଲେ ଚିକିତ୍ସାଳୟରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ନବଜାତ ଶିଶୁ ମଧ୍ୟ ବଞ୍ଚିପାରି ନଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଗୁଡ଼ାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ନଥିବାରୁ ଜଟିଳ ପ୍ରସବ ହେଲେ ରୋଗୀଙ୍କୁ ବାଧ୍ୟ ହୋଇ ଗୁଣୁପୁରକୁ ପଠାଯାଉଛି । ସମୟମତେ ଉନ୍ନତ ଚିକିତ୍ସା ମିଳିଥିଲେ ପୂର୍ବରୁ ମଧ୍ୟ ଅନେକ ଅସୁସ୍ଥ ରୋଗୀ ଓ ମୃତଦେହକୁ ଏଭଳି ଖଟିଆରେ ବୋହିବାକୁ ପଡ଼ିଛି । ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ । ଘଟଣା ସମ୍ପର୍କରେ ଗୁଡ଼ାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏମ୍‌ଓ. ଡା. ସ୍ୱାଗତ ସ୍ୱାଇଁ କହିଛନ୍ତି ଯେ,

### ପୁଣି ଚର୍ଚ୍ଚାରେ ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ଓ ସଡ଼କ ବ୍ୟବସ୍ଥା

ମା’ ଓ ଶିଶୁଙ୍କ ଜୀବନ ବଞ୍ଚିପାରିଥାନ୍ତା ବୋଲି ସେମାନେ କହିଛନ୍ତି । ମୃତଦେହକୁ ଗୁଣୁପୁରରୁ ଆମ୍ବୁଲାନ୍ସ ଯୋଗେ ହେଣ୍ଡେଡ଼େପା ଆର୍‌ଡି ରାସ୍ତା ପର୍ଯ୍ୟନ୍ତ ଅଣାଯାଇଥିଲା । କିନ୍ତୁ ପେଟାଖାଲ ଗ୍ରାମକୁ ସଡ଼କ ନଥିବାରୁ ଆମ୍ବୁଲାନ୍ସ ଆଗକୁ ଯାଇପାରିନଥିଲା । ଶେଷରେ ପରିବାର ଲୋକ ଓ ଗ୍ରାମବାସୀମାନେ ମୃତଦେହକୁ ଖଟିଆରେ ବୋହି ୩ରୁ ୪ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରି ଗ୍ରାମକୁ ନେଇଥିଲେ । ଗ୍ରାମବାସୀଙ୍କ କହିବାନୁସାରେ, ଏହା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ । ରାସ୍ତା ଅଭାବରୁ ମହିଳାଙ୍କ ମୃତ୍ୟୁର କାରଣକୁ ନେଇ ତଦନ୍ତ କରାଯିବ । ସେହିପରି ଗୁଡ଼ାରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଗୁଣୁପୁରରେ ଶବ ବ୍ୟବଚ୍ଛେଦ କରାଯାଇଛି ବୋଲି ଥାନା ଅଧିକାରୀ ବିଶ୍ୱ ବନ୍ଦିନୀ ବାଗ ସୂଚନା ଦେଇଛନ୍ତି । ଏହି ଘଟଣା ପରେ ପେଟାଖାଲ ଗ୍ରାମକୁ ତୁରନ୍ତ ସର୍ବକାଳୀନ ସଡ଼କ ସଂଯୋଗ, ଗୁଡ଼ାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ସ୍ତ୍ରୀ ରୋଗ ବିଶେଷଜ୍ଞ ନିଯୁକ୍ତି ଏବଂ ଦୁର୍ଗମ ଅଞ୍ଚଳରେ ଉନ୍ନତ ଜରୁରୀ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି ।

## କାଉକୁଣ୍ଡ ହତ୍ୟାକାଣ୍ଡର ପର୍ଦ୍ଦାଫାଶ: ୩ ଗିରଫ




ବୈପାରୀଗୁଡା, ୩୦।୬(ସମିସ): କାଉକୁଣ୍ଡ ହତ୍ୟାକାଣ୍ଡର ପର୍ଦ୍ଦାଫାଶ କଲା ପୋଲିସ । ପୂର୍ବ ଶତ୍ରୁତାକୁ ନେଇ ହତ୍ୟା ହୋଇଥିବା ସ୍ପଷ୍ଟ ହୋଇଛି । ହତ୍ୟା ମାମଲାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଗିରଫ ଅଭିଯୁକ୍ତ ହେଲେ ଚିପାକୁର ଅଂଚଳର ଗୌର ଚନ୍ଦ୍ର ଗୌଡ଼, ଗୁରୁ ଖରା, ମହାଦେବ ଗୌଡ଼ । ଆଜି ବୈପାରୀଗୁଡା ଥାନା ପରିସରରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଥଲ ସାମ୍ବାଦିକ ସମ୍ମିଳନୀ ଡାକି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସୂଚନା ଥାଉକି, ବୈପାରୀଗୁଡା ଥାନା ଅନ୍ତର୍ଗତ ଚିପାକୁର ପଞ୍ଚାୟତ କାଉକୁଣ୍ଡ ଗାଁରେ ଗତ ୨୭ ତାରିଖ ରାତିରେ ୬୫ ବର୍ଷୀୟ ବୃଦ୍ଧ ଲକ୍ଷ୍ମଣ ଗଲାରୀ ନିଜ ଘର ବାରଣ୍ଡାରେ ଶୋଇଥିଲେ ।

**● ପୂର୍ବ ଶତ୍ରୁତାକୁ ନେଇ ହତ୍ୟା**

ହେଲେ ସକାଳେ ପରିବାର ଲୋକେ ଉଠି ଦେଖିବା ବେଳକୁ ଲକ୍ଷ୍ମଣ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖଟ ଉପରେ ପଡିଥିଲେ । ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କଟା ଯାଇଥିଲା । ଅଭିଯୁକ୍ତ ମାନେ ଯୋଜନାବଦ୍ଧ ଭାବେ ଆସି ଗଳାକାଟି ତାଙ୍କୁ ହତ୍ୟା କରଥିଲେ । ଏନେଇ ପରିବାର ଲୋକେ ବୈପାରୀଗୁଡା ଥାନାରେ ଅଭିଯୋଗ ପରେ ୩ ଦିନ ମଧ୍ୟରେ ଆଜି ଘଟଣାର ପର୍ଦ୍ଦାଫାଶ କରିଛି ପୁଲିସ । ସାଇଣ୍ଟିଫିକ ଟିମ ଏବଂ ପୋଲିସର ମିଳିତ ତଦନ୍ତ ପରେ ବୈପାରୀଗୁଡା ଥାନା ଅନ୍ତର୍ଗତ ଚିପାକୁର ଅଞ୍ଚଳର ୩ ଜଣ ଗୌର ଚନ୍ଦ୍ର ଗୌଡ଼, ଗୁରୁ ଖରା, ମହାଦେବ ଗୌଡ଼ଙ୍କୁ ଗିରଫ କରିଛି ପୋଲିସ । ପୋଲିସ ସୂଚନା ଅନୁଯାଇ, ଘଟଣାର କାରଣ ହେଲା ଯେ, ଗାଁରେ ପ୍ରାୟସବୁବେଳେ ଲକ୍ଷ୍ମଣ ଗଲାରୀଙ୍କ ସହ ଅଭିଯୁକ୍ତଙ୍କ ଝଗଡା ହେଉଥିଲା । ସେମାନଙ୍କ ମଧ୍ୟରେ ଶତ୍ରୁତା ବଢିଯାଇଥିଲା । ଏହାକୁ ନେଇ ହତ୍ୟାକାଣ୍ଡ ଘଟିଛି । ଘଟଣାରେ ବ୍ୟବହୃତ ଧାରୁଆ ଅସ୍ତ୍ର ଓ ଲୁହା ସାମଗ୍ରୀ ପୁଲିସ ଜବତ କରି ୩ ଅଭିଯୁକ୍ତଙ୍କୁ ଜୟପୁର କୋର୍ଟ ଚଲାଣ କରିଛି ।

## ମୋବାଇଲ ଚୋରି ମାମଲାରେ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡ

ମାଲକାନଗିରି, ୩୦।୬(ସମିସ): ମାଲକାନଗିରି ସଦର ମହକୁମା ନ୍ୟାୟିକ ଦଣ୍ଡାଧିକାରୀ (ଏସ୍‌ଡିଜେଏମ୍) ଅଦାଲତ ଏକ ମୋବାଇଲ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି । ଜରିମାନା ଅନାଦାୟ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ଅତିରିକ୍ତ ଏକ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ଗତ ୨୦୨୪ ନଭେମ୍ବର ୩ ତାରିଖରେ ମାଲକାନଗିରି ଜିଲ୍ଲା

**● ୨ ହଜାର ଟଙ୍କା ଜରିମାନା**

ମୁଖ୍ୟ ଚିକିତ୍ସାଳୟ ନିକଟସ୍ଥ ଆରଏମସି ଷ୍ଟଲ୍ ନମ୍ବର୩ରୁ ୭ଟି ମୋବାଇଲ ଫୋନ ଚୋରି ହୋଇଥିଲା । ଏନେଇ ଦୁର୍ଗାଗୁଡ଼ି ସାହିର ସୁବେନ୍ଦୁ ମଣ୍ଡଳ ମାଲକାନଗିରି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଆଧାର କରି ପୁଲିସ ତଦନ୍ତ ବେଳେ ମାଥିଲି ବ୍ଲକ ଧୌଡାଗୁଡା ଗ୍ରାମର ରାଜେନ୍ଦ୍ର ପ୍ରଧାନୀ (୩୮)ଙ୍କ ଏଥିରେ ସମ୍ପୃକ୍ତି ଥିବା ଜାଣି ତାଙ୍କ ବିରୋଧରେ ମାମଲା ରୁଜୁ କରି ଗିରଫ ପରେ ଚାର୍ଜସିଟ୍ ଦାଖଲ କରିଥିଲା । ମାମଲାର ବିଚାର ଏସଡିଜେଏମ୍ ପ୍ରତିମା ସାହୁଙ୍କ ଅଦାଲତରେ ଚାଲିଥିଲା । ସାକ୍ଷ୍ୟ, ପ୍ରମାଣ ଓ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ଆଜି ଅଦାଲତ ଅଭିଯୁକ୍ତ ରାଜେନ୍ଦ୍ର ପ୍ରଧାନୀଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି । ଜରିମାନା ରାଶି ପ୍ରଦାନ ନ କଲେ ତାଙ୍କୁ ଅତିରିକ୍ତ ଏକ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି ।

## ଯୁବକଙ୍କ ଆତ୍ମହତ୍ୟା

ଉମରକୋଟ,୩୦।୬ (ସମିସ): ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ଆତ୍ମହତ୍ୟା କରିଥିବା ଯୁବକ ଜଣକ ହେଲେ ଡାବୁଗାଁ ଥାନା ଅର୍ନ୍ତଗତ ଡୁମୁନିଗୁଡା ଗ୍ରାମର ଜଗଦୀଶ ଜାନୀ (୧୮) । ପରିବାର ଲୋକଙ୍କ ଲିଖିତ ଅଭିଯୋଗ ଅନୁସାରେ ଜଗଦୀଶ ଆଜକୁ ପ୍ରାୟ ଏକ ମାସ ହେବ ଉମରକୋଟ ଥାନା ଅନ୍ତର୍ଗତ କୁର୍ଶୀ ପଞ୍ଚାୟତର ସେମଳଧର ଗ୍ରାମରେ ରହି ଲେବର କାମ କରୁଥିଲେ । ଆଜି ସକାଳ ୮ ଘଣ୍ଟା ସମୟରେ ପରିବାର ଲୋକେ ଜାଣିବାକୁ ପାଇଲେ ଯେ ଜଗଦୀଶ ସେମଳଧର ଗ୍ରାମର ଏକ ଚାକୁଣ୍ଡା ଜଙ୍ଗଲରେ ଏକ ଗଛରେ ବେକରେ ଗାମୁଛା ବାନ୍ଧି ଆନହତ୍ୟା କରିଛନ୍ତି । ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି । ତଦନ୍ତ ଭାର ଏଏସଆଇ ନରେନ୍ଦ୍ର ଗୋଲାପି ସମ୍ଭାଳିଛନ୍ତି ।

**● ହସ୍ତଶିଳ୍ପ କାରିଗରଙ୍କ ସହ ‘ଚଉପାଲ’ କାର୍ଯ୍ୟକ୍ରମ**

## ଇ ମାର୍କେଟ ପ୍ଲେସ୍ ପଞ୍ଜୀକରଣ ଓ ବଜାର ସଂଯୋଗ ସମ୍ପର୍କରେ ସଚେତନ ହେଲେ କାରିଗର

ରାୟଗଡ, ୩୦।୬ (ସମିସ): କେନ୍ଦ୍ର ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ (ହସ୍ତଶିଳ୍ପ)ଙ୍କ ନିର୍ଦ୍ଦେଶରେ ଭୁବନେଶ୍ୱର ସ୍ଥିତ ହସ୍ତଶିଳ୍ପ ସେବା କେନ୍ଦ୍ର ପକ୍ଷରୁ ମଙ୍ଗଳବାର ରାୟଗଡ ସହରର କସ୍ତୁରୀ ନଗର ସ୍ଥିତ ପ୍ରେରଣା ସ୍କୁଲ ପରିସରରେ ହସ୍ତଶିଳ୍ପ କାରିଗରଙ୍କ ସହ ମତ ବିନିମୟ ସଂଳାପ “ଚଉପାଲ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୬୨ ଜଣ ପୁରୁଷ ଓ ମହିଳା ହସ୍ତଶିଳ୍ପ କାରିଗର ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ହସ୍ତଶିଳ୍ପ ସେବା କେନ୍ଦ୍ର, ଭୁବନେଶ୍ୱରର ହ୍ୟାଣ୍ଡିକ୍ରାଫ୍ଟସ୍ ପ୍ରମୋସନ୍ ଅଫିସର ବୀର ମାରାଣ୍ଡି, ରାଜ୍ୟ ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଉଲ୍ଲାସ ବେହେରା, ରାୟଗଡ଼ ଓରମାସ୍‌ର ଉପ-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁର୍ଗା ପ୍ରସାଦ ଭୂୟାଁ, ଏସ୍‌ବିଆଇ ରିଜିଓନାଲ୍ ବ୍ୟାଙ୍କ ଅଫିସର ସହକାରୀ ପରିଚାଳକ ନୀଳାଚଳ ସାହୁ ଏବଂ ମାଷ୍ଟର କ୍ରାଫ୍ଟ ପର୍ସନ୍ ହିମାଂଶୁ ଶେଖର ପଣ୍ଡା ଉପସ୍ଥିତ ରହି କାରିଗରମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ସହାୟତା ସମ୍ପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ହସ୍ତଶିଳ୍ପ ଯୋଜନା, ସରକାରୀ ଇ-ମାର୍କେଟ ପ୍ଲେସ ପୋର୍ଟାଲରେ ପଞ୍ଜିକରଣ, ମୁଦ୍ରା ଋଣ ସୁବିଧା, ପହେଚାନ କାର୍ଡ, ଡିବିଟି, ପିଏଫ୍‌ଏମ୍‌ଏସ୍ ଏବଂ ଅନ୍ୟାନ୍ୟ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି କାରିଗରମାନଙ୍କ ସମସ୍ୟା, ଉତ୍ପାଦର ବଜାର ସୁବିଧା ଓ ବିପଣନ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା । ବକ୍ତାମାନେ




କହିଥିଲେ ଯେ, ହସ୍ତଶିଳ୍ପ କାରିଗରମାନେ ସରକାରୀ ଯୋଜନାର ସୁବିଧା ଗ୍ରହଣ କରି ସରକାରୀ ଇ-ମାର୍କେଟପ୍ଲେସ ଭଳି ଡିଜିଟାଲ୍ ପ୍ଲାଟଫର୍ମ ସହ ଯୋଡ଼ିହେଲେ ସେମାନଙ୍କ ଉତ୍ପାଦକୁ ଦେଶବ୍ୟାପୀ ବଜାର ମିଳିବା ସହ ଆୟ ବୃଦ୍ଧି ପାଇବ । ଏଥିସହ ପାରମ୍ପରିକ ହସ୍ତଶିଳ୍ପର ସଂରକ୍ଷଣ ଓ ନୂତନ ପିଢ଼ିକୁ ଏହି କ୍ଷେତ୍ର ପ୍ରତି ଆକର୍ଷିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କାରିଗରମାନଙ୍କ ବିଭିନ୍ନ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯିବା ସହ ସରକାରୀ ଯୋଜନାର ସୁବିଧା ସେମାନଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତ ସମ୍ପୃକ୍ତ ବିଭାଗ ପକ୍ଷରୁ ଆଶ୍ୱାସନ ଦିଆଯାଇଥିଲା ।

## ତୀରନ୍ଦାଜ ରାଜେଶ ହାଁସଦାଙ୍କ ବିୟୋଗରେ ଶୋକସଭା

ମାଲକାନଗିରି, ୩୦।୬(ସମିସ): ଓଡ଼ିଶାର ଗର୍ବ ଓ ଗୌରବ, ଆନ୍ତର୍ଜାତୀୟ ତୀରନ୍ଦାଜ ତଥା ପ୍ରଶିକ୍ଷକ ସ୍ୱର୍ଗତ ରାଜେସ ହାଁସଦାଙ୍କ ବିୟୋଗରେ ମଙ୍ଗଳବାର ମାଲକାନଗିରି ସଦରସ୍ଥ ଦଣ୍ଡକାରଣ୍ୟ ଖେଳ ପଡ଼ିଆରେ ଜିଲ୍ଲା ଆଥଲେଟିକ ଆସୋସିଏସନ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ରାମହରି ପଣ୍ଡାଙ୍କ

**● ପରିବାର କୁ ସହାୟତା ପାଇଁ ପତ୍ନୀଙ୍କ ନିବେଦନ**




ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସ୍ୱର୍ଗତ ହାସଦାକଙ୍କ ପତ୍ନୀ ମେନକା ହାସଦାକ, ପୁଅ ରିଆନ ହାସଦାକ, ଆସୋସିଏସନର କାର୍ଯ୍ୟକାରୀ ସଭାପତି ବି. ଭେଙ୍କେଟ ରାଓ, କୋଷାଧ୍ୟକ୍ଷ ଏସ୍. ପ୍ରସାଦ ରାଓ, ଜିଲ୍ଲା କ୍ରିକେଟ ଆସୋସିଏସନର କୋଷାଧ୍ୟକ୍ଷ ଶତବୀର ସିଂ ରିୟାର, ବରିଷ୍ଠ କ୍ରୀଡ଼ାବିତ ଅଶୋକ ପଟ୍ଟନାୟକ, ରଞ୍ଜନ ମହାନ୍ତିଙ୍କ ସମେତ ବହୁ କ୍ରୀଡ଼ାବିତ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ । ଉପସ୍ଥିତ ଅତିଥିମାନେ ସ୍ୱର୍ଗତ ହାସଦାକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବକ୍ତାମାନେ କହିଥିଲେ ଯେ, ରାଜେସ ହାସଦାକଙ୍କ ବିୟୋଗରେ ଓଡ଼ିଶା ତଥା ମାଲକାନଗିରି ଜିଲ୍ଲା ଜଣେ ଦକ୍ଷ କ୍ରୀଡ଼ାବିତ ଓ ସଫଳ ପ୍ରଶିକ୍ଷକଙ୍କୁ ହରାଇଛି । ତାଙ୍କ ମୃତ୍ୟୁ କ୍ରୀଡ଼ାଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା । ତାଙ୍କ ଅବଦାନକୁ ଚିରସ୍ମରଣୀୟ କରି ରଖିବା ସହ ଆଗାମୀ ପିଢ଼ିଙ୍କୁ ପ୍ରେରଣା ଯୋଗାଇବା ପାଇଁ ତାଙ୍କ ଜୀବନୀକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ମଧ୍ୟ ଦାବି ଉଠିଥିଲା । ସୂଚନାଯୋଗ୍ୟ, ସ୍ୱର୍ଗତ ରାଜେସ ହାସଦାକ ଓଡ଼ିଶା ପକ୍ଷରୁ ବିଭିନ୍ନ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୭ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ । ସେ ୧୯୯୮ ମସିହାର ବ୍ୟାଙ୍କକ ଏସିଆନ୍ ଗେମ୍ସ ସମେତ ବିଭିନ୍ନ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ପରବର୍ତ୍ତୀ ସମୟରେ ସେ ଓଡ଼ିଶା ତିରନ୍ଦାଜୀ ଦଳର ପ୍ରଶିକ୍ଷକ ଭାବେ ମଧ୍ୟ ସଫଳତାର ସହ ଦାୟିତ୍ୱ ତୁଲାଇଥିଲେ । ଆଗକୁ ମାଲକାନଗିରି ଜିଲ୍ଲାରେ ଏକ ତିରନ୍ଦାଜ ପ୍ରଶିକ୍ଷଣ କେନ୍ଦ୍ର ପ୍ରତୀଷ୍ଠା ସହ ଅନେକ କ୍ରୀଡାବିତ ସୃଷ୍ଟି କରିବା ସ୍ୱର୍ଗତ ହାସାଦକଙ୍କ ଲକ୍ଷ ଥିବା ବେଳେ, ପିତାଙ୍କ ଏହି ସ୍ୱପ୍ନକୁ ତାଙ୍କ ସୁପତ୍ରୀ ଆଗାମୀ ଦିନରେ ପୂରଣ କରିବେ ବୋଲି ଆଶା ପ୍ରକାଶ କରି ପ୍ରଶାସନ ଓ ରାଜ୍ୟ ସରକାର ଏଦିଗରେ ଆବଶ୍ୟକୀୟ ସହାୟତା ଯୋଗାଇବାକୁ ତାଙ୍କ ପତ୍ନୀ ଶ୍ରୀମତୀ ହାଁସଦା ଅନୁରୋଧ କରିଛନ୍ତି ।

## ଆଜି ଡାକ୍ତରଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ବୈପାରୀଗୁଡ଼ା,୩୦।୬(ସମିସ): ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ସମଗ୍ର ଦେଶରେ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଉଛି । କିନ୍ତୁ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଡାକ୍ତରମାନେ ଏହି ଦିନକୁ କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି । ଏନେଇ ସ୍ଥାନୀୟ ମେଡିକାଲ ଅଧିକାରୀ ବସୁବବତା ନାୟକ ଗଣ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଡାକ୍ତର କାର୍ଯ୍ୟବନ୍ଦ ଡାକରା ଦେଇଛନ୍ତି । ଆଜି ଏଡିପିଓ ମୁକ୍ତିକାନ୍ତ ଖଟୁଆଙ୍କ ନେତୃତ୍ୱରେ ୧୮ ଦଫା ଦାବି ନେଇ ଜିଲ୍ଲାପାଳ, ଏସ୍‌ପି ଏବଂ ସିଡିଏମଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଠାରୁ ଓପିଡି, ଆଇପିଡି, ନିର୍ଦ୍ଧାରିତ, ନିଦାନ ମୂଳକ ଓ ଜରୁରୀ ସ୍ୱାସ୍ଥ୍ୟସେବା ଆଦି ବନ୍ଦ ରହିବ । ସରକାରୀ ଚିକିତ୍ସା ପ୍ରତିଷ୍ଠାନର କୌଣସି ସେବା ଯୋଗାଇ ଦିଆଯିବ ନାହିଁ । ସିଡିଏମଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ଓ କର୍ମଚାରୀଙ୍କ ସମ୍ମାନ ଓ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ଚାଲିଥିବା



ଆନ୍ଦୋଳନକୁ ସମର୍ଥନ କରିବାକୁ ସର୍ବସାଧାରଣଙ୍କୁ ନିବେଦନ କରାଯାଇଛି । ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବ ବୋଲି ସେ କହିଛନ୍ତି ।

## ଉମୁରିରେ ଭ୍ରାମ୍ୟମାଣ ଚକ୍ଷୁ ପରୀକ୍ଷା ଶିବିର

ଦାମନଯୋଡ଼ି,୩୦।୬(ସମିସ): କୋରାପୁଟ ବ୍ଲକ ଉମୁରି ପଞ୍ଚାୟତ ସଦର ମହକୁମା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ମଙ୍ଗଳବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ହୋଇଥିବା ଏହି ଶିବିରରେ ବିଭିନ୍ନ ଗ୍ରାମର ୨୮ ଜଣ ବ୍ୟକ୍ତି ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ । ସେଥି ମଧ୍ୟରୁ ୭ଜଣଙ୍କର ମୋତିଆବିନ୍ଦୁ ଚିହ୍ନଟ ହୋଇଥିବା ବେଳେ ଜଣେ ଜଟିଳ ରୋଗୀଙ୍କୁ ରେଫର ଓ ଦୃଷ୍ଟିଦୋଷ ଥିବା ୭ଜଣ ସ୍କୁଲ ପିଲାଙ୍କୁ ରେଫର କରାଯାଇଥିଲା । ସରକାରଙ୍କ ଏହି ଯୋଜନାରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ବ୍ୟବସ୍ଥା ରହିଛି । ଶିବିରରେ ଚକ୍ଷୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ ସହିତ ସେମାନଙ୍କର ରକ୍ତଚାପ ଓ ରକ୍ତ ଶର୍କରା ପରୀକ୍ଷା କରାଯାଇଥିଲା । ଶିବିରକୁ ଉମୁରି ପଞ୍ଚାୟତର ନାଏବ ସରପଞ୍ଚ ଦେବକୀ ହନ୍ତାଳ ପରିଦର୍ଶନରେ ଆସି ଲୋକଙ୍କୁ ଉତ୍ସାହିତ କରିଥିଲେ । ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁମନ କୁମାର ଟପ୍ପୋଙ୍କ ତତ୍ୱାବଧାନରେ ତଥା ବିପିଏମ ନୀଳକଣ୍ଠ ପାଣି ଓ ପିଏଚଇଓ ବିଜୟ କୁମାର ଖିଲଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ଚକ୍ଷୁ ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଚକ୍ଷୁ ପରୀକ୍ଷା କରିଥିଲେ । ଉମୁରୀ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀ ତୃପ୍ତିରାଣୀ ପାତ୍ର ଶିବିର ପରିଚାଳନା କରିଥିଲେ । ସିଏଚଓ ଶ୍ରୀମତୀ ପାତ୍ରଙ୍କ ସହିତ ସ୍ୱାସ୍ଥ୍ୟକର୍ମୀ ଉର୍ମିଳା ମାଝୀ ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପରୀକ୍ଷା କରିଥିଲେ । ଆଶାକର୍ମୀ ଭଗବତୀ ନାୟକ ଓ କୌଶଲ୍ୟା ଖେମୁଣ୍ଡୁ ପରିଚାଳନାରେ ସହଯୋଗ କରିଥିଲେ ।

## ଅବସର, ପଦୋନ୍ନତି ଓ ବଦଳିପ୍ରାପ୍ତ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ରାୟଗଡ, ୩୦।୬(ସମିସ): ପିଏମ୍ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଏକ ଅବସରକାଳୀନ ସମ୍ବର୍ଦ୍ଧନା ଓ ବିଦାୟ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଦ୍ୟାଳୟର ବରିଷ୍ଠ ହିନ୍ଦୀ ଶିକ୍ଷକ ଅଶୋକ କୁମାର ଦାଶଙ୍କୁ ସରକାରୀ ଚାକିରିରୁ ଅବସର ଗ୍ରହଣ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ନମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଶିକ୍ଷକ ବାଳକୃଷ୍ଣ ମିଶ୍ର, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଓ ଏମ୍. ମୂରଲୀ ଅତିଥି ଭାବେ ଯୋଗଦେଇ ଶ୍ରୀ ଦାଶଙ୍କ ଦୀର୍ଘ କର୍ମଜୀବନ, କର୍ତ୍ତବ୍ୟନିଷ୍ଠା ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନର ଭୂୟସୀ ପ୍ରଶଂସା କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଆର୍. ରଜନୀ ଗୁମ୍ମା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିବାରୁ, କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଲଳିତ ମୋହନ ଦଣ୍ଡସେନାଙ୍କ ଗୁଣୁପୁର ବିଦ୍ୟାଳୟକୁ ବଦଳି ହୋଇଥିବାରୁ, ଶିକ୍ଷୟିତ୍ରୀ ଅନୁରାଧା ଚୌଧୁରୀ ପ୍ରଧାନ ଶିକ୍ଷୟିତ୍ରୀ ପଦକୁ ପଦୋନ୍ନତି ପାଇଥିବାରୁ ଏବଂ ଜୁନିୟର କିରାଣୀ ସସ୍ମିତା ସାହୁ ସିନିୟର କିରାଣୀ ପଦକୁ ପଦୋନ୍ନତି ପାଇଥିବାରୁ ସେମାନଙ୍କୁ ମଧ୍ୟ ବିଦାୟ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରଧାନ ସମସ୍ତଙ୍କ କର୍ମନିଷ୍ଠା, ଶୃଙ୍ଖଳା ଓ ବିଦ୍ୟାଳୟ ପ୍ରତି ସେମାନଙ୍କ ଅବଦାନର ଉଚ୍ଚ ପ୍ରଶଂସା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଅନୁଷ୍ଠାନ ପକ୍ଷରୁ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କୁ ମାନପତ୍ର, ଉତ୍ତରୀୟ ଓ ସ୍ମାରକୀ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଶ୍ରୀମତୀ ମାହେଶ୍ୱରୀ ନାୟକ ଧନ୍ୟବାଦ ଜ୍ଞାପନ କରିଥିବା ବେଳେ କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

## ରାଜର୍ଷି ବିକ୍ରମଦେବ ବର୍ମାଙ୍କ ଜୟନ୍ତୀ ପକ୍ଷ ପାଳିତ

ଜୟପୁର, ୩୦।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ରାଜବଂଶର ପୂର୍ବତନ ମହାରାଜା ରାଜର୍ଷି ବିକ୍ରମଦେବ ବର୍ମାଙ୍କ ୧୫୮ତମ ଜୟନ୍ତୀ ଅବସରରେ ଗତକାଲି ଠାରୁ ପକ୍ଷ ପାଳନର ଶୁଭାରମ୍ଭ ହୋଇଛ । ପ୍ରଥମ ଦିବସରେ ବିକ୍ରମ ଦେବ ପରିଚୟ କାର୍ଯ୍ୟକ୍ରମ ବିକ୍ରମ ଦେବ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେଇଥିଲା । ଏହି କାର୍ଯ୍ୟକ୍ରମ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଡ. ଶୁଭଶ୍ରୀ ସମ୍ପଦା ମିଶ୍ର ଓ ଅନ୍ୟତମ ବକ୍ତା ବିକ୍ରମ ଦେବ ଚିନ୍ତା ଓ ଚେତନାର ରାଜ୍ୟ ସଭାପତି ହରିହର କରସୁଧା ପଟ୍ଟନାୟକ ନିଜ ନିଜ ବକ୍ତବ୍ୟରେ ରାଜର୍ଷି ବିକ୍ରମଦେବଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ



ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ । ଏହି ସଭାକୁ ପରିଷଦର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପରିଚାଳନା କରିଥିଲେ । ଏଥିରେ ବିଶ୍ୱବିଦ୍ୟାଳୟର. ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ସେହିପରି ଆଜି ଜୟପୁର ବ୍ଲକ ଏକମ୍ବା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନଳିନୀ କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜର୍ଷି ବିକ୍ରମଦେବଙ୍କ ଚିନ୍ତା ଓ ଚେତନା ପରିଷଦ ରାଜ୍ୟ ସଭପତି ଶ୍ରୀ ପଟ୍ଟନାୟକ ଏବଂ ସମ୍ପାଦକ ଶ୍ରୀ ପାଣିଗ୍ରାହୀ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଲ୍ୟାମ୍ପ୍‌ସରେ ସାର ନିଅଣ୍ଟ; ଚାଷୀ ଅସନ୍ତୋଷ

ଟିକିରି,୩୦।୬(ସମିସ): ଖରିଫ ଚାଷର ବ୍ୟସ୍ତ ସମୟରେ ସାର ଅଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରି ଲ୍ୟାମ୍ପ୍‌ସରେ ସାର ପାଇଁ ପ୍ରତିଦିନ ଲାଗୁଛି ଲମ୍ବା ଧାଡ଼ି । ଘଣ୍ଟା ଘଣ୍ଟା ଅପେକ୍ଷା ପରେ ମଧ୍ୟ ଅନେକ ଚାଷୀ ସାର ନ ପାଇ ଫେରୁଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଉଠିଛି । ସମୟରେ ସାର ନମିଳିଲେ ଚାଷ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ କହୁଛନ୍ତି । ରାୟଗଡା ଜିଲ୍ଲା କାଶୀପୁର ବ୍ଲକର ଟିକିରି ଲ୍ୟାମ୍ପ୍‌ସରେ ଆଜି ସକାଳୁ ସାର ନ ମିଳିବାରୁ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସକାଳ ହେବା ଆଗରୁ ହିଁ ସାର ପାଇଁ ଏଠାରେ ପହଞ୍ଚି ଥିଲେ ଶହ ଶହ ଚାଷୀ । ହାତରେ ଆଧାର କାର୍ଡ, ପାସ୍‌ବୁକ୍



ଓ ଟୋକନ୍ ଧରି ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହେଉଛନ୍ତି । କିନ୍ତୁ ଚାହିଦା ଅନୁଯାୟୀ ସାର ନମିଳିବାରୁ ଅନେକ ଚାଷୀ ନିରାଶ ହୋଇ ଘରକୁ ଫେରୁଛନ୍ତି । ଏବେ ଧାନ ଚାଷର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସମୟ । କ୍ଷେତରେ ସାର ପ୍ରୟୋଗରେ ବିଳମ୍ବ ହେଲେ ଫସଲର ବୃଦ୍ଧି ପ୍ରଭାବିତ ହେବା ସହ ଉତ୍ପାଦନ ମଧ୍ୟ କମିପାରେ । ଏହି ଆଶଙ୍କାରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହ ଲ୍ୟାମ୍ପ୍‌ସ ପରିସରରେ ଉତ୍ତେଜନା ଦେଖାଦେଇଛି । ସାର ବଣ୍ଟନରେ ସ୍ୱଚ୍ଛତା ଓ ପର୍ଯ୍ୟାପ୍ତ ମହଜୁଦ ରଖିବାକୁ ଚାଷୀମାନେ ଦାବି କରିଛନ୍ତି । ଆମେ ସକାଳୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛୁ । କିନ୍ତୁ ସାର ନମିଳି ଫେରିଯାଉଛୁ । ସମୟରେ ସାର ନମିଳିଲେ ଆମର ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବ । ସରକାର ଓ ପ୍ରଶାସନ ତୁରନ୍ତ ସମସ୍ୟାର ସମାଧାନ କରନ୍ତୁ । ଚାଷୀଙ୍କ ଅଭିଯୋଗ, ପ୍ରତିଦିନ ଦୂରଦୂରାନ୍ତରୁ ଆସି ଖର୍ଚ୍ଚାନ୍ତ ହେଉଥିଲେ ମଧ୍ୟ ସାର ନମିଳିବାରୁ ସେମାନେ ଆର୍ଥିକ ଓ ମାନସିକ ଭାବେ ହଇରାଣ ହେଉଛନ୍ତି । ସମୟରେ ପର୍ଯ୍ୟାପ୍ତ ସାର ଯୋଗାଣ ନହେଲେ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ସେମାନେ ସତର୍କ କରିଛନ୍ତି ।

● ନାଗେଶ୍ୱରୀ ପାହାଡ଼ ଉପରେ ଡକାୟତି

# ହୋମ୍‌ଗାର୍ଡ ପୁଅଠାରୁ ଲୁଟି ନେଲେ ଦାମୀ ବାଇକ୍



ନନ୍ଦପୁର, ୩୦।୬ (ସମିସ): ସୋମବାର ସନ୍ଧ୍ୟାରେ କୁଳାବିର ଗ୍ରାମପଞ୍ଚାୟତ ଅଧୀନସ୍ଥ ଡାବାସ୍ ପୁଟ ଗ୍ରାମର କୁନାଲ ଖରା ଘରୁ ବାଇକ୍ ନେଇ ବାହାରିଲେ ଥିଲେ ନଗେଶ୍ୱରି ପାହାଡ଼ ଉପରକୁ। ପାଡୁଆ ଥାନାରେ କାର୍ଯ୍ୟରତ ହୋମ୍ ଗାର୍ଡ ରଘୁନାଥ ଖରାଙ୍କ ପୁଅ କୁନାଲ ବାଇକ୍ ରଖି ପାହାଡ଼ ଉପରେ ସନ୍ଧ୍ୟା ସମୟରେ ମନଲଭା ଦୃଶ୍ୟକୁ ନିଜ ମୋବାଇଲରେ ଫଟୋ ଉଠାଉଥିଲେ। ଏହି ସମୟରେ ଚାରି ଜଣ ଯୁବକ ପାଖକୁ ଆସି ପ୍ରଥମେ କୁନାଲର ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ଆକ୍ରମଣ କରିବା ସହ ପାଟି କଲେ ଜୀବନରେ ମାରି ଦେବୁ କହି ଧମକ ଦେଇଥିଲେ। ପରେ ହାତରୁ ବାଇକ୍ ଚାବି ଝାମ୍ପି ନେଇ ନଜର ରାତ୍ର ଆଠ ଘଣ୍ଟା ପର୍ଯ୍ୟନ୍ତ ରଖିଲେ ତାକୁ ନଜରବନ୍ଦ କରି ରଖିଥିଲେ। ପରେ ବାଇକ୍ ନେଇ ଚାରି ଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ପରେ ପ୍ରାଣ ବିକଳରେ ପାହାଡ଼ ଉପରୁ ଚାଲି ଚାଲି ବାଲଡ଼ା ପହଞ୍ଚିବା ପରେ ଘରକୁ ଆସି ପିତାଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ସକାଳୁ ପାଡୁଆ ଥାନାରେ ଏତଲା ଦେଇଛନ୍ତି କୁନାଲ। ନାଗେଶ୍ୱରୀ ପାହାଡ଼ ଉପରୁ ହୋମ ଗାର୍ଡଙ୍କ ପୁଅଙ୍କ ଠାରୁ ବାଇକ୍ ଲୁଟ୍ ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ନାଗେଶ୍ୱରି ପାହାଡ଼ ଉପରୁ ଦୁର୍ବୃତ୍ତ ମାନେ ସ୍ଥାନୀୟ ଯୁବକଙ୍କ ଠାର ବାଇକ୍ ଆର୍ ଆର୍ ଯାହାର ଗାଡି ନମ୍ବର୍ ଓଡି ୧୦ ଜେଡ ୦୨୨୩ କୁ ନେଇ ଯିବା ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରିଛି। ଏହି ଖବର ପର୍ଯ୍ୟଟକଙ୍କ ନିରାପତ୍ତା ଉପରେ ମଧରେ ପ୍ରଶ୍ନବାଚୀ ସୃଷ୍ଟି କରିଛ। ସେପଟେ ପାହାଡ଼ ତଳ ଗ୍ରାମ ବାଲଡ଼ାରେ କିଛି ଘରୋଇ ସିସି ଟିଭିରେ ଦୃଶ୍ୟ ମାନ ହୋଇଛନ୍ତି ଦୁର୍ବୃତ୍ତ। ଏହି ଏତଲା ପାଇବା ପରେ ପୁଲିସ୍ ର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ନେଇ ସମସ୍ତଙ୍କ ନଜର ରହିଛି।

# ଦୁଇ ବର୍ଷ ହେଲା ସେୱା କାଗଜକଲ ଅବସରପ୍ରାପ୍ତ ଶ୍ରମିକଙ୍କ ଆନ୍ଦୋଳନ




ଜୟପୁର, ୩୦।୬(ସମିସ): ଜୟପୁରସ୍ଥିତ ସେୱା ପେପରମିଲରେ ଗତ ଦୁଇ ବର୍ଷ ଉତ୍ପାଦନ ବନ୍ଦ ରହିଥିଲା ବେଳେ ଡ୍ୟୁଟିକୁ ଯାଉଥିବା ଶ୍ରମିକ ମାନଙ୍କୁ ଦରମା , ମୃତ ଓ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କୁ ବକୟା ଟଙ୍କା ମିଳିନାହିଁ। ଠିକାଦାର ଶ୍ରମିକ ମାନଙ୍କୁ ଦରମା ନାହିଁ କି ସେମାନଙ୍କର ପିଏଫ୍ ଟଙ୍କା କଟିଥିଲେ ମଧ ତାହା ଆଞ୍ଚଳିକ ପିଏଫ୍ କମିଶନ ଅଫିସ୍ ବ୍ରହ୍ମପୁରରେ ଜମା ହୋଇ ନାହିଁ। ସମସ୍ତ ସମସ୍ୟାର ସମାଧାନ ପାଇଁ ଏବଂ କାଗଜ କଳକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଅବସରପ୍ରାପ୍ତ କର୍ମଚାରୀ ମାନେ ଗତ ଦୁଇ ବର୍ଷ ହେଲାଣି କାରଖାନା ଫାଟକ ସମ୍ମୁଖରେ ପ୍ରତିଦିନ ସକାଳେ ଏକ ଘଣ୍ଟା ଠିଆ ହୋଇ ଧାରଣା ଦେଇ ଆସୁଛନ୍ତି। ଆଜି ଏହି ଧାରଣାରେ ୨ୟ ବର୍ଷ ପୂର୍ତ୍ତି ହୋଇଛି । କିନ୍ତୁ ବିଡ଼ମ୍ବନାର ବିଷୟ ଜୟପୁର ତହସିଲର ୨୫୦ ଏକର ଜମିକୁ କମ୍ପାନୀ ଶ୍ରମିକ ମାନଙ୍କୁ ଅନ୍ଧାରରେ ରଖି ବନ୍ଧା ପକେଇ ୨୨୫ କୋଟି ଟଙ୍କା ଋଣ ନେଇ ବିନିଯୋଗ କରିଛନ୍ତି ବୋଲି ମ୍ୟାନେଜମେଣ୍ଟ ହାଇକୋର୍ଟ ରେ ସତ୍ୟପାଠ ଦାଖଲ କରିଛନ୍ତି। ଗତ କିଛି ବର୍ଷ ମଧ୍ୟରେ ପ୍ରାୟ ୭୦ ଜଣ ସ୍ଥାୟୀ ଓ ଠିକାକର୍ମଚାରୀ ମୃତ୍ୟୁ ବରଣ କରିସାରିଲେଣି। ବିଲ୍ଟ ସେବା ପେପରମିଲ୍ କର୍ମଚାରୀ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି ଯେ ଏହି ଆନ୍ଦୋଳନ ଆଗକୁ ଜାରି ରହିବ ଏବଂ କାରଖାନା ପୂର୍ବଭଳି ଚାଲିବା ପର୍ଯ୍ୟନ୍ତ ବିଭିନ୍ନ ଆନ୍ଦୋଳନିକ ପଦକ୍ଷେପ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଆଯିବ। ରାଜ୍ୟ ସରକାର କୋରାପୁଟ ଜିଲ୍ଲାକୁ ଇଣ୍ଡଷ୍ଟ୍ରିଆଲ୍ ହବ୍ କରିବା ପାଇଁ ଘୋଷଣା କରିଛନ୍ତି ଏବଂ ସିମିଳିଗୁଡାରେ ପ୍ଲାଇଉଡ୍ କାରଖାନା କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ସ୍ୱାଗତ କରିବା ସହ ଜୟପୁରର ୨୫୦ ଏକର ଜମିରେ ବନ୍ଦ ଥିବା କାରଖାନାକୁ ଚଲେଇବା ପାଇଁ ମଧ ସରକାର ପଦକ୍ଷପ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଧାରଣା ପ୍ରତିଦିନ ପ୍ରମୋଦ ମହାନ୍ତି, ସୁଦର୍ଶନ ବିଷୋୟୀ, ଧ୍ରୁବ ଚରଣ ବାରିକ,ବସନ୍ତ ବେହେରା, ସୁବାଷ ବେହେରା , ଧ୍ରୁବ ମଲ୍ଲିକ, ପ୍ରହଲ୍ଲାଦ ମଲ୍ଲିକ,ଓ ଅନ୍ୟାନ୍ୟ ଅବସରପ୍ରାପ୍ତ କର୍ମଚାରୀ ମାନେ ଆନ୍ଦୋଳନ ସାମିଲ ହେଉଛନ୍ତି।

# ଇଞ୍ଜିନିୟରିଂ ମହାବିଦ୍ୟାଳୟର ଉପସଭାପତିଙ୍କୁ ଆକ୍ରମଣ ଘଟଣା; ବାପା ଓ ପୁଅ ଗିରଫ





ଜୟପୁର, ୩୦।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ରାଣିପୁଟ ଗ୍ରାମଠାରେ ଆଇଇଏମ ନାମକ ଏକ ଘରୋଇ ମହାବିଦ୍ୟାଳୟର କ୍ରୟ ହୋଇଥିବା ଜମିକୁ ନେଇ ପରିଚାଳନା କମିଟି ଏବଂ ବିକ୍ରେତାଙ୍କ ଦାୟଦ ମାନଙ୍କ ମଧ୍ୟରେ ବିବାଦ ରହିଥିବା ବେଳେ ଏହା ସ୍ଥାନୀୟ ସିଭିଲ କୋର୍ଟ ବିଚାରାଧୀନ ରହିଛି। କିନ୍ତୁ ଗତ ୨୬ ତାରିଖ ଭୋରରୁ ମର୍ଣ୍ଣିଂ ୱାକ୍ କରୁଥିବା ଇଞ୍ଜିନିୟରିଂ ମହାବିଦ୍ୟାଳୟର ପରିଚାଳନା କମିଟିର ଉପସଭାପତି ଦିନବନ୍ଧୁ ରାଉତ (୭୬)ଙ୍କୁ ମହବିଦ୍ୟାଳୟ ନିକଟରେ କେନାଲ ରାସ୍ତାର ପୋଲ ଉପରେ ସ୍ଥାନୀୟ ଗୌଡଗୁଡା ଗ୍ରାମର ଦୁଇ ବାପା ଓ ପୁଅ ଅଭିଯୁକ୍ତ ଚୈତନ୍ୟ ନାୟକ(୪୦) ଏବଂ ରାଜେନ୍ଦ୍ର ନାୟକ (୧୯)ଙ୍କୁ ମରଣାନ୍ତକ ଆକ୍ରମଣ ମାମଲାରେ ଜୟପୁର ସଦରଥାନା ପୁଲିସ ପକ୍ଷରୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯେ, ଗତ କିଛି ବର୍ଷ ପୂର୍ବେ ମହବିଦ୍ୟାଳୟରୁ ଲାଗି ରହିଥିବା ଜମିକୁ ମହାବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କ୍ରୟ କରାଯାଇଥିଲା। କିନ୍ତୁ ଏହି ଜମି ବାବଦକୁ କ୍ରୟ ଓ ବିକ୍ରୟ ନେଇ ପଞ୍ଜିକୃତ ଦଲିଲ୍ ରହିଥିଲେ ସୁଦ୍ଧା ଜମି ପଟ୍ଟାରେ ଅଭିଯୁକ୍ତ ଚୈତନ୍ୟଙ୍କ ବାପା ପୀତାମ୍ବର ନାୟକଙ୍କ ନାମରେ ରହିଛି। ତେଣୁ ଏହି ଜମିକୁ ନେଇ ଚୈତନ୍ୟଙ୍କ ପରିବାର ଓ ମହାବିଦ୍ୟାଳୟ ପରିଚାଳନା କମିଟି ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଏହା ସ୍ଥାନୀୟ ସିଭିଲ କୋର୍ଟରେ ବିଚାରଧିନ ଅବସ୍ଥାରେ ରହିଛି। କିନ୍ତୁ ମହବିଦ୍ୟାଳୟ ପକ୍ଷରୁ ଉକ୍ତ ଜମିରେ ଗୃହ ନିର୍ମାଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯାଉଥିବା ନେଇ ଅଭିଯୁକ୍ତ ଚୈତନ ଓ ତାଙ୍କ ପରିବାର ପକ୍ଷରୁ ବିରୋଧ କରାଯାଉଥିଲା। ଏହିପରି ଆକ୍ରମଣରେ ଶିକାର ହୋଇଥିବା ପୀଡିତ ଉପସଭାପତି ଶ୍ରୀ ରାଉତ ପରିଚାଳନା କମିଟି ପକ୍ଷରୁ ଏହା ବୁଝାସୁଝା କରୁଥିବା ଯୋଗୁଁ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ କଥକଟାକଟି ଏବଂ ପାଟିତୁଣ୍ଡ ଲାଗି ରହୁଥିଲା। ତେଣୁ ଅଭିଯୁକ୍ତ ଚୈତନ୍ୟ ଏବଂ ତାଙ୍କ ପୁଅ ଅଭିଯୁକ୍ତ ରାଜେନ୍ଦ୍ର ଆକ୍ରୋଶମୂଳକ ଆକ୍ରମଣ କରିବା ଯୋଜନା ପ୍ରସ୍ତୁତ କରିବା ସହିତ ଗତ ୨୬ ତାରିଖରେ ପୂର୍ବରୁ ପ୍ରସ୍ତୁତ ହୋଇ ନିୟମିତ ମର୍ଣ୍ଣିଂ ୱାର୍କିଂ କରୁଥିବା ପୀଡିତଙ୍କୁ ଏକ କାଠ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହିପରି ଠେଙ୍ଗା ମାଡରେ ପୀଡିତ ଶ୍ରୀ ରାଉତଙ୍କୁ ମୁଣ୍ଡି, କଉଣି ଏବଂ ହାତର ଆଙ୍ଗୁଠି ଗୁଡିକ ଭାଙ୍ଗିଯାଇଥିବା ବେଳେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାର ରହିଥିବା ନେଇ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ଆଜି ଠାରୁ ଡାକ୍ତରଙ୍କ ଅନିର୍ଦ୍ଧିଷ୍ଟ କାଳ ଆନ୍ଦୋଳନ

କୋରାପୁଟ,୩୦।୬(ସମିସ): ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓମସା)ର ନିଷ୍ପତି କ୍ରମେ ୧୮ ଦଫା ଦାବି ପୂରଣ ପାଇଁ ଜୁଲାଇ ୧ରୁ ରାଜ୍ୟ ବ୍ୟାପି ଡାକ୍ତର ମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ଥିବା ବେଳେ କୋରାପୁଟ ଜିଲ୍ଲା ଶାଖା ମଧ ଏଥିରେ ସାମିଲ ହୋଇଛି। ଅନିର୍ଦ୍ଧିଷ୍ଟ କାଳ ଏହି ଆନ୍ଦୋଳନ ଚାଲିବାକୁ ଥିବା ବେଳେ ଡାକ୍ତର ମାନେ କୌଣସି ପ୍ରକାର ଚିକିତ୍ସା କରିବେ ନାହିଁ ବୋଲି ଜିଲ୍ଲା ଶାଖା ସଭାପତି ଡାକ୍ତର ମୁକ୍ତିକାନ୍ତ ଖଟୁଆ ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେଲା ଓମସା ପକ୍ଷରୁ କେନ୍ଦ୍ରୀୟ ଡିଏସିପି, କେବିକେ ଅଞ୍ଚଳରୁ ପ୍ରସ୍ଥାନ, ବଦଳି ନିୟମରେ ସ୍ୱଚ୍ଛତା, ପଦନ୍ନୋତି ପାଇଁ ନିୟମିତ ବୈଠକ, ସମସ୍ତ ଡାକ୍ତରଙ୍କୁ ସ୍ୱାସ୍ଥ୍ୟ ବୀମା, ଡାକ୍ତରଙ୍କ ସୁରକ୍ଷା, ସ୍ୱସ୍ଥ ପ୍ରଶାସନ, ମୌଳିକ ସୁବିଧା ଭଳି ୧୮ ଟି ଦାବୀ ସରକାରଙ୍କ ନିକଟରେ କରା ଯାଇଛି, ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ କେବଳ ପ୍ରତିଶ୍ରୁତି ଦେଇଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିନି। ତେଣୁ ସଂଘ ନିଜ ଅଧିକାର ପାଇବାକୁ ଆନ୍ଦୋଳନ କରିବାକୁ ବାଧ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ସଭାପତି ଡାକ୍ତର ଖଟୁଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏବଂ ଏସ୍‌ପି ରୋହିତ ବର୍ମାଙ୍କୁ ଭେଟି ଡାକ୍ତରମାନେ ରୋଗୀ ସେବା ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କାର୍ଯ୍ୟରୁ ବିରତ ରହିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଜିଲ୍ଲା ପ୍ରଶାସନ ଯେପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ବାଧା ନ ଆସିବା ପାଇଁ ବିକଳ୍ପ ବ୍ୟବସ୍ଥା କରିପାରିବ ଏବଂ ସାଧାରଣ



ଜନତାଙ୍କ ଅସୁବିଧା କମାଇ ପାରିବ, ସେଥିପାଇଁ ଏହି ସୂଚନା ପୂର୍ବରୁ ପ୍ରଦାନ କରାଯାଇଥିବା ଚିଠିରେ କୁହାଯାଇଛି। ପ୍ରସ୍ତାବିତ ଆନ୍ଦୋଳନ ସମୟରେ କୌଣସି ଜନହାନି କିମ୍ବା ଗୁରୁତର ଅସୁବିଧା ନ ଘଟିବା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଓମସା ଆଶା ପ୍ରକାଶ କରିଛି। ଏଥିସହ କୋରାପୁଟ ଶାଖାର ଏହି ନିଷ୍ପତ୍ତିକୁ ସରକାରୀ ଭାବେ ନୋଟ୍ କରିବାକୁ ଏସପିଙ୍କୁ ଅନୁରୋଧ କରାଯାଇଛି।

● ୧୮ ଦଫା ଦାବି ନେଇ ଚିକିତ୍ସା କରିବେନି ଡାକ୍ତର

# ବିଜେପିର ବୁଦ୍ଧିଜୀବୀ ସମ୍ମିଳନୀ

ରାୟଗଡ଼, ୩୦।୬ (ସମିସ): କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସେବା, ସୁଶାସନ ଓ ଗରିବ କଲ୍ୟାଣ ଏବଂ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାୟଗଡ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ହୋଟେଲ ତେଜସ୍ୱୀ ଠାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜର ବିଭିନ୍ନ ବର୍ଗର ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ସରକାରଙ୍କ ପଦକ୍ଷେପ ଏବଂ ଜନସାଧାରଣଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ବିଜେପି ସଭାପତି ଗୋପୀ ଆନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ଭିତ୍ତିଭୂମି ବିକାଶ, କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତିକରଣ, ଡିଜିଟାଲ ସେବା, ଗରିବ କଲ୍ୟାଣ ଓ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଐତିହାସିକ ପଦକ୍ଷେପ ନିଆଯାଇଛି। ସେହିପରି ରାଜ୍ୟ ସରକାର ମଧ ଜନକଲ୍ୟାଣମୂଳକ ଯୋଜନାକୁ ତ୍ୱରାନ୍ୱିତ କରି ଉନ୍ନୟନ କାର୍ଯ୍ୟକୁ ଆଗେଇ ନେଉଥିବା କଥା ସେ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲା ପୂର୍ବତନ ସଭାପତି ଶିବ ପଟ୍ଟନାୟକ, ସାଂସଦ ପ୍ରାର୍ଥୀ କାଳିରାମ ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ୟାଲ୍ଲା ଭେଙ୍କେଟେଶ୍ୱର ରାଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କଞ୍ଚାଡା ଅଶ୍ୱିନୀ, ଏସଡିସି ଉପାଧକ୍ଷା ମଞ୍ଜୁଳା ମିନିୟାକା, ଜିଲ୍ଲା ମହିଳା ବିଜେପି ସଭାପତି ରଞ୍ଜିତା କୋରଡ଼ା ଏବଂ ବସନ୍ତ ଉଲାକା ପ୍ରମୁଖ ମଞ୍ଚାସୀନ ରହି ସରକାରଙ୍କ ବିଭିନ୍ନ ଯୋଜନା, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ ଏବଂ ଜନସାଧାରଣଙ୍କ ସହଯୋଗର ଗୁରୁତ୍ୱ ଉପରେ ମତ ରଖିଥିଲେ। ସମ୍ମିଳନୀରେ ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ଅବସରପ୍ରାପ୍ତ ଶିକ୍ଷକ, ଅଧ୍ୟାପକ, ବ୍ୟବସାୟୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ରାୟଗଡ଼ା ଜିଲ୍ଲାର ସଡ଼କ, ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ଶିକ୍ଷା, ପର୍ଯ୍ୟଟନ, ଶିଳ୍ପାୟନ, ନିଯୁକ୍ତି ସୃଷ୍ଟି ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ସମ୍ପର୍କରେ ନିଜ ମତାମତ ରଖିଥିଲେ। ଉପସ୍ଥିତ ବୁଦ୍ଧିଜୀବୀମାନେ ସରକାରଙ୍କ ଯୋଜନାର ସଫଳ ରୂପାୟନ ପାଇଁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅଧିକ ସମନ୍ୱୟର ଆବଶ୍ୟକତା ଉପରେ ମଧ ଆଲୋକପାତ କରିଥିଲେ। ଜିଲ୍ଲା ବିଜେପି କମିଟି ଉପ ସଭାପତି ପଦ୍ମନାଭ ଦାସ ମଞ୍ଚ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଥିଲା। ଶେଷରେ ସଂଗଠନ ପକ୍ଷରୁ ସମସ୍ତ ଅତିଥି, ବୁଦ୍ଧିଜୀବୀ ଓ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଯାଇଥିଲା। ବିପୁଳ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ କାର୍ଯ୍ୟକର୍ତ୍ତାମାନେ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

# ଏସ୍ ଏଜୁକେସନ୍ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

## ପଣ୍ଡିତ ବୀରେନ୍ଦ୍ର ପଣ୍ଡାଙ୍କ ପ୍ରେରଣାଦାୟକ ଉଦ୍‌ବୋଧନ



ସେମିଳିଗୁଡା, ୩୦।୬ (ସମିସ): ଏସ୍ ଏଜୁକେସନ ଏବଂ ସେମିଳିଗୁଡ଼ାର ସିପ୍ ଆବାକସ୍ ମିଳିତ ଆନୁକୂଲ୍ୟରେ ଏକ ପ୍ରେରଣାଦାୟକ ସମ୍ବର୍ଦ୍ଧନା ସମାରୋହ ଓ ଜ୍ଞାନବର୍ଦ୍ଧକ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏକ ଅର୍ଥପୂର୍ଣ୍ଣ ଓ ସଫଳ ଜୀବନ ବିତାଇବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ପ୍ରକୃତ ସଫଳତା କେବଳ ଧନ-ସମ୍ପତ୍ତି କିମ୍ବା ବାହ୍ୟ ସଫଳତାରେ ନୁହେଁ, ବରଂ ଚିନ୍ତାଧାରା, ମୂଲ୍ୟବୋଧ ଏବଂ ଆଚରଣର ଉତ୍କର୍ଷତାରେ ନିହିତ। ଜ୍ଞାନ, ଦୟା, ଶୃଙ୍ଖଳା ଏବଂ ଜୀବନର ଉଦ୍ଦେଶ୍ୟକୁ ଆଧାର କରି ଜୀବନ ଗଢ଼ି ତୋଳିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏସ୍ ଏଜୁକେସନ ଏବଂ ସିପ୍ ଆବାକସ୍ ସେମିଳିଗୁଡ଼ା ପକ୍ଷରୁ ସୁଶ୍ରୀ ଅଭୀପ୍ସା ପ୍ରିୟଦର୍ଶିନୀ ଜାକର୍ତ୍ତା, ଇଣ୍ଡୋନେସିଆରେ ଆୟୋଜିତ ଆନ୍ତର୍ଜାତୀୟ ରୋଲର୍ ସ୍କେଟିଂ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଏରୋନଟିକ୍ସ କଲେଜର ସାଗର ଗଣ୍ଡ ଉଚ୍ଚମାଧ୍ୟମିକ (+୨) ବୋର୍ଡ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଯୋଗୁଁ ତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ ଏଜୁକେସନର ପ୍ରତିଷ୍ଠାତ୍ରୀ ତଥା ସିପ୍ ଆବାକସ୍ ସେମିଳିଗୁଡ଼ା ଶାଖାର ମୁଖ୍ୟ ଭବାନୀ ଆଚାର୍ଯ୍ୟ, ନିର୍ଦ୍ଦେଶକ ରାଜ ନୃସିଂହ ପଣ୍ଡା, ଏକାଡେମିକ୍ ହେଡ୍ ଅମିୟ ରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ରେ ଉଦ୍‌ବୋଧନ ଦେଇ ଶିକ୍ଷାନୁଷ୍ଠାନର ଲକ୍ଷ୍ୟ କେବଳ ଶିକ୍ଷାଗତ ସଫଳତା ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ହୋଟେଲ ବ୍ରାଇଟ୍ ଷ୍ଟାରର ପରିଚାଳନା ନିର୍ଦ୍ଦେଶକ ଲୋକନାଥ ଆଚାର୍ଯ୍ୟ ସୂଚାରୁ ରୁପେ ପରିଚାଳନା କରିଥିବା ବେଳେ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜ, କୋରାପୁଟର ଅନେସ୍ଥେସିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ଅମ୍ବିକା ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଜ୍ଞାପନ କରି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ବୃନ୍ଦ, ଛାତ୍ରଛାତ୍ରୀ, ଅଭିଭାବକ ଓ ଉପସ୍ଥିତ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

# ଅଧ୍ୟାପକ ରବି ସାର୍‌ଙ୍କୁ ବିଦାୟ ସମ୍ବର୍ଦ୍ଧନା



ନନ୍ଦପୁର ,୩୦।୬(ସମିସ): ୧୯୮୩ରେ ମସିହା ନନ୍ଦପୁର ଠାରେ ଉଚ୍ଚ ଶିକ୍ଷା ପାଇଁ ଅଞ୍ଚଳବାସୀଙ୍କ ଆଶା ପୁରଣ ନେଇ ପୂର୍ବତନ ମନ୍ତ୍ରୀ ତଥା ଆଦିବାସୀ ନେତାଙ୍କ ବଡ଼ ଯୋଗଦାନରେ ଆରମ୍ଭ ହେଲା ଶିନ୍ଦେଦେବୀ କନିଷ୍ଠ ମହାବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମ କରି ଯୋଗଦାନ କରି ତାଙ୍କ ଚାକିରି ଜୀବନ ଶେଷ କରିଛନ୍ତି ଓଡ଼ିଆ ଅଧ୍ୟାପକ ରବି ଶତପଥି। ମଙ୍ଗଳବାର ନନ୍ଦପୁର କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ବୈଜୟନ୍ତି ସାମଲଙ୍କ ଅଧକ୍ଷତାରେ ଆୟୋଜିତ ବିଦାୟକାଳୀନ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଜୟରାମ ପାଙ୍ଗି, ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ସେକ୍ ଗଫୁର, ଶିକ୍ଷାବିତ ସୁରେନ୍ଦ୍ର ଖେମୁଣ୍ଡୁ, ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପଟ୍ଟନାୟକ, ଅଧ୍ୟାପିକା ବାତ୍ ସେବା ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ରବିଶତପଥି ତାଙ୍କ ଏକ କୁଡିଆ ଘରୁ ତାଙ୍କ ଅଧ୍ୟାପକ ଜୀବନ ଆରମ୍ଭ କରି ଚାକିରି ଜୀବନ ଶେଷ କରିଥିବା ଅତିଥି ମାନେ ଆଲୋଚନା କରି ତାଙ୍କ ଅବସର ଜୀବନର ସୁଖ ସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ରବି ସାର୍ ତାଙ୍କ ଚାକିରି ଜୀବନୀ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶ୍ରୀରାମ ପାତ୍ର ପରିଚାଳନା କରିଥିଲେ।

# ଡ. ପ୍ରଜ୍ଞା ପରିମିତା ପରିଡ଼ାଙ୍କ ଗବେଷଣା ଯାତ୍ରାରେ ଆଉ ଏକ ସଫଳତା




ସେମିଳିଗୁଡା,୩୦।୬ (ସମିସ): ଓଡ଼ିଶାର ଗର୍ବ ଡ଼. ପ୍ରଜ୍ଞା ପରିମିତା ପରିଡ଼ା ନିଜର ଦୀର୍ଘ ଗବେଷଣା ଯାତ୍ରାରେ ଆଉ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୨୦୧୮ ମସିହାରେ ସେ ରମାଦେବୀ ବିଶ୍ୱବିଦ୍ୟାଳୟରେ +୩ ସ୍ତରରେ ଅଧ୍ୟାପନା କରିଥିଲେ। ପରେ ୨୦୧୯ ମସିହାରୁ ହାଇଦ୍ରାବାଦ ସ୍ଥିତ ଟିଆଇଏଫ୍‌ଆରରେ ପ୍ରଫେସର କୌସ୍ତୁଭ ରାଜୀବ ମୋଟେଙ୍କ ତତ୍ତ୍ୱାବଧାନରେ ମେଡିକାଲ ସାଇନ୍ସର ପ୍ରୋଟିନ୍ ଏନ୍‌ଏମ୍‌ଆର କ୍ଷେତ୍ରରେ ରସାୟନ ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ଆରମ୍ଭ କରିଥିଲେ। ଗବେଷଣାକୁ ଆହୁରି ସମୃଦ୍ଧ କରିବା ପାଇଁ ୨୦୨୩ ମସିହାରେ ସେ ସ୍କଟଲାଣ୍ଡ ଗସ୍ତ କରି ଉଚ୍ଚତର ଗବେଷଣା କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଦୀର୍ଘ ବର୍ଷର ନିଷ୍ଠା ପୂର୍ଣ୍ଣ ପରିଶ୍ରମର ଫଳସ୍ୱରୂପ ୨୫ ଜୁନ ୨୦୨୬ ତାରିଖ ଅପରାହ୍ନ ୪ ଟାରେ ଲକ୍ଷ୍ନୌ ସ୍ଥିତ ସେଣ୍ଟର ଅଫ୍ ବାୟୋ ମେଡିକାଲ ରିସର୍ଚ୍ଚ (ସିବିଏମ୍‌ଆର) ର ନିର୍ଦ୍ଦେଶକ ପ୍ରଫେସର ନୀରଜ ସିହ୍ନାଙ୍କ ଅଧକ୍ଷତାରେ ତାଙ୍କୁ ପିଏଚ୍‌ଡି ଉପାଧି ପ୍ରଦାନ କରାଯାଇଥିଲା। ଏହି ଗୌରବମୟ ଅବସରକୁ ସ୍ମରଣୀୟ କରିବା ପାଇଁ ଟିଆଇଏଫ୍‌ଆର ପକ୍ଷରୁ ଏକ ସ୍ୱତନ୍ତ୍ର ଭୋଜିର ଆୟୋଜନ କରାଯାଇଥିଲା। ଉପାଧି ପ୍ରଦାନ ଉତ୍ସବ ଓ ଭୋଜିରେ ଡ. ପ୍ରଜ୍ଞା ପରିମିତା ପରିଡ଼ାଙ୍କ ପିତା କାମଦେବ ପରିଡ଼ା ଓ ମାତା ସ୍ମରଣିକା ପରିଡ଼ା ଉପସ୍ଥିତ ରହି ଝିଅଙ୍କ ସଫଳତାର ଗୌରବମୟ ମୁହୂର୍ତ୍ତର ସାକ୍ଷୀ ହୋଇଥିଲେ। ଏହାପରେ ଆହୁରି ଉଚ୍ଚତର ଗବେଷଣା ପାଇଁ ଡ. ପ୍ରଜ୍ଞା ପରିମିତା ପରିଡ଼ା ଆସନ୍ତା ୬ ଜୁଲାଇ ୨୦୨୬ ତାରିଖରେ ଆମେରିକା ଗସ୍ତ କରିବେ। ତାଙ୍କର ଏହି ସଫଳତା ଓଡ଼ିଶା ପାଇଁ ଗର୍ବର ବିଷୟ ହୋଇଥିବାବେଳେ ଶିକ୍ଷାବିତ୍, ଗବେଷକ ଓ ଶୁଭେଚ୍ଛୁ ମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପାଠ୍ୟପୁସ୍ତକରେ ତ୍ରୁଟି; କଂଗ୍ରେସର ବିକ୍ଷୋଭ






ଉମରକୋଟ,୩୦।୬(ସମିସ): ନୂତନ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ଆଜି ଉମରକୋଟ କଂଗ୍ରେସ ପକ୍ଷରୁ ଶୋଭାଯାତ୍ରା ବାହାରି ବିକ୍ଷୋଭ ସହ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ସରକାର ଯଦି ତୁରନ୍ତ ଏହି ଭୁଲ ସଂଶୋଧନ ନ କରନ୍ତି ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଅନ୍ତି, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଦଳ ଚେତାବନୀ ଦେଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଶିକ୍ଷା ବ୍ୟବସ୍ଥାରେ ଏଭଳି ସମ୍ବେଦନଶୀଳ ବିଷୟକୁ ନେଇ ସରକାର କେବଳ କିଛି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହଁ ବୋଲି କଂଗ୍ରେସ ପକ୍ଷରୁ ପ୍ରକାଶ କରାଯାଇଛି। କୋମଳମତି ଶିଶୁଙ୍କ ଭବିଷ୍ୟତ ସହ ଖେଳ, ପାଠ୍ୟପୁସ୍ତକରେ ଭୁଲ ତଥ୍ୟ, ଇତିହାସର ବିକୃତୀକରଣ ଏବଂ ବ୍ୟାକରଣଗତ ତ୍ରୁଟି ଛାତ୍ରଛାତ୍ରୀଙ୍କୁ ଭ୍ରମିତ କରୁଛି। ଏଭଳି ସଂଘାତିକ ଭୁଲ ପାଇଁ ଦାୟୀ ଥିବା ଅଧିକାରୀ ଓ ପୁସ୍ତକ ସମୀକ୍ଷା କମିଟି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହି ନିର୍ଦ୍ଦିଷ୍ଟ ଭୁଲ୍ ପୁସ୍ତକଗୁଡ଼ିକୁ ବଜାର ଓ ସ୍କୁଲରୁ ତୁରନ୍ତ ପ୍ରତ୍ୟାହାର କରି ସଂଶୋଧିତ ପୁସ୍ତକ ଯୋଗାଇ ଦିଆଯାଉ ବୋଲି କଂଗ୍ରେସ ଦାବି କରିଛି। ଆଜି ଯଦିଓ ମନ୍ତ୍ରୀଙ୍କ ବାସଭବନକୁ ଘେରାଉ କାର୍ଯ୍ୟକ୍ରମ ରହିଥିଲା, ଶେଷ ମୁହୂର୍ତ୍ତରେ ବାତିଲ କରି ମେଡିକାଲ ଛକରେ ବିକ୍ଷୋଭ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ମନ୍ତ୍ରୀଙ୍କ ବାସଭବନକୁ ଘେରି ରହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଲିପିକା ମାଝୀ, ପୂର୍ବତନ ଜିଲ୍ଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ଅଖିଳ ଭତ୍ରା, ବୃନ୍ଦାବନ ତ୍ରିପାଠୀ, ସନରାଜ ଗଣ୍ଡ, ଉସମାନ ଲାଠିଆ, ହାରାବତୀ ଗଣ୍ଡ, କୃଷ୍ଣ ମାଝୀ,ଏସ ବିଜୟ, ଅମୁଲ୍ୟ ପଟ୍ଟନାୟକ, ବାବୁଲା ପଟ୍ଟନାୟକ, ଶଙ୍କର ଦେ, ସୁରେନ୍ଦ୍ର ନାୟକ, ଖେମରାଜ ବାଘ , ସୋନ୍ତଷ ପଟ୍ଟନାୟକ, ସନ୍ତୁଲା ଦୁରୀଆ, ଗୌତମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅତିରିକ୍ତ ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଚନ୍ଦ୍ରପୁର, ୩୦।୬(ସମିସ) ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରୀ ଗଣେଶ ଶବର ଅଧକ୍ଷତା କରିଥିବାବେଳେ ଶିକ୍ଷା ବିଭାଗର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସିଙ୍ଗନା ତାଡିଙ୍ଗଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବାଳକୃଷ୍ଣ ବିହାରି , ଉମାକାନ୍ତ ମିଶାଲ ଓ ଅନ୍ୟାନ୍ୟ କର୍ମଚାରୀ ସିନିୟର୍ କ୍ଲର୍କ ସଦାଶିବ କ୍ରାସାକା, ହିସାବ ରକ୍ଷକ ବାସୁଦେବ ସାହୁକାର , ଚତୁର୍ଥ ଶ୍ରେଣୀ କର୍ମଚାରୀ ମନୀଶ କୁମାର ବେହେରା ଓ ବିଶ୍ୱଜିତ ଚଣ୍ଡ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆମ ସମ୍ବିଧାନ କେବଳ ଆଇନଜ୍ଞଙ୍କ ଏକ ଦସ୍ତାବେଜ ନୁହେଁ, ଏହା ଭାରତୀୟ ଜନଜୀବନର ବାହକ ଏବଂ ସର୍ବକାଳୀନ ପ୍ରେରଣାର ଉତ୍ସ
-ଡ. ବିଆର ଆମ୍ବେଦକର

## ଜଳସଙ୍କଟର ଚେତାବନୀ

କିଛି ସଙ୍କଟକୁ ସର୍ବଦା ସ୍ଥାନୀୟ ଭାବେ ଦେଖି ହୁଏ ନାହିଁ; ଏହାସହିତ ଗୋଟିଏ ଦେଶର ଓ ଏହାର ଲୋକଙ୍କର ଭାଗ୍ୟ ତଥା ଭବିଷ୍ୟତ ପରୋକ୍ଷ ଭାବେ ଯୋଡ଼ି ହୋଇଯାଏ। ସମ୍ପ୍ରତି ଦେଶର ଯେଉଁକେତେକ ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଉଥିବାର ତଥ୍ୟ କେନ୍ଦ୍ର ଜଳ ଆୟୋଗ ପକ୍ଷରୁ ପ୍ରକାଶ ପାଇଛି ତାହା ଉପରୋକ୍ତ ତର୍କ ସହିତ ଯୋଡ଼ା ଯାଇପାରେ। କିଛିବର୍ଷ ତଳେ ବେଙ୍ଗାଲୁରୁରେ ସୃଷ୍ଟ ଜଳ ସଙ୍କଟ ଯୋଗୁଁ ବହୁ ଦେଶୀ, ବିଦେଶୀ ପ୍ରତିଷ୍ଠିତ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରି କର୍ମଚାରୀଙ୍କୁ ଘରୁ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନେକ ଲୋକ ନିଜର ଘରେ ତାଲା ଲଗାଇ ନିଜ ନିଜ ଗାଁ ଓ ରାଜ୍ୟକୁ ମଧ୍ୟ ପଳାୟନ କରୁଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚେନ୍ନାଇରେ ମଧ୍ୟ ହୋଟେଲ୍ ବନ୍ଦ ହୋଇଯାଇଥିବା ବେଳେ ରାଜସ୍ଥାନର କେତେକ ଅଞ୍ଚଳରେ ପାଣି ପାଇଁ ରକ୍ତାକ୍ତ ସଂଘର୍ଷ ହୋଇଥିଲା। ଏହାର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ ସାରା ଦେଶରେ ଅନୁଭୂତ ହୋଇଥିଲା

ଦିନକୁ ଦିନ ଉତ୍କଟ ହୋଇଚାଲିଥିବା ଜଳସଙ୍କଟ ପାଇଁ ଅଭାବୀ ମୌସୁମୀ, ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଅପେକ୍ଷା ମାନବ କାର୍ଯ୍ୟକଳାପ ଅଧିକ ଦାୟୀ। ଏବେ ଚେନ୍ନାଇ, ଦିଲ୍ଲୀ, ବେଙ୍ଗାଲୁରୁ, ପୁଣେ, ଅହମ୍ମଦାବାଦ, ଗୁରୁଗ୍ରାମ, ହାଇଦ୍ରାବାଦ, ବିଶାଖାପାଟଣା, ଭୁବନେଶ୍ୱର ଆଦି ମେଟ୍ରୋ ପଲିଟାନ୍ ଏବଂ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ସହରରେ ମଧ୍ୟ ଜଳ ସଙ୍କଟ ସୃଷ୍ଟି ହୋଇଛି। ଉଦାହରଣ ଭାବେ ବେଙ୍ଗାଲୁରୁ ସହରକୁ ନିଆଯାଇପାରେ। ଏହି ନଗରୀର ଜଳଯୋଗାଣ ବ୍ୟବସ୍ଥା ଏକଦା ଶତାଧିକ ହ୍ରଦ ଓ ବଡ଼ ବଡ଼ ସରୋବର ଉପରେ ନିର୍ଭର କରୁଥିଲା। କାବିନି ଓ କାବେରୀ ଡ୍ୟାମ୍‌ରୁ ପାଇପ୍ ଯୋଗେ ବହୁ ଦୂରରୁ ପାଣି ଅଣାଯାଇ ସହରକୁ ଯୋଗାଇ ଦିଆଯାଉଥିଲା। ପରିତାପର ବିଷୟ ହେଲା ନଦୀ ନଥିବା ଏହି ସହର ବିଗତ କେଇ ବର୍ଷ ଧରି ଅସମ୍ଭବ ଭାବେ ଉଭୟ ଅନୁପ୍ରସ୍ଥ (ହୋରାଇଜେଣ୍ଟାଲ) ଓ ଉଲମ୍ବ (ଭର୍ଟିକାଲ) ଆକାରରେ ବଢ଼ୁଛି। ବୃହତ୍ ବେଙ୍ଗାଲୁରୁ ନଗରପାଳିକାର କାୟା ବୃଦ୍ଧି ପ୍ରତିବର୍ଷ ଘଟି ନଗର ଉପାନ୍ତ ଶହ ଶହ ଗ୍ରାମକୁ ଏଥିରେ ସାମିଲ କରାଯାଉଛି। ବିଲଡର ଓ ବ୍ୟକ୍ତିଗତ ଲୋକ ସେଠାରେ ଯାଗା କିଣି ଆକାଶଚୁମ୍ବୀ ଅଟ୍ଟାଳିକା ଓ ଭବନମାନ ନିର୍ମାଣ କରୁଛନ୍ତି। ଜଳାଶୟ, ଆର୍ଦ୍ରଭୂମି ଆଦିକୁ ଅବିଚାରିତ ଭାବେ ପୋତି ଘର ଓ ବ୍ୟବସାୟ ପ୍ରତିଷ୍ଠାନ କରାଯାଉଛି। ପ୍ରାକୃତିକ ଝରଣା ଓ ଜଳାଶୟଗୁଡ଼ିକ ସହରୀ ଆବର୍ଜନାରେ ପୋତି ହୋଇ ଶୁଖିଯାଉଛି।

ପଚାଶ ବର୍ଗ କିମି ପରିମିତ ଅଞ୍ଚଳରେ ଏକ କୋଟିରୁ ଅଧିକ ଲୋକ ବସବାସ କରିବା ଏବଂ ନଭଶ୍ଚୁମ୍ବୀ ଅଟ୍ଟାଳିକାମାନ ଗଢ଼ି ଉଠିବା ଫଳରେ ଭୂତଳ ଜଳସ୍ତର ବିପଜ୍ଜନକ ଭାବେ ହ୍ରାସ ପାଇବା ସ୍ୱାଭାବିକ। ସହରରେ ଭୂତଳ ଜଳର ପୁନଃକ୍ଷରଣ ବ୍ୟବସ୍ଥା ନାହିଁ। ତେଣୁ ପରିସ୍ଥିତି ଅଣାୟତ୍ତ ହେବା ସ୍ୱାଭାବିକ। ଏହା ଏକ ମନୁଷ୍ୟକୃତ ବିପତ୍ତି। ନଗର ପ୍ରଶାସନ ଓ ସରକାରଙ୍କ ଦୂରଦୃଷ୍ଟି ଏବଂ ଯୋଜନାର ଅଭାବ ଏହାର ମୁଖ୍ୟ କାରଣ। ଏହି ସହରରେ ଏକଦା ୨୬୨ ପ୍ରାକୃତିକ ହ୍ରଦ ଥିଲା। ମାତ୍ର ଛଅ ଦଶନ୍ଧି ମଧ୍ୟରେ ଏହାର ସଂଖ୍ୟା ୮୧ କୁ କମିଆସିଛି। ନଗରୀରେ ଜଳ ବଣ୍ଟନ, ପରିଚାଳନା, ବର୍ଜ୍ୟଜଳର ପୁନଃ ବ୍ୟବହାର, ଜଳ ଯୋଗାଣ ବ୍ୟବସ୍ଥା ବାଟବଣା ହୋଇଯାଇଛି। ଜନସଂଖ୍ୟାର ଚାପ ଏହାକୁ ଉତ୍କଟ କରିଛି। ଜଳ ଉତ୍ସ ନଥିବା ନଗରୀର ଅବସ୍ଥା ସେତେବେଳେ କ'ଣ ହେବ, ତାହା ଚିନ୍ତାର ବିଷୟ। ଦକ୍ଷିଣ ଆଫ୍ରିକାର ଡରବାନ ପରେ ଏହା ବିଶ୍ୱର ଦ୍ୱିତୀୟ ନଗରୀ, ଯେଉଁଠି ଭୂତଳଜଳ ଶୂନ୍ୟରେ ପହଞ୍ଚିଛି। ନଳକୂଅ ସବୁ ଅକାମୀ ହୋଇପଡ଼ିଛି। କୂଅ ଶୁଖିଯାଇଛି। ୨୦୨୨ରେ କର୍ଣ୍ଣାଟକ ସରକାର ଯେଉଁ ଜଳନୀତି ପ୍ରସ୍ତୁତ କରିଥିଲେ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିଲେ ଆଜି ଏ ସମସ୍ୟା ହୁଏତ ହୋଇନଥା'ନ୍ତା। ସମାନ ପରିସ୍ଥିତି ଭୁବନେଶ୍ୱର ଓ କଟକ ସମେତ ମହାନଗର ନିଗମ ଓ ତତ୍‌ସଂଲଗ୍ନ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳୁଛି। ଯେଉଁ ଛଅଟି ରାଜ୍ୟରେ ଜଳସ୍ତର ଉଦ୍‌ବେଗଜନକ ଭାବେ ହ୍ରାସ ପାଇ ଚାଲିଛି ବୋଲି ଆୟୋଗ ରିପୋର୍ଟରେ ଉଲ୍ଲେଖ ରହିଛି ସେମାନଙ୍କ ମଧ୍ୟରେ ଓଡ଼ିଶା ମଧ୍ୟ ଅଛି। ଓଡ଼ିଶା ସମେତ ଦେଶର ୧୬୬ ବୃହତ୍ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି।

ଏବେ ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସମେତ ଭାରତର ୩୦ଟି ପ୍ରମୁଖ ନଗରୀ ଜଳକଷ୍ଟର ସମ୍ମୁଖୀନ ବୋଲି ଜଳ ଆୟୋଗ ରିପୋର୍ଟରୁ ଜଣାଯାଏ। ଏହାକୁ ଅସତ୍ୟ କୁହାଯାଇ ନ ପାରେ। ଭାରତ ବିଶ୍ୱର ଏକ ଜଳ ବଳକା (ମଧୁର ଜଳ) ଦେଶ ହୋଇଥିଲେ ମଧ୍ୟ ଅନେକ ସହର ଓ ଗ୍ରାମାଞ୍ଚଳରେ ଜଳକଷ୍ଟ ବର୍ଷକୁ ଛ'ମାସ ଦେଖାଦିଏ। ଏହାର ପ୍ରମୁଖ କାରଣ ହେଲା ଜଳର କୁପରିଚାଳନା, ଜଳର ମହତ୍ତ୍ୱ ଓ ଗୁରୁତ୍ୱ ନେଇ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ, ଅପଚୟପୂର୍ଣ୍ଣ ଜଳ ଯୋଗାଣ ବ୍ୟବସ୍ଥା, ସଂରକ୍ଷଣର ଅଭାବ, ଦୂଷିତ ଜଳ ଯୋଗାଣ ଏବଂ ଦ୍ରୁତ ଶିଳ୍ପ ଓ ସହରାୟନ। ବିକଶିତ ଭାରତ ନିର୍ମାଣ ପାଇଁ ଆମର ପ୍ରସ୍ତୁତି ଚାଲିଥିବା ବେଳେ ଦେଶର ପ୍ରମୁଖ ସହରାଞ୍ଚଳରେ ଉତ୍କଟ ଜଳାଭାବ ଆଦୌ ଏକ ଶୁଭସୂଚନା ନୁହେଁ।

ଜଳ କେବଳ ଜୀବନ ପାଇଁ ନୁହେଁ, ଅର୍ଥନୀତି, ବିକାଶ ଓ ସଭ୍ୟତା ନିମନ୍ତେ ମଧ୍ୟ ଅପରିହାର୍ଯ୍ୟ। ଜଳ ସଙ୍କଟ ଏବେ ଏକ ଜାତୀୟ ବିପତ୍ତି ଏବଂ ସମଗ୍ର ଦେଶ ତଥା ପ୍ରମୁଖ ନଗରୀଗୁଡ଼ିକ ନିମନ୍ତେ ଏକ ଚେତାବନୀ। ଉପରମୁଣ୍ଡରେ ନଦୀଜଳକୁ ଡ୍ୟାମ କରି ଅଟକାଇବା ଫଳରେ ଅନେକ ତଳମୁଣ୍ଡ ରାଜ୍ୟରେ ଜଳ ସଙ୍କଟ ଅତ୍ୟନ୍ତ ଉତ୍କଟ ହେଉଛି। ଓଡ଼ିଶା ଏଭଳି ଏକ ସ୍ଥିତିରେ ଶିକାର ହେଉଛି। ତେଣୁ ବେଳ ଥାଉ ଥାଉ ଆମ ପ୍ରମୁଖ ତଥା ଜନାକୀର୍ଣ୍ଣ ନଗରୀଗୁଡ଼ିକର ଜଳ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସରକାର ଜାତୀୟସ୍ତରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରନ୍ତୁ। ଜଳବାୟୁ ପରିବର୍ତ୍ତନ ଏ ସଙ୍କଟକୁ ଅଧିକ ଜଟିଳ କରିବା ପୂର୍ବରୁ ପ୍ରତିକାର ଜରୁରୀ ମନେହୁଏ।

---

**ମୋ ସ୍ୱପ୍ନର ଓଡ଼ିଶା**

## ଅସମ୍ପୂର୍ଣ୍ଣ ସ୍ୱପ୍ନ: ଅବିରାମ ପୁନର୍ଗଠନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

***ସ୍ୱପ୍ନ-ଶୂନ୍ୟ ମରୁପ୍ରାନ୍ତର:*** ନିଜ ଦେଶ, ରାଜ୍ୟ ବା ପୃଥିବୀକୁ କେନ୍ଦ୍ର କରି ନୂତନ ନୂତନ ସ୍ୱପ୍ନରେ ଆନ୍ଦୋଳିତ ହେଉଥିବା ମଣିଷଙ୍କ ସଂଖ୍ୟା ଆଜି କେତେ? ସାମୂହିକ କଲ୍ୟାଣ ନିମିତ୍ତ ଯେଉଁ ସ୍ୱଦେଶପ୍ରେମୀ ଓ ମାନବାନୁରାଗୀ ମହାନ କୃତୀ-ସନ୍ତାନବୃନ୍ଦ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଆଉ ଉତ୍ତରପିଢ଼ି ସକାଶେ ବୁଣି ଦେଇଗଲେ ଅଜସ୍ର ସ୍ୱପ୍ନର ବିହନ - ସେମାନେ କ'ଣ କେବେ ହେଲେ ଆଶଙ୍କା କରିପାରିଥିବେ ଯେ ସ୍ୱପ୍ନର ଚାରା ସବୁ ଉପାଡ଼ି ଦିଆଯିବ ନିଷ୍ଠୁର ଭାବରେ? ଫୁଲ ଫୁଟିବା ପୂର୍ବରୁ କୋମଳ କଳିକାଗୁଡ଼ିକ ବୃନ୍ତଚ୍ୟୁତ କରିଦିଆଯିବ? ଯେଉଁଠି ଚାରାଟି ପଲ୍ଲବିତ ହୋଇ ଆକାଶ ଅଭିମୁଖୀ, ତା' ଦେହରୁ ଡାଳପତ୍ର ସବୁ ଅବିଚାରିତ ଭାବରେ ଛେଦନ କରାଯିବ? 'ଏଲ-ନିନୋ' ପ୍ରଭାବରେ କୃଷିକ୍ଷେତ୍ର ଶୁଷ୍କ ହୋଇ ଚିରା ଚିରା ହୋଇ ଫାଟିଯିବା ପରି ସ୍ୱପ୍ନର ସବୁଜକ୍ଷେତ ସବୁ ଉଜୁଡ଼ି ଯିବ? ସ୍ୱପ୍ନର ମରୁଡ଼ିରେ କ୍ରନ୍ଦନ କରିବ ଏ ବସୁନ୍ଧରା -ଏହା ତ କଳ୍ପନାରେ ଆସି ନଥିବ ସେମାନଙ୍କ ଭାବନା-ରାଜ୍ୟକୁ।

ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅସଂଖ୍ୟ ସ୍ୱାଧୀନତା ସଂଗ୍ରାମୀ ଯେଉଁ 'ସ୍ୱପ୍ନର ଭାରତ' ନିର୍ମାଣ କରିଥିଲେ ତାଙ୍କ ମାନସ ପଟରେ ତାହା କ'ଣ ଏହି ଭାରତବର୍ଷ? ଅନୁରୂପ ଭାବରେ ବ୍ୟାସକବି ଫକୀରମୋହନ ସେନାପତି, କବିବର ରାଧାନାଥ ରାୟ, ଭକ୍ତକବି ମଧୁସୂଦନ ରାଓ, ସ୍ୱଭାବ-କବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ବାଗ୍ମୀ ବିଶ୍ୱନାଥ କର, ପଣ୍ଡିତ ନୀଳମଣି ବିଦ୍ୟାରତ୍ନ, ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ, କବି ବ୍ରଜମୋହନ ପଣ୍ଡା, ଦୟାନିଧି ମିଶ୍ର, ଚନ୍ଦ୍ରଶେଖର ବେହେରା, ସୁବିଖ୍ୟାତ ରାଜା ମହାରାଜାମାନେ ଯେଉଁ 'ସ୍ୱତନ୍ତ୍ର ଓଡ଼ିଶା'ର ସ୍ୱପ୍ନ ଦେଖିଥିଲେ ତାହା କ'ଣ ଏହି ଓଡ଼ିଶା? ସତକୁ ସତ ଏହି ସ୍ୱପ୍ନଶୂନ୍ୟ ମରୁପ୍ରାନ୍ତରକୁ ଦେଖିବା କିମ୍ବା ଅନୁଭବ କରିବା ଯଦି ସମ୍ଭବ ହେଉଥାଏ ସେଇ ଅଶରୀରୀ ମହତଆତ୍ମାଙ୍କ ପକ୍ଷରେ, ତା'ହେଲେ ସେମାନଙ୍କ କ୍ରନ୍ଦନ ଆମର କଳନାତୀତ। ସେମାନଙ୍କ ପରବର୍ତ୍ତୀ ପିଢ଼ି ନିକଟରେ ସ୍ୱଦେଶ ଓ ସ୍ୱଜାତିକୁ ନେଇ ଗୌରବବୋଧ କରିବାର ହାର୍ଦ୍ଦିକତା ଅନେକ ପରିମାଣରେ ରହି ପାରିଥିଲା ଅକ୍ଷୁଣ୍ଣ। କିନ୍ତୁ ତତ୍‌ପରବର୍ତ୍ତୀ ଉତ୍ତରାଧିକାରୀମାନେ ସ୍ୱପ୍ନ କହିଲେ ବୁଝନ୍ତି ନିଜ ନିଜର ବ୍ୟକ୍ତିଗତ ଉତ୍ଥାନ। ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଉଦ୍ଦିଷ୍ଟ ଉଦ୍ୟମ। ଦେଶଭକ୍ତି, ମାତୃଭାଷା ସଂପ୍ରୀତି, ରାଜ୍ୟର ସମୂହ ବିକାଶ କେବଳ ବହିର ବିଷୟମାତ୍ର। ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ତଥ୍ୟ ସଂଗ୍ରହ ମଧ୍ୟରେ ତାହା ସୀମିତ। ତୀବ୍ର ବୁଦ୍ଧିମତ୍ତାର ଚାପରେ ହୃଦୟବତ୍ତା ସୁପ୍ତ, ନିସ୍ତେଜ, ନିସ୍ତବ୍ଧ।

***ପ୍ରତିଦ୍ୱନ୍ଦ୍ୱିତା-ପୀଡ଼ିତ ପରିମଣ୍ଡଳ:*** ସମ୍ପ୍ରତି ଅଭିଭାବକ, ଅଧ୍ୟାପକ, ଶିକ୍ଷକ, ଛାତ୍ରଛାତ୍ରୀ, ଚାକିରିଜୀବୀ, ବ୍ୟବସାୟୀ, ରାଜନୈତିକ ନେତୃମଣ୍ଡଳୀ, ଏପରିକି ସାହିତ୍ୟ ଆଦି ସବୁସ୍ତରରେ ଯେଉଁ ତୀବ୍ର ପ୍ରତିଯୋଗିତା ପରିଦୃଷ୍ଟ, ସେଥିରେ ସମାଜ ପାଇଁ ସ୍ୱପ୍ନ ସବୁ କ୍ଷଣକରେ ପରାଜିତ ଆଉ ଚୂର୍ଣ୍ଣୀଭୂତ। ସ୍କୁଲ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ ଜୀବନର ଲକ୍ଷ୍ୟ ସମ୍ପର୍କରେ ଲେଖିବା ବେଳେ ବ୍ୟକ୍ତିଗତ ଜୀବନର ଉଚ୍ଚାକାଂକ୍ଷା ବିଷୟ ହିଁ ବର୍ଣ୍ଣନା କରନ୍ତି। ଶ୍ରେଷ୍ଠ କୃତୀ-ଛାତ୍ରଛାତ୍ରୀମାନେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସେହି ଆଭିମୁଖ୍ୟ ହିଁ ପ୍ରକାଶ କରନ୍ତି। ନିଜ କର୍ତ୍ତବ୍ୟ ମାଧ୍ୟମରେ ଦେଶ ସେବା ସେମାନଙ୍କ ବ୍ରତ ହେବ ବୋଲି ଯେଉଁମାନେ ଗଣମାଧ୍ୟମ ଆଗରେ କହନ୍ତି ସେମାନଙ୍କ ପରବର୍ତ୍ତୀ ଜୀବନର କାର୍ଯ୍ୟକଳାପ କିଏ ଅବା ଆଉ ସମୀକ୍ଷା କରନ୍ତି? ବଜାରରେ ଯେଉଁ ବିଷୟର ଚାହିଦା ଅଧିକ ନିଜକୁ ସେହି ଭାବରେ ଗଢ଼ିବା ସେମାନଙ୍କ ଓ ପିତାମାତାଙ୍କ ଲକ୍ଷ୍ୟ। କୌଣସି କବିଙ୍କ କବିତାର ପଦଟିଏ, ମହାପୁରୁଷଙ୍କ ଜୀବନର ଘଟଣାଟିଏ ତାଙ୍କୁ ଶିହରିତ କରିଦେଇପାରୁନାହିଁ। ଅନ୍ୟମାନଙ୍କୁ ପଛରେ ପକାଇ, ଅନ୍ୟମାନଙ୍କ ଉପରେ ମାଡ଼ି ମକଚି ଉପର ସ୍ତରକୁ ପହଞ୍ଚିବା ହିଁ ଯେଉଁଠି ଏକମାତ୍ର ଅଭିଳାଷ ସେଠି ଓଡ଼ିଶା ଗଢ଼ିବାର ସ୍ୱପ୍ନ ମୁକୁଳିତ ହେବ ବୋଲି କିପରି ଆଶା କରାଯାଇପାରେ?

***ଉପେକ୍ଷିତ ବର୍ଗଙ୍କ ଅସହାୟତା:*** ଯେଉଁମାନେ ଆର୍ଥିକ, ସାମାଜିକ, ଶୈକ୍ଷିକ ସ୍ତରରେ ଅନଗ୍ରସର, ସେମାନେ ତ ଭାରତର ସ୍ୱାଧୀନତା ଦିବସ କେବେ, ଓଡ଼ିଶା ଦିବସ କେବେ - ଏସବୁ କିଛି ବି ଜାଣନ୍ତିନି। ଗ୍ରାମାଞ୍ଚଳରେ ପଢୁଥିବା ବହୁ ଛାତ୍ରଛାତ୍ରୀ ଜ୍ଞାନ-ବିଜ୍ଞାନର ପ୍ରତିଯୋଗିତାଠାରୁ କେତେ ଦୂରବର୍ତ୍ତୀ ତାହା କଳ୍ପନା ବି କରିହେବ ନାହିଁ। କୌଣସି ଏକ ସଭାରେ ଏ ସାମାନ୍ୟ ଲେଖକଟି ଶୁଣିଲା ଜଣେ ପ୍ରସିଦ୍ଧ ରାଜନେତାଙ୍କ ବକ୍ତବ୍ୟ। ତାହାର ମର୍ମାର୍ଥ ହେଉଛି - 'ସ୍ୱଦେଶର ବିକାଶ ପାଇଁ ଆମର ଉଦ୍ୟମ ଅବ୍ୟାହତ। କିନ୍ତୁ ସବୁକିଛି ତ ଗୋଟିଏ ରାତିରେ ବଦଳି ଯିବ ନାହିଁ।' ବାସ୍ତବିକ ସତ କଥା। ୧୯୩୬ରେ ଓଡ଼ିଶା ଗଠନ ହୁଏ, ୧୯୪୭ରେ ଭାରତ ହୁଏ ସ୍ୱାଧୀନ। ମାତ୍ର ରାତିଟି ଏତେ ଦୀର୍ଘ ଯେ ସକାଳ କେବେ ହେଉନାହିଁ! ମନେ ପଡୁଥିଲା ଚନ୍ଦ୍ରଶେଖର ରଥଙ୍କ ଗଳ୍ପର ଶୀର୍ଷକ 'ସବୁଠାରୁ ଦୀର୍ଘରାତି'। ଆଉ କେତେ ଦଶନ୍ଧି କି ଶତାବ୍ଦୀ ପରେ ଏରାତି ପାହିବ? ଗୋଟିଏ ପଟେ ଜ୍ଞାନବିଜ୍ଞାନର ଦ୍ରୁତ ଅଗ୍ରଗତି ଆଉ ଗୋଟିଏ ପଟେ ମାନବିକ ସମ୍ବେଦନାର ଭୟଙ୍କର ଅବକ୍ଷୟ, ଦରିଦ୍ର ନିଷ୍ପେଷିତ ଜନତାଙ୍କ ଦୈନନ୍ଦିନ ଜୀବନ ବଞ୍ଚିବାର ତୁମୁଳ ସଂଘର୍ଷ - ଏହାରି ଭିତରେ ଯାହାକୁ ଅଗ୍ରଗତି ବୋଲି କୁହାଯାଏ ସେତେବେଳେ ଗାନ୍ଧିଜୀଙ୍କ ଧାଡ଼ିଟିଏ ମନେ ପଡ଼ିଯାଏ - 'ଗତି ମାତ୍ରକେ ସବୁ ପ୍ରଗତି ନୁହେଁ।' ଗୋଟିଏ ଦେଶରେ, ଗୋଟିଏ ରାଜ୍ୟରେ ରହି ମଧ୍ୟ ମଣିଷ-ମଣିଷ ଭିତରେ ଆକାଶ ପାତାଳ ତାରତମ୍ୟ! ଏଠି ସ୍ୱପ୍ନ ଦେଖିବା ଅର୍ଥ ବୁଝାଯାଏ ବିଳାସପୂର୍ଣ୍ଣ ଜୀବନ ନିର୍ବାହ ଯୋଜନା।

***ପୂର୍ବଜଙ୍କ ଆଦର୍ଶ କ୍ଷତବିକ୍ଷତ:*** ଯେଉଁ ଉଦାର-ହୃଦୟ-ସମ୍ପନ୍ନ ଶ୍ରେଷ୍ଠ ସନ୍ତାନବୃନ୍ଦ ନିଜ ନିଜ ମଧ୍ୟରେ ସମସ୍ତ ଭେଦ ଭାବ ବିସ୍ମରି ଯାଇ ସ୍ୱତନ୍ତ୍ର ଓଡ଼ିଶାର ସ୍ୱପ୍ନ ରଚନା କରିଥିଲେ ତାହା କ'ଣ ଏହି ସାମ୍ପ୍ରତିକ ଓଡ଼ିଶା? ସେମାନଙ୍କ ମଧ୍ୟରେ ଯେଉଁ ପାରସ୍ପରିକ ଶ୍ରଦ୍ଧା ଓ ମମତା ରହିଥିଲା ପରିପୂର୍ଣ୍ଣ ହୋଇ ତାହାର ଆମେ କ'ଣ ଉପଯୁକ୍ତ ଉତ୍ତରାଧିକାରୀ? କେତେ ସୁଉଚ୍ଚ ଶିଖରକୁ ଆରୋହଣ ପୂର୍ବକ ସେମାନେ ବୃହତ୍ତର ଓଡ଼ିଶା ଗଠନ ପାଇଁ ଆପଣାକୁ ସମର୍ପିତ କରିଥିଲେ ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିବାର ଦୂରଦୃଷ୍ଟି ବା ଅନ୍ତଃଦୃଷ୍ଟି ଆମର କାହିଁ? ଯେଉଁ ଶାନ୍ତି, ସଦ୍ଭାବ, ମୈତ୍ରୀ, ଭ୍ରାତୃତ୍ୱ, ସଂହତିର ପ୍ରତିଷ୍ଠା ପାଇଁ ସେମାନେ ସ୍ୱପ୍ନ-ସମୃଦ୍ଧ ଥିଲେ, ତାହା କେତେମାତ୍ରାରେ ପୂର୍ଣ୍ଣତା ଲାଭ କରିପାରିଛି? ଏହାରି ମଧ୍ୟରେ ସୁଦୀର୍ଘ ୯୦ ବର୍ଷ ଅତିକ୍ରାନ୍ତ। ଆଉ ମାତ୍ର ଦଶ ବର୍ଷ ପରେ ଆମେ କ'ଣ ସେମାନଙ୍କ ପରିକଳ୍ପିତ ଓଡ଼ିଶାର ବାସ୍ତବାୟନ ଦେଖିବାରେ ସମର୍ଥ ହୋଇପାରିବା? ସମଗ୍ର ଭାରତ ବର୍ଷରେ ଓ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ମୁଖ ସମୁଜ୍ଜ୍ୱଳ କରିଦେବାରେ ସକ୍ଷମ ହେବା? ଆଗାମୀ ଦଶବର୍ଷ ମଧ୍ୟରେ ସବୁସ୍ତରକୁ ମାଡ଼ିଯାଇଥିବା ଦୁର୍ନୀତିର ଚେର କ'ଣ ଉଚ୍ଛେଦ ହୋଇଯିବ? ଜାତି, ଧର୍ମ, ବର୍ଣ୍ଣ, ଭାଷାକୁ ନେଇ ସବୁ ବିବାଦର ସମାଧାନ, ଦାରିଦ୍ର୍ୟର ଅବସାନ, ଘୃଣାର ମୂଳୋତ୍ପାଟନ, ବଧୂ ନିର୍ଯାତନା, କନ୍ୟାରତ୍ନଙ୍କ ପ୍ରତି ଆସୁରିକ ଆଚରଣ, ବୃଦ୍ଧ ପିତାମାତାଙ୍କ ପ୍ରତି ପ୍ରତିକୂଳ ବ୍ୟବହାରର ପ୍ରତିକାର କିପରି ସମ୍ଭବ? ନିଯୁକ୍ତି କ୍ଷେତ୍ରରେ ପକ୍ଷପାତିତା ଓ ସନ୍ଦେହ, ଦୁର୍ବଳ ଉପରେ ସବଳର ଅତ୍ୟାଚାର, ଆଇନ ଶୃଙ୍ଖଳାର ସୀମାତୀତ ଉଲ୍ଲଙ୍ଘନ - ଏସବୁ ନିୟନ୍ତ୍ରିତ ହେବ କିପରି? ଅପରାଧୀଙ୍କ ସଂଖ୍ୟା ହ୍ରାସ ହେବ କି ଉପାୟରେ? ଶହେ ବର୍ଷର ଏକ ରାଜ୍ୟକୁ ସବୁଦୃଷ୍ଟିରୁ ଶୀର୍ଷ ସୋପାନକୁ ପହଞ୍ଚାଇବା ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଏକତାବଦ୍ଧ ହେବା କିପରି ସମ୍ଭବ ହେବ? ସେଥିପାଇଁ କି କି ପରିଯୋଜନାର ରୂପରେଖ ପ୍ରସ୍ତୁତ ହୋଇଛି? ଏପରି ଶତାଧିକ ପ୍ରଶ୍ନରେ ଆମେ ଆନ୍ଦୋଳିତ ହେବା ସ୍ୱାଭାବିକ। ନିଜ ନିଜ କର୍ତ୍ତବ୍ୟ ନିଃସ୍ୱାର୍ଥ ଭାବରେ ସଂପାଦନ କରିବାର ନିଷ୍ଠା, ସତ୍ୟ ଓ ସାଧୁତା ପ୍ରତି ଅନୁରକ୍ତି, ତ୍ୟାଗ ଓ ତିତିକ୍ଷାର ପବିତ୍ର ଭାବନା, ସ୍ନେହ, ସହାନୁଭୂତି, ପରୋପକାର -ଏସବୁ ପାଠାଗାରରୁ ବାହାରି ଆସି ଆମ ଜୀବନରେ ପ୍ରତିଫଳିତ ହୋଇପାରିବ କେଉଁ ଶୈଳୀରେ, କେଉଁ ଆଦର୍ଶ ଦ୍ୱାରା ଉଦବୁଦ୍ଧ ହୋଇ କାର୍ଯ୍ୟ ଅବ୍ୟାହତ ରଖିଲେ? ତାହା ଚିନ୍ତା କରୁଁ କରୁଁ ଆଗାମୀ ଦଶବର୍ଷ ଆଖି ପଲକରେ କ'ଣ ଚାଲିଯିବ ନାହିଁ?

***ଅବାସ୍ତବ, ଅସମ୍ଭବ ଆକାଂକ୍ଷା:*** ସମଗ୍ର ପୃଥିବୀ ବା ଭାରତ ବର୍ଷରୁ ଓଡ଼ିଶା ବିଚ୍ଛିନ୍ନ ନୁହେଁ। ତେଣୁ ଯେଉଁସବୁ ସଙ୍କଟ ମଧ୍ୟ ଦେଇ ବିଶ୍ୱ ଗତିଶୀଳ ସେଥିରୁ ଆମର ମୁକ୍ତି କାହିଁ? ଏଭଳି ପ୍ରତିପ୍ରଶ୍ନ ଦ୍ୱାରା ଉପରୋକ୍ତ ପରିକଳ୍ପନାକୁ ଉପହାସ କରିବା ଲୋକଙ୍କ ଅଭାବ ନାହିଁ। ଯେଉଁ ଅସାମଞ୍ଜସ୍ୟ ସମଗ୍ର ପୃଥିବୀରେ ପରିବ୍ୟାପ୍ତ, ସେଠୁ ଅଲଗା ହୋଇଯାଇ ଏକ ସ୍ୱର୍ଗରାଜ୍ୟର ସ୍ୱପ୍ନ ଦେଖିବା କି ହାସ୍ୟାସ୍ପଦ? ଏହିପରି ଭାବନା ଉଦ୍ରେକ ହେବା ଅସ୍ୱାଭାବିକ ନୁହେଁ। ଏଭଳି ବିଷୟକୁ ଉପହାସର ତୋଫାନରେ ଯେଉଁମାନେ ଉଡ଼ାଇ ଦେବାକୁ ବ୍ୟଗ୍ର ଓ ତତ୍ପର ସେମାନଙ୍କ ପ୍ରତି ମଧ୍ୟ ବିନୟପୂର୍ଣ୍ଣ ପ୍ରଶ୍ନ ଉପସ୍ଥିତ। ସାରା ପୃଥିବୀରେ, ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟରେ ଯାହା କିଛି ଗଠନମୂଳକ ପ୍ରଗତି ସମ୍ଭବ ହୋଇଛି ଆମେ ସେମାନଙ୍କ ସମକକ୍ଷ ହୋଇ ପାରିଛୁ କି? ନିଜ ରାଜ୍ୟର ଭାଷା ପଢ଼ିବାକୁ, କହିବାକୁ, ଲେଖିବାକୁ କେଉଁ ରାଜ୍ୟର ଲୋକ କୁଣ୍ଠିତ ହେବାର ଦୃଷ୍ଟାନ୍ତ ରହିଛି କି? ଶହେ ବର୍ଷ ତଳେ ଗଙ୍ଗାଧର ଏହା ପଚାରିଥିଲେ - 'ମାତୃଭାଷା ପୋଥି ଛୁଇଁବାକୁ କରେ, ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ?' ତା'ର ଉତ୍ତର ଦେବା ପାଇଁ ଆମେ ଅକ୍ଷମ। ଏହା ବି ସେ କହିଲେ - 'ପ୍ରତିବେଶୀଙ୍କର ସହିତ ତୁଳନା, କରି କର ନିଜ ମଧ୍ୟରେ କଳନା।' ସେତିକି ମଧ୍ୟ ସମ୍ଭବ ହୋଇ ପାରିଲା ନାହିଁ। ତେବେ...?... ତେବେ କ'ଣ ଏଭଳି ଏକ ସମ୍ଭାବନା-ଶୂନ୍ୟ ମନ ଆଉ ଆହତ ଆତ୍ମାରେ ୨୦୩୬ରେ ଓଡ଼ିଶା ବିକାଶର ସ୍ୱପ୍ନ ଦେଖାଯାଇପାରିବ? ଏହାର ଉତ୍ତର ଖୋଜିବା ଆରଥରକୁ। (କ୍ରମଶଃ...)

(ଲେଖକ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର, ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ପରିଦର୍ଶୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ)
ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

---

## ଗିଗ୍ ଶ୍ରମିକଙ୍କ ଅଧିକାର ଓ ସଂଗ୍ରାମ

ବିଜୟ ଜେନା

ଆନ୍ତର୍ଜାତିକ ଶ୍ରମିକ ସଂଗଠନ (ଆଇଏଲ୍‌ଓ) ଗତ ୧୨ ଜୁନ୍‌ରେ ଏହାର ୧୧୫ତମ ଆନ୍ତର୍ଜାତିକ ଶ୍ରମ ସମ୍ମିଳନୀ 'ପ୍ଲାଟଫର୍ମ ଅର୍ଥନୀତିରେ ମାନବିକ କାର୍ଯ୍ୟ' (ଡିସେଣ୍ଟ ୱାର୍କ ଅନ୍ ପ୍ଲାଟଫର୍ମ ଇକୋନୋମି) ବିଷୟକ ସମ୍ମିଳନୀରେ ଗିଗ୍ ଶ୍ରମିକଙ୍କ କାର୍ଯ୍ୟର ପରିବେଶ ଅଧିକାର ଏବଂ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ସ୍ୱୀକୃତି ଦେବାର ନିଷ୍ପତ୍ତି ନେଇଛି। ଏହି ପ୍ରସ୍ତାବରେ ଭାରତ ଭୋଟ୍ ଦେଇନାହିଁ। ଗତ ଅଧିବେଶନରେ ମଧ୍ୟ ଭାରତ ପ୍ରସ୍ତାବ ବିରୁଦ୍ଧରେ ଭୋଟ୍ ଦେଇଥିଲା। ବିଶ୍ୱର ସବୁଠାରୁ ଅଧିକ ଗିଗ୍ ଓ ପ୍ଲାଟଫର୍ମ ଶ୍ରମିକ ଭାରତରେ ଅଛନ୍ତି। ଏହା ସତ୍ତ୍ୱେ ଭାରତ ସରକାର ଭୋଟଦାନରୁ ବିରତ ରହିବାକୁ ନେଇ ସମାଲୋଚନା ହେଉଛି। ଏବର୍ଷର ଭୋଟ୍‌ରେ ପ୍ରସ୍ତାବ ପକ୍ଷରେ ୧୦୮ ଭୋଟ୍ ପଡ଼ିଛି। ପ୍ରସ୍ତାବ ବିରୁଦ୍ଧରେ ମାତ୍ର ୮ଟି ଦେଶ ଭୋଟ୍ ଦେଇଛନ୍ତି। ୩୬ଟି ଦେଶ ଭୋଟ୍‌ଦାନରୁ ବିରତ ରହିଛନ୍ତି। ଆମେରିକା, ନ୍ୟୁଜିଲାଣ୍ଡ, ପ୍ରସ୍ତାବର ବିରୋଧ କରିଥିବା ବେଳେ ଭାରତ ବ୍ରିଟେନ୍, ଆର୍ଜେଣ୍ଟିନା ସମେତ କେତୋଟି ଦେଶ ଭୋଟ୍‌ଦାନରେ ଅଂଶଗ୍ରହଣ କରିନାହାନ୍ତି।

ଦୀର୍ଘ ଦିନ ପରେ ଉବେର, ଓଲା, ଜମାଟୋ, ସୁଇଗ ସହ ଅନ୍ୟାନ୍ୟ 'ଆପ୍'ଭିତ୍ତିକ ପରିସେବା ସହ ସଂଯୁକ୍ତ ଶ୍ରମିକଙ୍କର ସଂଗଠନଗୁଡ଼ିକ ଆନ୍ତର୍ଜାତିକ ସ୍ୱୀକୃତି ଦାବି କରି ଆସୁଥିଲେ। ତେଣୁ ସଂଖ୍ୟାଧିକ ସଦସ୍ୟଦେଶ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଘଟଣା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକ ସାଫଲ୍ୟ ରୂପେ ଦେଖାଯାଉଛି। ଏହି ପ୍ରସ୍ତାବରେ ପ୍ଲାଟଫର୍ମ କର୍ମୀଙ୍କ ପାଇଁ ଏକାଧିକ ସୁରକ୍ଷାମୂଳକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି। ଏହା ମଧ୍ୟରେ ରହିଛି ଆଲଗରିଦମ୍ ବା ସ୍ୱୟଂକ୍ରିୟ ବ୍ୟବସ୍ଥାର କାର୍ଯ୍ୟପଦ୍ଧତି ସମ୍ପର୍କରେ ତଥ୍ୟ ଜାଣିବାର ଅଧିକାର, ଅନ୍ୟାୟ ଭାବରେ ଆକାଉଣ୍ଟ ବାତିଲ୍ କରିବା ବା କାମରୁ ବାଦ୍ ଦେବା ବିରୁଦ୍ଧରେ ସୁରକ୍ଷା, ଅଭିଯୋଗ ନିଷ୍ପତ୍ତିର କାର୍ଯ୍ୟକାରୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ନିରାପତ୍ତା ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ସର୍ବନିମ୍ନ ମାନଦଣ୍ଡ। ଏହାଛଡ଼ା 'ଆଲ୍‌ଗୋରିଦମ୍ ମ୍ୟାନେଜମେଣ୍ଟ'ଫଳରେ କର୍ମୀଙ୍କ ଉପରେ ପ୍ରଭାବ କ୍ଷେତ୍ରରେ କିଛି ନୀତିଗତ ସୁରକ୍ଷାକୁ ସ୍ୱୀକୃତି ମିଳିଛି।

କେବେ ବିଭିନ୍ନ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏହାର ବିଭିନ୍ନ ସୀମାବଦ୍ଧତା ଉପରେ ଅଙ୍ଗୁଳି ଉଠାଇଛନ୍ତି। ସମାଲୋଚନାର ସବୁଠାରୁ ବଡ଼ ଦିଗ ହେଲା, ପ୍ଲାଟଫର୍ମ କର୍ମୀଙ୍କୁ କର୍ମଚାରୀ ରୂପେ ସ୍ୱୀକୃତି ଦେବା ପାଇଁ ଆବଶ୍ୟକୀୟ 'ରିଚାର୍ଜେବଲ ପ୍ରମୋସନ ଅଫ ଏମ୍ପ୍ଲୟମେଣ୍ଟ'କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ଆଇନ୍ ବିଧାନ ଅନୁସାରେ ନିଯୁକ୍ତିଦାତାଙ୍କ ସହ କୌଣସି ବ୍ୟକ୍ତିର ନିୟନ୍ତ୍ରଣ, ନିର୍ଦ୍ଦେଶ ଓ ନିର୍ଦ୍ଦିଷ୍ଟ ମଜୁରୀ ସଂକ୍ରାନ୍ତ କିଛି ସର୍ତ୍ତ ବା ପ୍ରମାଣ ରହିଥିଲେ ଅଦାଲତ ବା ଆଇନ୍ ଧରିନିଏ ଯେ, ଏହି ବ୍ୟକ୍ତିଜଣଙ୍କ ଆନୁଷ୍ଠାନିକ କର୍ମଚାରୀ ଗୃହୀତ। ପ୍ରସ୍ତାବରେ ଏହି ବିଧାନ ନ ଥିବାରୁ ଉବେର, ଓଲା, ଜମାଟୋ ବା ଅନ୍ୟାନ୍ୟ ପ୍ଲାଟଫର୍ମ ସଂସ୍ଥା ସେମାନଙ୍କ କର୍ମଚାରୀଙ୍କ ସ୍ୱାଧୀନ ଠିକାଦାର ରୂପେ ଚିହ୍ନିତ କରିବାର ସୁଯୋଗ ପାଇବେ ଏବଂ ଶ୍ରମ ଆଇନ୍ ଓ ସାମାଜିକ ସୁରକ୍ଷା ସଂକ୍ରାନ୍ତ ବିଷୟଗୁଡ଼ିକୁ ଫାଙ୍କି ଦେଇପାରିବେ। ଏହାଛଡ଼ା ସ୍ୱାଧୀନ ଠିକାଦାର ରୂପେ ଚିହ୍ନିଟ କର୍ମୀମାନଙ୍କ ପାଇଁ ସର୍ବନିମ୍ନ ମଜୁରୀର ସୁରକ୍ଷା ବାଧ୍ୟତାମୂଳକ କରାଯାଇନାହିଁ। ସାମାଜିକ ସୁରକ୍ଷା କ୍ଷେତ୍ରରେ ସୁସ୍ପଷ୍ଟ ଅଧିକାରଭିତ୍ତିକ ନିଶ୍ଚିତତା ପରିବର୍ତ୍ତେ ଅପେକ୍ଷାକୃତ ଦୁର୍ବଳ ଭାଷା ବ୍ୟବହାର କରାଯାଇଛି। ଶ୍ରମିକ ସଂଗଠନ ଓ ସାମୂହିକ ମୂଲଚାଲର ଅଧିକାର ସମ୍ପର୍କରେ ସମ୍ମିଳନୀରେ ଯଥେଷ୍ଟ ଦୃଷ୍ଟି ଦେଇନାହିଁ ବୋଲି ମନେ କରାଯାଏ। ଆଇଏଲ୍‌ଓ ପ୍ରସ୍ତାବରେ ନମନୀୟ ଶବ୍ଦ ବ୍ୟବହାର ଫଳରେ ବିଭିନ୍ନ ଦେଶ ଓ ଶିଳ୍ପ ସଂସ୍ଥା ପାଇଁ କାର୍ଯ୍ୟକାରିତା କ୍ଷେତ୍ରରେ ବିଧି ଏଡ଼ାଇଯିବା ଓ ଅପବ୍ୟାଖ୍ୟାର ସୁଯୋଗ ରହିଛି।

ପ୍ଲାଟଫର୍ମ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ, ଶ୍ରମିକ ସଂଗଠନ ଅଧିକାର, ନିର୍ଦ୍ଦିଷ୍ଟ କାର୍ଯ୍ୟସମୟ, ସ୍ୱେଚ୍ଛାଚାରୀ ଆକାଉଣ୍ଟ ବ୍ଲକିଙ୍ଗ ବିରୁଦ୍ଧରେ ସୁରକ୍ଷା ଏବଂ କାର୍ଯ୍ୟକ୍ରମ ସାମାଜିକ ସୁରକ୍ଷା ଚିହ୍ନିତ ନହେଲେ ଏହି କ୍ଷେତ୍ରରେ ଶ୍ରମିକଙ୍କ ଶୋଷଣ ବନ୍ଦ କରିବା ସମ୍ଭବ ନୁହେଁ। ବିଶ୍ୱବ୍ୟାପୀ ପ୍ଲାଟଫର୍ମ ଅର୍ଥନୀତିର ଦ୍ରୁତ ସଂପ୍ରସାରଣ ଫଳରେ ଶ୍ରମ ସମ୍ପର୍କରେ ନୂତନ ବାସ୍ତବତା ସୃଷ୍ଟି ହୋଇଛି। କୋଟି କୋଟି ଲୋକ ଆଜି 'ଆପ୍'ଭିତ୍ତିକ ପରିବହନ, ଖାଦ୍ୟ ସରବରାହ, ଲଜିଷ୍ଟିକ୍ସ ଓ ଡିଜିଟାଲ୍ ସେବା ସହ ସଂଯୁକ୍ତ। କିନ୍ତୁ ଅଧିକାଂଶ କ୍ଷେତ୍ରରେ ସେମାନେ ପ୍ରଚଳିତ ଶ୍ରମ ଆଇନ୍‌ର ସୁରକ୍ଷା ବାହାରେ ରହିଯାଇଛନ୍ତି। ସେହି ପ୍ରେକ୍ଷାପଟରେ ଆଇଏଲ୍‌ଓର ଏହି ଶୀର୍ଷ ସମ୍ମିଳନୀ ଆନ୍ତର୍ଜାତିକ ଶ୍ରମ ଅଧିକାର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ରୂପେ ବିବେଚିତ ହୋଇଛି। ତେବେ ଏହାର ପ୍ରକୃତ ସାଫଲ୍ୟ ନିର୍ଭର କରୁଛି ସଦସ୍ୟରାଷ୍ଟ୍ରଗୁଡ଼ିକର ଅନୁମୋଦନ, ଜାତୀୟ ଆଇନ୍ ପ୍ରଣୟନ ଏବଂ କାର୍ଯ୍ୟକାରୀ ବାସ୍ତବାୟନ ଉପରେ। ଶ୍ରମିକ ସଂଗଠନଗୁଡ଼ିକ ମତରେ ଏହି ସମ୍ମିଳନୀ ପ୍ଲାଟଫର୍ମ କର୍ମୀଙ୍କ ଅଧିକାର ପ୍ରତିଷ୍ଠାର ସଂଗ୍ରାମରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହେଲେ ମଧ୍ୟ ପୂର୍ଣ୍ଣାଙ୍ଗ ଶ୍ରମ ଅଧିକାର ଏବଂ ସାମାଜିକ ସୁରକ୍ଷା ଲକ୍ଷ୍ୟରେ ଲଢ଼େଇକୁ ଅବ୍ୟାହତ ରଖିବାକୁ ହେବ।

ଭୁବନେଶ୍ୱର, ମୋ: ୯୪୩୭୩୮୪୮୬୭

---

## ଘୋଷଯାତ୍ରାର ଆତ୍ମା: ଘଣ୍ଟସେବକ

**ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ**

ଡ.ଚନ୍ଦ୍ରକଳା ନାୟକ



ଚାତକ ପାଇଁ ନୂଆ ଆଷାଢ଼ର ବର୍ଷାଧାରା ପରି ଭକ୍ତ ପାଇଁ ପୂଷ୍ୟା ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଅର୍ଥାତ ଶ୍ରୀଗୁଣ୍ଡିଚା ଆସେ। ଦେବ ମାନବର ବହୁ ପ୍ରତୀକ୍ଷିତ ଏହି ତିଥି ବିଞ୍ଚି ଦିଏ ମର୍ତ୍ତ୍ୟରେ ଅମର୍ତ୍ତ୍ୟ ଲାବଣ୍ୟର ସୁଲଳିତ କାନ୍ତି। ଶ୍ରୀଜଗନ୍ନାଥଙ୍କୁ ଭକ୍ତମାନେ ଯେଉଁ ପୂଜା ଓ ଉପାସନା କରନ୍ତି, ସେଥିରେ ଭକ୍ତିର ପ୍ରଗାଢ଼ତା ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ରାଜକୀୟ ସମ୍ମାନ।

ଶ୍ରୀମନ୍ଦିରର ସ୍ୱତ୍ୱଲିପି ଅନୁସାରେ ୧୦୩ ନଂ ସେବା ପରିଶିଷ୍ଟରେ ଉଲ୍ଲେଖ ଅଛି ଯେ, ଘଣ୍ଟୁଆ ସେବକମାନେ ସ୍ନାନପୂର୍ଣ୍ଣିମା ଦିନ ରତ୍ନସିଂହାସନରୁ ସ୍ନାନବେଦୀ ଏବଂ ସ୍ନାବବେଦୀରୁ ଅଣସର ପିଣ୍ଡିକୁ ଶ୍ରୀଜୀଉମାନଙ୍କୁ ପହଣ୍ଡି ବିଜେ ସମୟରେ ଘଣ୍ଟ ବାଦନ କରିବେ। ଏହି ସେବକ ରଥଟଣା ବ୍ୟତୀତ କୌଣସି ଉତ୍ସବ, ଯାତ୍ରା, ଉପଯାତ୍ରାରେ ଘଣ୍ଟ ବାଦନ କରନ୍ତି ନାହିଁ। ଉତ୍କଳ ଭୂଖଣ୍ଡରେ ଶ୍ରୀକ୍ଷେତ୍ର ପୁରୀର ଘଣ୍ଟୁଆମାନଙ୍କ ଘଣ୍ଟବାଦ୍ୟର ଶୈଳୀ ସଂପୂର୍ଣ୍ଣ ସ୍ୱତନ୍ତ୍ର ଓ ମନମୁଗ୍ଧକର। ସାରାବିଶ୍ୱରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ମଧ୍ୟ ଶ୍ରୀକ୍ଷେତ୍ରର ଘଣ୍ଟବାଦ୍ୟ ସବୁଠାରୁ ସ୍ୱତନ୍ତ୍ର। ବିଗ୍ରହମାନଙ୍କ ପହଣ୍ଡି ବିଜେ ସମୟରେ କାହାଳୀ, ପଖାଉଜ, ତେଲିଙ୍ଗି ବାଜା ଆଦି ନାନା ବାଦ୍ୟ ବାଜିଲେ ମଧ୍ୟ ଘଣ୍ଟ ହିଁ ପ୍ରଭୁଙ୍କର ମୁଖ୍ୟ ଆକର୍ଷଣୀୟ ବାଦ୍ୟ। ଆଲଟ ଚାମରରେ ଚତୁର୍ଦ୍ଧା ମୂର୍ତ୍ତି ଯେତେବେଳେ ଝୁଲି ଝୁଲି ଆସନ୍ତି, ସେହି ସମୟରେ ଟାହିଆର ତାଳେ ତାଳେ କେବଳ ଘଣ୍ଟ ବାଦ୍ୟ ହିଁ ପ୍ରଭୁଙ୍କର ଭଙ୍ଗୀ, ଠାଣି ଓ ଚାହାଣୀକୁ ଭକ୍ତଙ୍କ ଆଡ଼କୁ ଆକର୍ଷିତ କରିଥାଏ।

ଶ୍ରୀକ୍ଷେତ୍ରରେ ତେଇଶି ଘର ଘଣ୍ଟୁଆ ଓ ଭଟ୍ଟିମୁଣ୍ଡାର ବାର ଘର କଂସାରୀଙ୍କୁ ଏହି ଘଣ୍ଟ ସେବା କରିବାର ଅଧିକାର ମିଳିଛି। ଏହି ଘଣ୍ଟବାଦନ ବାବଦରେ ଉଭୟ ପୁରୀ ଓ ଭଟ୍ଟିମୁଣ୍ଡାରେ ଚଢ଼େଇଦନା ତାଡ଼ ମିଳେ। ସେଇ ବାବଦରେ ସେମାନଙ୍କୁ ଖେଚେଡ଼ି ଭୋଗ ମିଳିବାର ବିଧି ରହିଛି। ଶ୍ରୀମନ୍ଦିରର ପ୍ରଶାସକଙ୍କ ତରଫରୁ ସେ ବାବଦରେ ଘଣ୍ଟୁଆ ସେବକମାନଙ୍କୁ ୧୦୫୦ଟଙ୍କା ଦିଆଯାଉଛି। ଶ୍ରୀମନ୍ଦିରର ପରମ୍ପରା ଅନୁସାରେ ପ୍ରତ୍ୟେକ ଘଣ୍ଟୁଆ ଶାଢ଼ି ପାଇବାର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି। ବାହୁଡ଼ା ଯାତ୍ରା ସମୟରେ ସେମାନଙ୍କୁ ସର୍ବମୋଟ ଛଅଖଣ୍ଡ ଶାଢ଼ି ମିଳିଥାଏ। ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଅବସ୍ଥିତ ଗୋପୀନାଥ ମନ୍ଦିର ହେଉଛି ଶ୍ରୀକ୍ଷେତ୍ର କଂସାରୀ କୂଳର ଘଣ୍ଟୁଆ ନିଯୋଗ। ଗୋପୀନାଥ ମନ୍ଦିର ଏହି ଘଣ୍ଟୁଆ ନିଯୋଗ ଦ୍ୱାରା ପରିଚାଳିତ। ଏହି ନିଯୋଗ ପ୍ରତିବର୍ଷ ରଥଯାତ୍ରାରେ ଘଣ୍ଟୁଆମାନଙ୍କୁ ପଟେ ଲେଖାଏ ନୂଆ ଘଣ୍ଟ ଓ ଗାମୁଛା ଦେଇଥା'ନ୍ତି। ରଥଯାତ୍ରାର ପରିସମାପ୍ତି ପରେ ସେବକମାନେ ଘଣ୍ଟଗୁଡ଼ିକୁ ଫେରାଇ ଦିଅନ୍ତି। ରଥଯାତ୍ରା ଦିନ ପହଣ୍ଡି ଓ ରଥଟଣା ବେଳେ ଘଣ୍ଟ ସେବକ ଶୁଦ୍ଧପୂତ ଭାବରେ ନୂଆ ଧୋତି ଓ ଗାମୁଛା ପରିଧାନ କରି ଘଣ୍ଟ ବଜାନ୍ତି। କୌଣସି ଘଣ୍ଟୁଆ ସେବକ ରଥଯାତ୍ରା ସମୟରେ ଆମିଷ ଭକ୍ଷଣ କରନ୍ତି ନାହିଁ।

ଶାଢ଼ିବନ୍ଧା ସେବା ହୋଇ ନ ଥିଲେ ମଧ୍ୟ ଘଣ୍ଟୁଆ ସେବକଙ୍କ ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ ଘଟିଲେ, ଶବସତ୍କାର ପାଇଁ ଶ୍ରୀମନ୍ଦିର ବୈଷ୍ଣବାଗ୍ନି ମିଳିଥାଏ। ଘଣ୍ଟୁଆ ସେବକମାନେ ନିଜକୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପରିବାରର ଜଣେ ଜଣେ ସଦସ୍ୟ ଭାବେ ଗୌରବ ଅନୁଭବ କରନ୍ତି। ଶ୍ରୀକ୍ଷେତ୍ରର କୌଣସି ଖରୁଡ଼ା ସେବାରେ ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସଙ୍ଗେ ସଙ୍ଗେ ଭଟ୍ଟିମୁଣ୍ଡାର କଂସାରୀ ସେବକଙ୍କୁ ଏହି ସେବା ସମର୍ପି ଦିଆଯାଏ। ସେହିପରି ଭଟ୍ଟିମୁଣ୍ଡାର କଂସାରୀ ସେବକ ଯଦି ସେବାରେ ତ୍ରୁଟି କରନ୍ତି ତେବେ ଅନ୍ୟ କଂସାରୀ ସେବକଙ୍କୁ ସେବା କରିବାର ଅବସର ମିଳିଥାଏ। ୨୦୦୪ ମସିହାଠାରୁ ବନଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଅଠେଇଶ ଜଣ, ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥରେ ଚବିଶ ଜଣ ଏବଂ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରେ ସର୍ବାଧିକ ବତିଶ ଜଣ ଘଣ୍ଟୁଆ ଘଣ୍ଟ ବାଦନ କରିଥା'ନ୍ତି। ବଡ଼ଦାଣ୍ଡରେ ଯେତେ ସମୟ ରଥ ଗଡ଼ି ଚାଲୁଥାଏ ସେତେସମୟ ପର୍ଯ୍ୟନ୍ତ ଅବିରତ ଘଣ୍ଟୁଆ ଘଣ୍ଟ ବଜାଉ ଥାଏ। ଭକ୍ତି ଓ ଭାବର ଅନାବିଳ ସଂଯୋଗ ହିଁ ଘଣ୍ଟ ବାଦନ। ଏକଭାବରେ ମହାପ୍ରଭୁଙ୍କ ସଙ୍ଗେ ସମ୍ମିଳିତ ହେବାର ପ୍ରତୀକ ହିଁ ଘଣ୍ଟସେବା।

ଯାଜପୁର, ମୋ: ୯୪୩୭୯୫୭୬୧୭

---

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାରଙ୍କ ଅପାରଗତା ପାଇଁ ବଢୁଛି ଭିଡ ହିଂସା: ବିଜେଡି

**■ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ**
**■ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ବିଫଳ**

ଭୁବନେଶ୍ୱର,୩୦।୬(ସମିସ): ବିଜେପି ସରକାରରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରତିଦିନ କେଉଁଠି ନା କେଉଁଠି ଅପରାଧିକ କାର୍ଯ୍ୟକଳାପ ଘଟୁଥିବା ବେଳେ ତାହାକୁ ନିୟନ୍ତ୍ରଣ କରିବାରେ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବାଣପୁରରେ ପୁଲିସ ସମ୍ମୁଖରେ ଜଣକୁ ପିଟି ପିଟି ମାରିଦେବା ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛି ବିଜୁ ଜନତା ଦଳ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ରାଜ୍ୟ ସାରା ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସବୁଠି ବର୍ବରତା ଜାରି ରହିଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ପୁଣି ବାଣପୁର ଘଟଣା ପାଇଁ ଓଡ଼ିଶା ସର୍ବସମ୍ମୁଖରେ ନିନ୍ଦିତ ହୋଇଛି। ବାଲିଅନ୍ତା, କଣାସ ପରେ ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ଭିଡ ହିଂସା ଘଟିଛି। ଥାନା ଅଞ୍ଚଳରେ ଉକ୍ତ ନିନ୍ଦନୀୟ ଘଟଣା ଘଟିଯାଇଛି। କେଉଁଠି ବି ମାନବିକତା ନାହିଁ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ତୋଫାନ ନାୟକ ନାମକ ବ୍ୟକ୍ତିଙ୍କୁ ପୁଲିସ ଆଗରେ ସର୍ବସମ୍ମୁଖରେ ଥାନା ପରିସରରେ ଲୋକେ ବାଡେଇ ବାଡେଇ ମାରୁଛନ୍ତି। ଡ. ମହାନ୍ତି ଆହୁରି କହିଥିଲେ ଯେ, ପୁଲିସ ବିଜେପିର ହାତ ବାରିସି ସାଜିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବାରେ ବିଫଳ ହୋଇଛନ୍ତି। ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ବିଫଳ ହେବାରୁ ପୋଲିସ ପ୍ରତି ଲୋକଙ୍କ ଭରସା ତୁଟି ଗଲାଣି। ମୃତକଙ୍କ ପତ୍ନୀ ନ୍ୟାୟ ପାଇବା ପାଇଁ ଆକୁଳ ନିବେଦନ କରୁଥିବା ବେଳେ ନ୍ୟାୟ ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନଚେତ୍ ଆଗାମୀ ଦିନରେ ସେ ନ୍ୟାୟ ନପାଇଲେ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

# ଅବଶିଷ୍ଟାଂଶ

## ମହାବିପଦରେ ୨୨...

ସବୁଠାରୁ କମ୍ ବର୍ଷା (୮୭.୬ ଏମ୍ଏମ୍) ହୋଇଥିଲା। ୧୯୦୫ରେ ୯୧.୯ ଏମ୍ଏମ୍, ୨୦୧୪ରେ ୯୨.୮ ଏମ୍ଏମ୍ ଏବଂ ୧୯୨୬ରେ ୯୬.୭ ଏମ୍ଏମ୍ ବର୍ଷା ରେକର୍ଡ କରାଯାଇଥିଲା।

କେବଳ ଆନ୍ଧ୍ର ପ୍ରଦେଶ, ରାଜସ୍ଥାନ ଏବଂ ପଶ୍ଚିମ ବଙ୍ଗକୁ ଛାଡ଼ିଦେଲେ ଓଡ଼ିଶା ସମେତ ୨୨ଟି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଛି। ଓଡ଼ିଶାରେ ଜୁନରେ ୨୦୯.୩୦ ଏମଏମ୍ ବର୍ଷା ହେବାକୁ ଥିବା ବେଳେ ହୋଇଛି ମାତ୍ର ୧୧୦.୩ ଏମଏମ୍ ବର୍ଷା। ଅର୍ଥାତ ରାଜ୍ୟରେ ୪୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ଝାଡ଼ଖଣ୍ଡରେ ୫୯%, ଉତ୍ତର ପ୍ରଦେଶରେ ୫୦% ଏବଂ ମହାରାଷ୍ଟ୍ରରେ ମଧ୍ୟ ୪୭ % ନିଅଣ୍ଟିଆ ବର୍ଷା ହୋଇଛି। ଏଥର ଗୁଜରାଟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ୮୨ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଏହା ପଛକୁ ରହିଛି ଛତିଶଗଡ଼। ଏଠା।।ରେ ୬୫ ଭାଗ ନିଅଣ୍ଟିଆ ବର୍ଷା ହୋଇଛି। ବିହାର, ପଞ୍ଜାବ, ଦିଲ୍ଲୀ, ମଧ୍ୟପ୍ରଦେଶ, ତାମିଲନାଡୁ, କେରଳ, ତେଲେଙ୍ଗାନା, କଶ୍ମୀର, ଉତ୍ତରାଖଣ୍ଡ, ହରିଆଣା, ହିମାଚଳ ପ୍ରଦେଶ, ଆସାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମେଘାଳୟ ପ୍ରଭୃତି ରାଜ୍ୟରେ ନିଅଣ୍ଟିଆ ବର୍ଷା ବେହାଲ କରିଛି। ଆଇଏମ୍ଡି ପକ୍ଷରୁ କୁହାଯାଇଛି ଯେ ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଚାଷ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କେବଳ ଏତିକି ନୁହେଁ ଉତ୍ତର ଏବଂ କେନ୍ଦ୍ରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ମଧ୍ୟ ଜାରି ରହିଛି।

କିଛି ସପ୍ତାହର ମନ୍ଥର ଗତି ପରେ ଭାରତରେ ପୁଣି ଥରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ହେବାରେ ଲାଗିଛି। ବଙ୍ଗୋପସାଗର ଏବଂ କେନ୍ଦ୍ରୀୟ ଭାରତରେ ଦୁଇଟି ପ୍ରମୁଖ ଲଘୁଚାପ କେନ୍ଦ୍ର ସୃଷ୍ଟି ହେବାର ସଙ୍କେତ ମିଳିଛି। ଏହା ଦେଶର ଅଧିକାଂଶ ଅଞ୍ଚଳରେ ବ୍ୟାପକ ବର୍ଷା କରାଇବା ସମ୍ଭାବନା ଆଣିଛି। ଜୁନ୍ ଶେଷ ସୁଦ୍ଧା ଉତ୍ତର ଭାରତରେ ମୌସୁମୀ ପ୍ରବାହ ଦୁର୍ବଳ ରହିଥିଲା। ଏବେ ମଧ୍ୟ ଦିଲ୍ଲୀ-ଏନସିଆର, ହରିୟାଣା ଏବଂ ରାଜସ୍ଥାନ ପରି ଅଞ୍ଚଳରେ ପ୍ରବଳ ଗରମ ଓ ଗୁଳୁଗୁଳି ଜାରି ରହିଛି। ତେବେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଜୁଲାଇ ୧ ରୁ ୫ ମଧ୍ୟରେ ମୌସୁମୀ ଉତ୍ତର ଭାରତରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବ। ଏହା ଫଳରେ ପଞ୍ଜାବ, ହରିୟାଣା, ଦିଲ୍ଲୀ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ବ୍ୟାପକ ବର୍ଷା ସହ ତାପମାତ୍ରାରେ ହ୍ରାସ ଘଟିବ। ପୂର୍ବରୁ ମୌସୁମୀ ଟ୍ରଫ୍ ହିମାଳୟର ପାଦଦେଶ ନିକଟରେ ସ୍ଥିର ରହିଥିବାରୁ ଗାଙ୍ଗେୟ ସମତଳ ଅଞ୍ଚଳରେ ବର୍ଷା ହୋଇପାରୁନଥିଲା। ବର୍ତ୍ତମାନ ଏହି ଟ୍ରଫ୍ ଦକ୍ଷିଣ ଦିଗକୁ ଗତି କରିବା ଆରମ୍ଭ କରିଛି, ଯାହା ବାୟୁମଣ୍ଡଳରେ ଅସ୍ଥିରତା ସୃଷ୍ଟି କରି ବର୍ଷା ପାଇଁ ଅନୁକୂଳ ପରିବେଶ ତିଆରି କରୁଛି। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଦୁଇଟି ଲଘୁଚାପ ପ୍ରଭାବରେ ପୂର୍ବ, କେନ୍ଦ୍ରୀୟ ଏବଂ ପଶ୍ଚିମ ଭାରତରେ ବର୍ଷା ବୃଦ୍ଧି ପାଇବ।

## ଆଜିଠାରୁ ପଶ୍ଚିମ ଓ ଦକ୍ଷିଣ...

ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ମୌସୁମୀକୁ ସକ୍ରିୟ କରିବ ଓ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ।

ଏହାପରେ ଜୁଲାଇ ୯ ତାରିଖରେ ମଧ୍ୟ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ଜୁଲାଇ ଅଧା ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷାର ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ର କହିଛି ଯେ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଆଦିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ କେନ୍ଦୁଝର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ମେଘୁଆ ପାଗ ସାଙ୍ଗକୁ ଝିପି ଝିପି ବର୍ଷା ହୋଇଛି। ଏଥିପାଇଁ ଗଲା କିଛି ଦିନ ହେବ ଲାଗି ରହିଥିବା ଗରମ ଗଲୁଗୁଳି ସ୍ଥିତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି।

## କିଏ ନେବ...

ମୂଳଦୁଆ ଉପରେ ଆଘାତ ଦେଇଛି ବୋଲି ନବୀନ ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ସ୍କୁଲ ପାଠ୍ୟପୁସ୍ତକ ପ୍ରତି ଓଡ଼ିଶାର ବିଜେପି ସରକାର କରିଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗି ଦେଇଛି। ଏହାର ଶିକାର ହୋଇଛନ୍ତି ଆମର ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ; ଯେଉଁମାନେ ହେଉଛନ୍ତି ଓଡ଼ିଶାର ଭବିଷ୍ୟତ, ଆଗାମୀକାଲିର ବାର୍ତ୍ତାବହ। ଭୁଲରେ ଭରା ପାଠ୍ୟପୁସ୍ତକ ଛାପିବା ଏବଂ ପରେ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ, ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି। ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟି ସୁଧାରିପାରନ୍ତି। କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ? କୋମଳମତି ପିଲାମାନଙ୍କ ଆସ୍ଥା ଉପରେ ଯେଉଁ ଆଘାତ ହୋଇଛି, ତା'କୁ କ'ଣ କୌଣସି ସଂଶୋଧନ କେବେ ଭରିପାରିବ ବୋଲି ସରକାରଙ୍କ ଉଦ୍ଦେଶ୍ୟରେ ନବୀନ ପ୍ରଶ୍ନ କରିଛନ୍ତି।

## ହତ୍ୟାକାରୀ ମାମୁଁକୁ...

ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଗତକାଲି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲକୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିଲେ। ତେବେ କୋର୍ଟ ଆଜି ଦୋଷୀ ସାବ୍ୟସ୍ତ ତଥା ନାବାଳିକା ଭାଣିଜି ହତ୍ୟାକାରୀ ମାମୁଁ ଶୁପ୍ରିନ ଦିଗାଳକୁ ଫାଶୀ ଦଣ୍ଡାଦେଶରେ ଦଣ୍ଡିତ କରିଥିବା ସ୍ୱତନ୍ତ୍ର ପିପି ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛିଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ବିଦ୍ୟାନଗର ସ୍ଥିତ ସ୍ଥିତ ନିଜ ଭଉଣୀଙ୍କ ଘରେ ରହୁଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ତେବେ ମାମଲାରେ ପ୍ରକାଶ ପାଇଥିବା ରାୟ ବିରୁଦ୍ଧରେ ହାଇକୋର୍ଟରେ ଅପିଲ ବା ଚାଲେଞ୍ଜ କରାଯିବ ବୋଲି କହିଛନ୍ତି ଫାଶୀ ଦଣ୍ଡାଦେଶରେ ଦଣ୍ଡିତ ଶୁପ୍ରିନ ଦିଗାଳଙ୍କ ଓକିଲ ମନୋଜ ପଟ୍ଟନାୟକ।

## ନାବାଳିକାକୁ ଜିଅନ୍ତା...

ଲୋକମାନେ ଘଟଣାସ୍ଥଳକୁ ଧାଇଁ ଆସି ଅଭିଯୁକ୍ତଙ୍କୁ କାବୁ କରି ଧୃଷ୍ଟୁରୀ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ ତତ୍ପରତା ଯୋଗୁଁ ଏକ ବଡ଼ ଅଘଟଣ ଟଳିଯାଇଥିବା କୁହାଯାଉଛି। ଘଟଣା ପରେ ପୀଡ଼ିତାଙ୍କ ପକ୍ଷରୁ ଧୃଷ୍ଟୁରୀ ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ପୁଲିସ ଘଟଣାରେ ଏକ ମାମଲା(ନଂ-୨୮୮/୨୬) ରୁଜୁ କରି ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ପେଟ୍ରୋଲ ବୋତଲ, ଏକ ବିଷ ବୋତଲ ଜବତ କରି ଅଭିଯୁକ୍ତ ଦିଲ୍ଲୀପକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ସୁଦର୍ଶନ ବାଗେ ସୂଚନା ଦେଇଛନ୍ତି। ଏହି ଘଟଣାରେ ଦିଲ୍ଲୀପଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ଲୁଚାଇବାକୁ ଯାଇ...

ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଲୋକଙ୍କ ମାଡ଼ରେ ଗୁରୁତର ତୋଫାନକୁ ଉଦ୍ଧାର କରିଥିବା ପୁଲିସ କିପରି ତାକୁ ଚିକିତ୍ସା ପାଇଁ ଭର୍ତ୍ତି କରିବା ବଦଳରେ ଦାୟିତ୍ୱହୀନତା ପ୍ରଦର୍ଶନ କଲା ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମ ବାଘୁଆପଦର ସାହିର ତୋଫାନ ରବିବାର ଅପରାହ୍ଣ ରେ ନିକଟସ୍ଥ ଖଣତ ଗ୍ରାମକୁ ଯାଇଥିବା ବେଳେ ଚୋର ସନ୍ଦେହ କରି ଗ୍ରାମର କେତେକ ଲୋକ ତୋଫାନକୁ ଗାଁ ଦାଣ୍ଡ ବିଜୁଳି ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିଥିଲେ।ସୂଚନା ପାଇ ବାଣପୁର ପୁଲିସ ତୋଫାନକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ମାତ୍ର ବିଧିବଦ୍ଧ ଭାବେ କୌଣସି ଅଭିଯୋଗ ନ ହେବାରୁ ରାତି ପ୍ରାୟ ସାଢେ ୮ଟା ରେ ପୁଲିସ ପରିବାର ଲୋକଙ୍କୁ ଡାକି ଜିମାନାମା ଲେଖାଇ ତୋଫାନକୁ ଛାଡ଼ିଥିଲେ। ତେବେ ଗାଁ ଦାଣ୍ଡରେ ଲୋକମାନେ ତୋଫାନକୁ ପିଟିବା ବେଳେ ପୁଲିସ ତାକୁ ଉଦ୍ଧାର କରିଥିଲେ ହେଁ ତାକୁ କାହିଁକି ଡ଼ାକ୍ତରଖାନାରେ ଭର୍ତ୍ତି କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ରବିବାର ବିଳମ୍ବିତ ରାତିରେ ତୋଫାନ ଅତ୍ୟଧିକ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ଭୋର ୬ଟାରେ ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

ସୋମବାର ବିଳମ୍ବିତ ରାତିରେ ମୃତ ତୋଫାନଙ୍କ ପତ୍ନୀ ସସ୍ମିତା ବାଣପୁର ଥାନାରେ ତାଙ୍କ ସ୍ୱାମୀଙ୍କୁ ଲୋକମାନେ ମିଳିତ ଭାବରେ ନିସ୍ତୁକ ମାଡ଼ ମାରିଥିବା ସଂକ୍ରାନ୍ତ ଅଭିଯୋଗ କରିଛନ୍ତି । ଏହାପରେ ପୁଲିସ ବିଏନ୍ଏସ୍ ୨୯୬,୧୦୩(୧), ୩(୫), ଏବଂ ୩(୧) (ଆର) (ଏସ୍), ୩ (୨), (ଭି-ଏ) ଏସ୍ସି/ଏସ୍ଟି (ପିଓଏ) ଆକ୍ଟରେ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଆଧାରରେ ଖଣତ ଗ୍ରାମର ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦)ଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଏସପି କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଏସ୍ପି ଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇଛି। ଖଣତ ଗାଁରେ ସିସିଟିଭି ଫୁଟେଜ ସହ ଲୋକମାନଙ୍କୁ ପଚରାଉଚୁରା କରି ତଦନ୍ତ ଜାରି ରହିଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ବାଣପୁର ପୁଲିସ ମଙ୍ଗଳବାର ଭୁବନେଶ୍ୱରରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତୋଫାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଅନ୍ୟପକ୍ଷରେ ତୋଫାନ ଜଣେ ଦଳିତ ବର୍ଗର ଯୁବକ। ତାଙ୍କ ନାଁ ରେ କୌଣସି ପ୍ରକାର ଅପରାଧ ମୂଳକ ମାମଲା ନାହିଁ ବୋଲି ପୁଲିସ ସୂଚନା ଦେଇଛି। କେଉଁ କାରଣରୁ ଲୋକେ ଆଇନକୁ ହାତକୁ ନେଇ ଏଭଳି ଅମାନବୀୟ କାଣ୍ଡ ଘଟାଇଲେ ତାହା ଏ ପର୍ଯ୍ୟନ୍ତ ଜଣାପଡିନାହିଁ। ପୁଲିସ ତୋଫାନକୁ ଉଦ୍ଧାର କରିବା ସମୟରେ ତାଙ୍କ ପାରିପାଶ୍ୱିକ ଅବସ୍ଥାକୁ ନେଇ ମେଡିକାଲରେ ଚିକିତ୍ସା ବ୍ୟବସ୍ଥା କରିଥିଲେ ତୋଫାନ ହୁଏତ ବଞ୍ଚି ଯାଇଥାନ୍ତା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

## ଆଧାର ସଂଯୋଗ...

ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ସାଧାରଣତଃ ଭତ୍ତା ହିତାଧିକାରୀମାନଙ୍କୁ ମିଳୁଥିବା ଏହି ସହାୟତା ରାଶି ସେମାନଙ୍କ ଦୈନନ୍ଦିନ ଜୀବନ ଧାରଣର ଏକମାତ୍ର ସମ୍ବଳ ଭାବେ ବିବେଚନା କରାଯାଏ। ତିନି ମାସ ଧରି ଏହା ବନ୍ଦ ହେବା ଫଳରେ ଅନେକ ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭୋକ ଓ ଦାରିଦ୍ର୍ୟର ଶିକାର ହୋଇଥିବା ଉଲ୍ଲେଖ କରି ଗଞ୍ଜାମ ଜିଲ୍ଲାରେ ଜଣେ ବୃଦ୍ଧା ବିଷ ପିଇ ଆତ୍ମହତ୍ୟା କରିଥିବା ଉଦାହରଣ ମଧ୍ୟ ନବୀନ ଉଲ୍ଲେଖ କରିଥିଲେ।

ଭତ୍ତା ପ୍ରଦାନରେ ବିଳମ୍ବକୁ ଏକ ବୈଷୟିକ ସମସ୍ୟା ବୋଲି ଉଲ୍ଲେଖ କରି ଏହାର ଶୀଘ୍ର ସମାଧାନ ହେବ ବୋଲି ସରକାର କହୁଛନ୍ତି। ମାତ୍ର କେବେ ଏହି ସମସ୍ୟା ସମାଧାନ ହେବ ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ। କିଛି ଲୋକଙ୍କୁ ଇତିମଧ୍ୟରେ ଭତ୍ତା ପ୍ରଦାନ କରାଯାଇଥିଲେ ମଧ୍ୟ ସିଂହଭାଗ ହିତାଧିକାରୀ ଏଯାଏ ଭତ୍ତା ପାଇ ନ ଥିବା ଅଭିଯୋଗ କରୁଛନ୍ତି। ଏହି ସମୟରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭତ୍ତା ହିତାଧିକାରୀଙ୍କୁ ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ଲିଙ୍କ୍ କରାଇବାକୁ କୁହାଯାଇଛି। ଏହା ନ କଲେ ଭତ୍ତା ବନ୍ଦ କରାଯିବା ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। ଅନେକ ଗ୍ରାମୀଣ ହିତାଧିକାରୀଙ୍କ ପାଖରେ ଆଧାର ନ ଥିବା କିମ୍ବା ବ୍ୟାଙ୍କ ଆକାଉଣ୍ଟ ସହ ଲିଙ୍କ କରିବାର ସୁବିଧା ନ ଥିବାରୁ ସେମାନଙ୍କ ପାଇଁ ଏହି ସମସ୍ୟା ବୋଝ ଉପରେ ନଳିତା ବିଡ଼ା ସାଜିବ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ନିର୍ବାଚନରେ ଭୋଟ୍ ପାଇବା ପାଇଁ ମିଛ ସ୍ୱପ୍ନ ଦେଖାଇ ଏବେ ହିତାଧିକାରୀଙ୍କୁ ଠକାଯାଉଛି ବୋଲି ଉଲ୍ଲେଖ କରି ବିରୋଧୀ ଏହାକୁ ଜନମାରଣ ନୀତି ବୋଲି ଅଭିହିତ କରିଛନ୍ତି।


## ବିଶେଷ ସୂଚନା

ଏତଦ୍ୱାରା ବରଗଡ ମୁଖ୍ୟ କେନାଲ ସେଚାଞ୍ଚଳ ଅଧିନସ୍ଥ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ଖରିଫ ଚାଷ ପାଇଁ ତା.୦୨-୦୭-୨୦୨୬ ରିଖ ପୂର୍ବାହ୍ଣ ୦୯.୦୦ ଘଟିକା ସମୟରେ ବରଗଡ ମୁଖ୍ୟ କେନାଲ ମାଧମରେ ସମସ୍ତ କେନାଲକୁ ଜଳଯୋଗାଣ କରାଯିବ । ଏଣୁ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଆସନ୍ତା ଖରିଫ ଚାଷ ନିମନ୍ତେ ବିହିତ ଯୋଜନା ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଗଲା ।

ନିବେଦକ
ଅଧିକ୍ଷଣ ଯନ୍ତ୍ରୀ
ବରଗଡ ଜଳସେଚନ ବିଭାଜନ, ବରଗଡ

GOVT. OF ODISHA
25001/582/2627
**OFFICE OF THE SUPERINTENDING ENGINEER**
**RURAL WORKS DIVISION, ANANDAPUR**
E-Mail: eerw_anandapur@yahoo.co.in

**1st Corrigendum Notice**

Under unavoidable circumstances, online availability of tender for **Annual Maintenance Plan of Rural Roads under Administrative Expenditure** of the tender invited vide **e-Procurement Notice No. 3998 dated 10.06.2026 / Bid Identification No. NCB-Online 09/EE/RW/AND/2026-27** of the Executive Engineer, Rural Works Division, Anandapur is hereby **rescheduled** as below:

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender Clarification | Date & Time of opening of tender in O/o the S.E.R.W. Division, Anandapur |
|---|---|---|---|---|---|
| | | From | To | | |
| Executive Engineer, R.W. Division, Anandapur | NCB-Online 09/EE/RW/AND/2026-27 | 04.07.2026, 10:00 A.M. | 13.07.2026, up to 5:00 P.M. | 10.07.2026, up to 11:00 A.M. | 14.07.2026, 11:30 A.M. |

All other contents remain unchanged.
Sd/- Executive Engineer
R.W. Division, Anandapur
OIPR-25001/25055/1/26-27/0010

## Notice (For Minor)

By virtue of an affidavit sworn before Executive Magistrate, Bhubaneswar, Dated-29.06.2026 I, RAMESH TIRIA, Address Kathbharia, Barisaghutu, Mayurbhanj, Odisha-757047, declare that I have changed the name of my daughter from SAKUN TIRIA to SUKANTI TIRIA. Henceforth, She shall be known as **SUKANTI TIRIA** for all purposes.
Sd/- Ramesh Tiria

## AFFIDAVIT

By virtue of an affidavit sworn before the Executive Magistrate, Jharbandh, Bargarh vide No.77 dated 29.06.2026, I Janaki Bai Raut, resident of Vill.- Chandramanipur, Po.- Bhainsadarha, Ps./Tah- Jharbandh, Dist.- Bargarh, 768042 state that, I have changed my name from **Jananki Bai Rout** to **Janaki Bai Raut**. Hence **Janaki Bai Raut** for all future purposes.

## AFFIDAVIT

By Virtue of an affidavit (SL NO-335, dtd-30.06.2026) sworn before The Executive Magistrate, Bisoi, Mayurbhanj. I, Smt Hiramani Majhi, W/O- Raisen Majhi, of village- Panposi,PO- Kundulia, PS-Bisoi ,DIST - Mayurbhanj. That ,My Daughter's actual name is MANINI MAJHI which is reflected in his Birth certificate vide Regd. No.- 220/2017.That in Aadhar card No - 8979 6419 3747 my daughter's name has been wrongly entered as MAYNO MAJHI instead of MANINI MAJHI. That, Both the name MANINI MAJHI and MAYNO MAJHI is one and same person belongs to my daughter's name. Henceforth, she shall be known as **MANINI MAJHI** for all purpose .
SD/- HIRAMANI MAJHI

Office of the Principal
**PANCHAYAT HIGHER SECONDARY SCHOOL**
At-Palasagora, Po-Baghiabahal, Dist-Boudh

## Walk-in-Interview

Wanted Contractual Teaching Faculties for PGT Odia and PGT Political Science. A walk-in-interview will be held on **12.07.2026 (Sunday) at 10.30 A.M.** in the office of the undersigned. Candidate having **55% marks** in concerned subject may attend along with their resume, photo copies of original certificates and their testimonials (Having B.Ed. Preference will be given first).
Sd/- Principal
Panchayat Higher Secondary School,
Palasagora, Dist-Boudh

**O/O CHIEF DISTRICT MEDICAL & PUBLIC HEALTH OFFICER**
**DHH WARE HOUSE, NABARANGPUR**
Mail ID: dwhnabarangpur.26@gmail.com
RFP No.: 6074Date: 29.06.2026
10001/318/2627

Sealed tenders are invited from registered, reputed and experienced Agencies /Firms/ Individuals for "selection of agencies to provide Godrej & Nilkamal furniture items under Rate contract". Bidders may send their complete bid in double cover system (Technical & Financial) separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur. Tender documents is to be downloaded from the District website **https://nabarangpur.odisha.gov.in/.** Last date for receipt of Tender documents is **20.07.2026 by 5:00 PM** only through Speed post/Regd Post/Courier only, and the bids so received will be opened on **21.07.2026 at 11:00 AM** in the office chamber of CDM & PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting- **04.07.2026 at 11 AM.**
Sd/- CDM & PHO-Cum-District Mission Director
OIPR-10001/10081/1/26-27/0010
NHM Nabarangpur

**OFFICE OF THE PANCHAYAT SAMITI, PAIKMAL**
AT/PO/PS:- Paikmal, Dist.:- Bargarh (Odisha), PIN:- 768039
E_Mail ID:- ori-paikmal@od.gov.in
No. 1478/ Dt. 29.06.2026
19001/122/2627

**"e"-procurement Notice**
Bid Identification No. BDO/Paikmal/02/2026-27

Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. **Nature of work** : Civil works
2. **No. of works** : 4
3. **Estimated cost** : As per NIT
4. **Period of completion** : As per NIT
5. **Date and time of availability of the Documents in the Portal** : From **02.07.2026 11.00 AM** to **14.07.2026 5.00 PM**
6. **Last date/time for receipt of Bids in the portal : Dt. 14.07.2026 up to 5.00 PM**
7. **Bids received online shall be opened on : Dt. 15.07.2026 at 11 AM**
8. **Name and address of the Officer inviting Bid : Block Development Officer, Paikmal**

Further, the details can be seen from the procurement Portal www.tendersodisha.gov.in
Block Development Officer
Paikmal
OIPR-19001/19175/1/26-27/0001

**OFFICE OF THE DIVISIONAL FOREST OFFICER,**
**REDHAKHOL FOREST DIVISION**
Email ID: - dfo.redhakhol@odisha.gov.in
Notice No.19 of 2026-27, Date 30.06.2026
8001/177/2627

**Application Invited for Engagement as Computer Engineer**

Redhakhol Forest Division invites applications only from qualified candidates for the post of Computer Engineer on a purely outsourcing basis (behalf of the Service Provider) to assist in planning, data management, and execution of digital operations including website and portal management, mobile application data management, and capacity building of staff on digitalisation and AI/LLM tools.

The interview date shall be intimated to the candidate after completion of preliminary scrutiny of the application and shall be notified through mail. Application shall be submitted only through the online mode. The application along with terms and conditions shall be available in www.sambalpur.odisha.gov.in/ www.odishaforest.in/ www.redhakholforest.com .

| Name of the Post | Computer Engineer |
|---|---|
| Educational Qualification | B.Tech/ B.E in Computer Science and Engineering or Postgraduate in Computer Science and Engineering from a recognized University. |
| Desirable Technical Skills | Programming and Scripting – Python, SQL, Java script etc. AI/ML, LLM, and Data tools etc. Computer and Office Skills – MS Office, Map design and layout etc. |
| Emoluments | Rs. 36,000(Thirty-six thousand rupees only) per month |
| Age | Upper age limit 35 years as on 01.01.2026, including age relaxation up to 5 years in case of SC/ST/SEBC candidates. |
| Last Date and Time for Submission | 18th July 2026 and 05.00 PM |

The candidate should submit **online form** by visiting the website www.redhakholforest.com or through scanning the QR code/ link (https://forms.gle/9MV3AiDgHf4bWAZi8). For any query, candidates can mail to helpdesk@redhakholforest.com.

OIPR-8001/8146/1/26-27/0030
Divisional Forest Officer,
Redhakhol Forest Division.

## AFFIDAVIT

I, Rashmita Dwibedi, D/o- Dhruba Charan Dwibedy W/o- Debasish Jena, Resident At- Chahata Nagar, Po- Avinaba Bidanasi, Ps- Bidanasi, Dist- Cuttack, PIN-753014, Odisha, declare by this affidavit No.3991 on dated 29.06.2024 before Executive Magistrate, Cuttack that now onwards I shall be known as **RASHMITA DWIBEDY** for all future purposes.

## AFFIDAVIT

By virtue of an affidavit sworn before the Notary Public , Nabarangpur, Vide no - 3137/26, dated 27.06.2026, I, DHANMATI MAJHI, W/o - Damu Bhatra permanent resident of Village/PO- Sanamasigam, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed the name of my Daughter from METRO BHATRA to NETRO BHATRA. Henceforth, she shall be known as **NETRO BHATRA** for all purposes.
Sd/- Dhanmati Majhi

## AFFIDAVIT

By virtue of an affidavit no.87 before the Executive Magistrate, Paikmal, Bargarh, dtd. 11.05.2026, I, Durbashini Pradhan, Vill/P.O.- Jamseth, P.S. Paikmal, Dist.- Bargarh hereby declare that my name has been wrongly recorded as Kishori Sahu in my Postal Bond Policy. My correct name is Durbashini Pradhan. That both names refer to one and the same person.
Sd/- Durbashini Pradhan

## AFFIDAVIT

By virtue of an affidavit no.88 before the Executive Magistrate, Paikmal, Bargarh, dtd. 11.05.2026, I, Gunanidhi Pradhan, Vill/P.O.- Jamseth, P.S. Paikmal, Dist. Bargarh hereby declare that my name has been wrongly recorded as Dinabandhu Pradhan in my Postal Bond Policy. My correct name is Gunanidhi Pradhan. That both names refer to one and the same person.
Sd/- Gunanidhi Pradhan

## NOTICE

By virtue of an affidavit no. 480 sworn before Notary Public, Borigumma, dated 26/05/2026, I LACHMAN GOUDA Address: Chargam, Po: Jayantigiri, PS: Borigumma, Dist: Koraput, Odisha-764056 declare that I have changed the name of my son from TOKADHAR GOUDA to TANKADHARA GOUDA. Henceforth, he shall be known as **TANKADHARA GOUDA** for all purposes.
Lachman Gouda

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 992, dated 24-06-2026, I, PHIRAJ CHANDRA HIAL, S/o - Alec Chandra Hial, permanent resident of - Gadabaguda, PO/PS/Dist.- Nabarangpur, Odisha, Pin - 764059, declare that I have changed the name of my Daughter from H. PRAKRUTI PRANGYA to PRAKRUTI PRANGYA HIAL. Henceforth, she shall be known as **PRAKRUTI PRANGYA HIAL** for all purposes.
Sd/- Phiraj Chandra Hial

## AFFIDAVIT

By virtue of an affidavit no.156 before the Executive Magistrate, Bhubaneswar, dtd. 29.06.2026, I, Sabitri Kamudi, At- Abarada, P.O. Kularsingi, P.S. Padwa, Dist. Koraput hereby declare that My correct name is **Sabitri Kamudi** but in my Aadhaar Card it has been wrongly recorded as Sabetri Kamudi. Henceforth I shall be known as **Sabitri Kamudi** for all purposes.
Sd/- Sabitri Kamudi

## AFFIDAVIT

By virtue of an affidavit sworn before Executive Magistrate/Notary Public) baripada, Mayurbhanj, Odisha sl no:493, dated 30.06.2026, I Sai Kiran Nayak, d/o: Biplab Nayak, AT: Purnachandrapur, ward no:21, Chipatastia, po/ps: Bhanjpur, dist - Mayurbhanj, PIN - 757002, adhar no: 365057025729 declare that I have changed my name from Saikiran Nayak to Sai Kiran Nayak. Henceforth, I shall be known as **Sai Kiran Nayak** for all purposes.

## AFFIDAVIT

I, Prasanta Das, Age 34 yrs S/o- Bhagirathi Das, do hereby solemnly affirm that, as per Affidavit No. 1206 dated- 12.05.2026 sworn before the Executive Magistrate, Kanika, my correct and actual name is Prasanta Das. The same is duly recorded in my SBI Bank Account, Aadhaar Card, and Voter ID Card but, my name has been recorded as Sangram Das in LIC Policy No. **586255912**. I hereby declare that the names **Prasanta Das** and **Sangram Das** refer to one and the same person.

### ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳରେ ଆନ୍ଧ୍ର ପୁଲିସର ମନମାନି

# ଅସ୍ତ୍ରଶସ୍ତ୍ର ଧରି ପ୍ରତିବାଦ କଲେ ଉତ୍ତ୍ୟକ୍ତ ଗ୍ରାମବାସୀ



ମାଲକାନଗିରି/କୋରୁକୋଣ୍ଡା,୩୦।୬ (ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ପାପରମେଟଲା ପଞ୍ଚାୟତ କୁନିଗୁଡା ଗ୍ରାମରେ ଆନ୍ଧ୍ରପ୍ରଦେଶ ମୁଞ୍ଚିମପୁଟ ପୁଲିସ ଆସି ଗ୍ରାମର ପୁରୁଷ ଏବଂ ମହିଳାମାନଙ୍କୁ ବିନା ନୋଟିସରେ ନିଜ ମନମୁତାବକ ଗିରଫ କରି ନେଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ଧରି ଆନ୍ଧ୍ରପ୍ରଦେଶ ପୋଲିସ ଆସି କୁନିଗୁଡା, ପରଲୁବାନ୍ଦା, ଗନ୍ଦିଗୁଡା, ରୁମା, ବିଡାର ପାକନା, ମୁଟଲାଗୁଡା, ଜାମଯୋଡି ଏବଂ ତେନ୍ତୁଳିଗୁଡା ଭଳି ଅନେକ ଗ୍ରାମରୁ ରାତି ଅଧରେ ମନଇଚ୍ଛା ଗ୍ରାମର ଲୋକମାନଙ୍କୁ ଉଠେଇ ନେଇ ଗିରଫ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଓଲଟି ପ୍ରଶ୍ନ କରିଛନ୍ତି ଯେ, ଯଦି ସେମାନେ ବେଆଇନ କାର୍ଯ୍ୟରେ ଲିପ୍ତ କିମ୍ବା କୌଣସି ଅପରାଧ କରିଛନ୍ତି, ତାହା ହେଲେ ଓଡିଶା ପୋଲିସ ପ୍ରଶାସନ କ'ଣ ପାଇଁ ଚୁପ ବସିଛନ୍ତି। ଓଡ଼ିଶା ଭିତରକୁ ଆନ୍ଧ୍ର ପୋଲିସ ଓଡିଶା ପୋଲିସକୁ ନ ଜଣାଇ ବିନା ଅନୁମତିରେ ମନଇଛା ପ୍ରବେଶକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ କିମ୍ବା ଜନପ୍ରତିନିଧି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଆନ୍ଧ୍ର ପୁଲିସ କରୁଥିବା ଅନ୍ୟାୟ ବିରୁଦ୍ଧରେ ଅସ୍ତ୍ରଶସ୍ତ୍ର ଧରି ସ୍ୱର ଉତ୍ତୋଳନ କରି କୁନିଗୁଡା ଗ୍ରାମରେ ରାସ୍ତାରୋକ କରି ଧାରଣା ଦେଇଥିବା ଦେଖିବାକୁ ମିଳିଛି। ଆନ୍ଧ୍ର ପୁଲିସର ଏପରି ମନମାନି ବିରୁଦ୍ଧରେ ଗ୍ରାମବାସୀ ଆଜି ଏକତ୍ର ହୋଇ ପେପରମେଟଲା ଥାନାର ଦ୍ୱାରସ୍ତ ହୋଇଛନ୍ତି। ଯଦି ଏହି ଘଟଣାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ନ ଦିଏ ତାହେଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି । ଏନେଇ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କୁ ପଚାରିବାରୁ ସେ ଏନେଇ ପାପରମେଟଲା ଥାନାଧିକାରୀ ରାଜେଶ୍ୱର ଶବରଙ୍କୁ ଏହି ଘଟଣାର ତଦନ୍ତ କରିବାକୁ କହିବା ସହ ସ୍ଥାନୀୟ ସରପଞ୍ଚଙ୍କ ସହ ଏହି ଘଟଣା ସମ୍ବନ୍ଧରେ ଆଲୋଚନା କରିଥିବା କହିଛନ୍ତି। ଏଥିସହ କେଉଁ ଅଞ୍ଚଳର ପୋଲିସ ତାହା ଜଣାପଡିନଥିବା ବେଳେ ତଦନ୍ତ ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣା ପଡିବ ବୋଲି କହିଛନ୍ତି।

### ● ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ଚାକିରି ଅଭିଯୋଗ

# କାର୍ଯ୍ୟାନୁଷ୍ଠାନ ଦାବି କଲେ ଉତ୍କଳ ମହିଳା ସଂଘ



ମାଥିଲି, ୩୦।୬ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଚେଡେଙ୍ଗା ପଞ୍ଚାୟତର ସିନ୍ଧାବେଡ଼ା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ସହକାରୀ ଶିକ୍ଷକଙ୍କ ବିରୋଧରେ ଜାଲ ଭିନ୍ନକ୍ଷମ ପ୍ରମାଣପତ୍ର ଓ ଭୁଲ ଜନ୍ମତାରିଖ ଦର୍ଶାଇ ଚାକିରି ହାସଲ କରିଥିବା ଅଭିଯୋଗ ହୋଇଛି। ଏନେଇ ମାଲକାନଗିରି ଜିଲ୍ଲା ଉତ୍କଳ ମହିଳା ସଂଘର ଜିଲ୍ଲା ସମ୍ପାଦିକା ଦୟାମଣି ଗୋଲରୀ ମାଥିଲି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସିନ୍ଧାବେଡ଼ା ବିଦ୍ୟାଳୟର ସହକାରୀ ଶିକ୍ଷକ ସଞ୍ଜୟ କୁମାର ରାୟସିଂ ଭିନ୍ନକ୍ଷମ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ଶିକ୍ଷାଗତ ଦସ୍ତାବିଜରେ ତଥ୍ୟ ଜାଲିଆତି କରି ଚାକିରି ପାଇଥିବା ଦର୍ଶାଯାଇଛି। ଏହାର ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ ତଦନ୍ତ କରିବାକୁ ଆବେଦନରେ ଦାବି କରାଯାଇଛି। ଶ୍ରୀମତୀ ଗୋଲରୀ କହିଛନ୍ତି ଯେ, ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଅନେକ ଶିକ୍ଷିତ ଯୁବକ-ଯୁବତୀ ଚାକିରି ନ ପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ବେଳେ ଜାଲ ପ୍ରମାଣପତ୍ର ଆଧାରରେ ଚାକିରି ହାସଲ କରିବା ଘଟଣା ଗୁରୁତର ବିଷୟ। ତେଣୁ ଏହାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଦୋଷୀ ସାବ୍ୟସ୍ତ ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏହି ଅଭିଯୋଗପତ୍ରର ନକଲ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ, ଗଣଶିକ୍ଷା ବିଭାଗ ସଚିବ, ମାଲକାନଗିରି ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ବିଭାଗକୁ ମଧ୍ୟ ପ୍ରେରଣ କରାଯାଇଛି। ଏନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଲିଖିତ ଅଭିଯୋଗ ଗ୍ରହଣ କରାଯାଇଛି ଏବଂ ଏହାକୁ ଉପରିସ୍ଥ କର୍ତ୍ତୃପକ୍ଷ ଓ ଗଣଶିକ୍ଷା ବିଭାଗକୁ ପ୍ରେରଣ କରାଯିବ। ପରବର୍ତ୍ତୀ ପଦକ୍ଷେପ ସମ୍ପର୍କିତ ବିଭାଗ ନିଷ୍ପତ୍ତି ନେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ଅଭିଯୋଗ ସମ୍ପର୍କରେ ସହକାରୀ ଶିକ୍ଷକ ସଞ୍ଜୟ କୁମାର ରାୟସିଂଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗର ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରିନଥିବା ଜଣାପଡ଼ିଛି।

### ● ଚାଷ ଜମିକୁ ନେଇ ତୁମୁଳକାଣ୍ଡ

# ଟାଙ୍ଗିଆ ଆକ୍ରମଣରେ ଜଣେ ଗୁରୁତର

କୋରୁକୋଣ୍ଡା/ଖଇରପୁଟ,୩୦।୬ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ଗ୍ରାମରେ ଏକ ବିବାଦୀୟ ଚାଷ ଜମିକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଏହି ଘଟଣାରେ ଟାଙ୍ଗିଆ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଥିବା ବେଳେ ଉଭୟ ପକ୍ଷ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାସବେଡା ଓ ସିନ୍ଧିଗୁଡା ଗ୍ରାମ ମଧ୍ୟରେ ଏକ ଚାଷ ଜମିକୁ



### ● ଉଭୟ ପକ୍ଷର ଥାନାରେ ଅଭିଯୋଗ

ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଛି। ମାମଲା ଜିଲ୍ଲାପାଳଙ୍କ ନିକଟକୁ ଯିବା ପରେ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଜମିରେ କୌଣସି ପକ୍ଷ ଚାଷ କରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଆଜି ସିନ୍ଧିଗୁଡା ଗ୍ରାମର ପ୍ରାୟ ୧୫ ଜଣ ବଣ୍ଡା ଜନଜାତିର ଲୋକ ଉକ୍ତ ଜମିରେ ଚାଷ କରୁଥିବା ବେଳେ ରାସବେଡା ଗ୍ରାମର ରାଜୁ ରାଓ ସେମାନଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥାକଟାକଟି ହୋଇଥିଲା। ପରେ ସିନ୍ଧିଗୁଡା ଗ୍ରାମର ତିନି ଜଣ ବ୍ୟକ୍ତି ରାଜୁ ରାଓଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଆହତ ରାଜୁ ରାଓଙ୍କୁ ପ୍ରଥମେ ସ୍ଥାନୀୟ ସ୍ତରରେ ଚିକିତ୍ସା କରାଯାଇଥିବା ବେଳେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଉଭୟ ପକ୍ଷ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

### ■ ବଜ୍ରପାତରେ ଦୁଇ ଗାଈ ମୃତ

# କ୍ଷତିପୂରଣ ପାଇଁ ପ୍ରଶାସନର ପଦକ୍ଷେପ



କୋରୁକୋଣ୍ଡା,୩୦।୬ (ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ମହକୁମା ଅନ୍ତର୍ଗତ ଆର୍‌ଓ କଲୋନୀ ଗ୍ରାମରେ ବଜ୍ରପାତରେ ଦୁଇଟି ଗାଈର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିଲାରାମ ହାଲଦା ପ୍ରତିଦିନ ପରି ସୋମବାର ସକାଳେ ନିଜ ଗାଈଗୁଡ଼ିକୁ ଚରିବା ପାଇଁ ଗୁହାଳରୁ ଛାଡ଼ିଥିଲେ। ସକାଳ ପ୍ରାୟ ୭ଟା ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ପରେ ସେ ଜମିକୁ ଯିବା ବେଳେ ଦେଖିଥିଲେ ଯେ ତାଙ୍କର ଦୁଇଟି ଗାଈ ଏକ ଗଛ ତଳେ ମୃତ ଅବସ୍ଥାରେ ପଡ଼ିରହିଛି। ବଜ୍ରପାତ ଯୋଗୁଁ ଗାଈ ଦୁଇଟିର ମୃତ୍ୟୁ ଘଟିଥିବା ସନ୍ଦେହ କରି ସେ କୋରୁକୋଣ୍ଡା ପଶୁଚିକିତ୍ସା ବିଭାଗ ଏବଂ ରାଜସ୍ୱ ବିଭାଗକୁ ଖବର ଦେଇଥିଲେ। ଖବର ପାଇ କୋରୁକୋଣ୍ଡା ପଶୁଚିକିତ୍ସା ଅଧିକାରୀ ଡ. ଅବିନାଶ ମାଝୀ ଏବଂ ରାଜସ୍ୱ ନିରୀକ୍ଷକ ନାରାୟଣ ମହାରଣା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଗାଈ ଦୁଇଟିର ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଛି। ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯିବ ଏବଂ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତଦନ୍ତ ଅଧିକାରୀ କହିଛନ୍ତି।

# ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ



ବିଷମ କଟକ,୩୦।୬(ସମିସ): ରାୟଗଡା ଜିଲ୍ଲା ସଭାପତି ଗୋପି ଆନନ୍ଦଙ୍କ ଆହ୍ୱାନ କ୍ରମେ ଆଜି ବିଷମ କଟକର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଠାରେ ବିଜେପି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସାଂସଦ ପ୍ରତିନିଧି କାଳିରାମ ମାଝି, ରାଜ୍ୟସାଧାରଣ ସମ୍ପାଦକ ବିରିଞ୍ଚି ନାରାୟଣ ତ୍ରିପାଠୀ, ଶିବ ଶଙ୍କର ଉଲାକା, ରାୟଗଡା ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ଉମେଶ ଖୋସଲା, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ଅଶ୍ୱିନି କେଁଚୁଡା, ଜିଲ୍ଲା ଉପସଭାପତି ଶୁଶିଳା ସରଫ, ମଣ୍ଡଳ ସଭାପତି ସୋମନାଥ ହିମିରିକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନିରେ ଭାରତୀୟ ଜନତା ପାର୍ଟୀ କେନ୍ଦ୍ରରେ ୧୨ବର୍ଷ ଏବଂ ରାଜ୍ୟରେ ୨ ବର୍ଷ ପୂରଣ କରିଥିବା ବେଳେ କେନ୍ଦ୍ର ଆଉ ରାଜ୍ୟର ଅଗ୍ରଗତି ସମ୍ପର୍କରେ ମଂଚାଶିନ ଅତିଥି ମାନେ ସମ୍ୟକ ସୂଚନାପ୍ରଦାନ କରିଥିଲେ। ଏହି ଅବସରରେ ବିଷମ କଟକର ବହୁ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। ବରିଷ୍ଠ କର୍ମକର୍ତ୍ତା ମକରଧ୍ୱଜ ଉତରାସିଲି ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ବିଷମ କଟକ ଯୁବ ବିଜେପି ସଭାପତି ଶୁଭମ୍ ମହାପାତ୍ର, ବାଦଲ ରଣା, ଗୌତମ ଉର୍ଲାକା, ରହିତ ଦଣ୍ଡସେନା, ସାଇରାମ ପଟ୍ଟନାୟକ, ରାମ ଉର୍ଲାକା, ଅନିଲ କୁମାର ସାହୁ, ବିଜୟ କିଶୋର ପଟ୍ଟନାୟକ, କାଳିଚରଣ ତ୍ରିପାଠୀ, ମନୋଜ କୁମାର ପଣ୍ଡା, ନେତ୍ରନନ୍ଦ ଶତପଥିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ରୂପାୟନ କରିଛନ୍ତି।

# ପାରମ୍ପରିକ କୃଷି ଓ ଔଷଧୀୟ ବିଜ ବିସ୍ତାରର ମିଳିତ କାର୍ଯ୍ୟକ୍ରମ



ସେମିଳିଗୁଡା, ୩୦।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍ ତେନ୍ତୁଲିଗୁଡ଼ାର ଶ୍ରୀଗୁପ୍ତେଶ୍ୱର ଚେରମୂଳିୟ ଔଷଧ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ର ପକ୍ଷରୁ ପରିବେଶ ସୁରକ୍ଷା, ପାରମ୍ପରିକ କୃଷି ଓ ଔଷଧୀୟ ବୀଜ ବିସ୍ତାରର ମିଳିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରୁ ଯାତ୍ରା ଏହି କାର୍ଯକ୍ରମ କୁ ସେମିଳିଗୁଡା ବ୍ଲକ୍ ଉନ୍ନୟନ ଅଧିକାରୀ ଜସ୍ମିନ କୁମାର୍ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରାଙ୍କ ଦ୍ୱାରା ଆରମ୍ଭ ହୋଇଛି। ତିନୋଟି ଦଳର ମିଳିତ ପ୍ରୟାସରେ ନାରାୟଣପାଟଣା ବ୍ଲକର ତେନ୍ଦୁଳିପଦର ଅଞ୍ଚଳ ଅନ୍ତର୍ଗତ ବାଦିପଡ଼ା ପାହାଡ଼, କାଶିଙ୍ଗଘଣ୍ଟା ପାହାଡ଼ ଏବଂ ପାଟାମାଳି ପାହାଡ଼ରେ ବିଭିନ୍ନ ପ୍ରଜାତିର ବନଜ ଓ ଔଷଧୀୟ ବୀଜ ବିସ୍ତାର କରାଯାଇଥିଲା। ଏହା ସହ ପରିବେଶ ସଂରକ୍ଷଣ, ବନ ପୁନରୁଦ୍ଧାର ଏବଂ ଔଷଧୀୟ ଉଦ୍ଭିଦର ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରାଯାଇଥିଲା। ସୁରକ୍ଷା କାର୍ଯ୍ୟକ୍ରମରେ ତିନୋଟି ସ୍ୱତନ୍ତ୍ର ଦଳକୁ ଏକତ୍ର କରାଯାଇଥିଲା। ପରିବେଶ ସୁରକ୍ଷା ଦଳ, ଆଦିବାସୀ ପାରମ୍ପରିକ କୃଷି ଗବେଷଣା ଦଳ ଏବଂ ପାରମ୍ପରିକ ବୈଦ୍ୟ ଦଳ। ପାରମ୍ପରିକ ବୈଦ୍ୟ ଦଳର ସଦସ୍ୟମାନଙ୍କୁ ପରିବେଶ ସୁରକ୍ଷା ଅଭିଯାନରେ ସାମିଲ କରାଯାଇ ଔଷଧୀୟ ଉଦ୍ଭିଦର ବୀଜ ଓ ମଞ୍ଜି ସଂଗ୍ରହ, ଜଙ୍ଗଲରେ ବିସ୍ତାର ଏବଂ ଭବିଷ୍ୟତ ପାଇଁ ଔଷଧୀୟ ଜୈବ ବିବିଧତାର ସଂରକ୍ଷଣ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ କରାଯାଇଥିଲା। ସେହି ସହିତ ସେମାନେ ବନାଞ୍ଚଳରେ ଉପଲବ୍ଧ ଔଷଧୀୟ ଉଦ୍ଭିଦ ସମ୍ବନ୍ଧୀୟ ଅନୁସନ୍ଧାନ କାର୍ଯ୍ୟ ମଧ୍ୟ କରିଥିଲେ। ଏହି ଅଭିଯାନରେ ପ୍ରାୟ ୩୦ ଜଣ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ସମସ୍ତେ ଏକତ୍ରିତ ହୋଇ ପରିବେଶ ସୁରକ୍ଷା, ପାରମ୍ପରିକ କୃଷି ଗବେଷଣା ଏବଂ ଔଷଧୀୟ ଉଦ୍ଭିଦ ସଂରକ୍ଷଣର ଉଦ୍ଦେଶ୍ୟରେ ସଫଳତାର ସହ କାର୍ଯ୍ୟ ସମ୍ପନ୍ନ କରି ସନ୍ଧ୍ୟା ସମୟରେ ନିଜ କେନ୍ଦ୍ରକୁ ଫେରିଥିଲେ। ଏହି" ମିଳିତ ପ୍ରୟାସ ପରିବେଶ ସୁରକ୍ଷା, ପାରମ୍ପରିକ ଜ୍ଞାନର ସଂରକ୍ଷଣ ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ଓ ଔଷଧୀୟ ସମ୍ପଦର ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀଗୁପ୍ତେଶ୍ୱର ଚେରମୂଳିୟ ଔଷଧ ପାରମ୍ପରିକ ବିଜ୍ଞାନ ଗବେଷଣା କେନ୍ଦ୍ରର ମୁଖ୍ୟ ହରି ପାଙ୍ଗି ସୂଚନା ଦେଇଥିଲେ।

# ଜୟପୁର ଏସ୍‌ଡିଆଇପିଆରଙ୍କୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱ ଦେବାକୁ ଅନୁରୋଧ

କୋରାପୁଟ,୩୦।୬(ସମିସ): ଗତ ମାସ ୨୫ ତାରିଖରେ କୋରାପୁଟରେ କାର୍ଯ୍ୟରତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶାଙ୍କର ଅକାଳ ବିୟୋଗ ହୋଇଥିବା ବେଳେ ତାଙ୍କ ସ୍ଥାନରେ ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗଦବାଙ୍କୁ ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଦାୟିତ୍ୱ ଦେବାକୁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରିଛନ୍ତି। ବରିଷ୍ଠ ସାମ୍ବାଦିକ ଭବାନୀ ଶଙ୍କର ମିଶ୍ର, ବିଦ୍ୟାଧର ଚୌଧୁରୀ, ସୁବୋଧ କୁମାର ଚେଟି, ସୌମ୍ୟ ରଞ୍ଜନ ସାହୁ, ଦିଲ୍ଲୀପ ମହାନ୍ତି, ପ୍ରଦୀପ ପାଢ଼ୀ ପ୍ରମୁଖ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇଛନ୍ତି। ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଜିଲ୍ଲା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବାରେ ଶ୍ରୀମତୀ ଗଦବାଙ୍କର ଯଥେଷ୍ଟ ଅନୁଭୂତି ରହିଛି। ସରକାର ଜଣେ ସ୍ଥାୟୀ ଡିଆଇପିଆରଓ ନିଯୁକ୍ତି କରିବା ପର୍ଯ୍ୟନ୍ତ ବରିଷ୍ଠତା ଓ ଅଭିଜ୍ଞତାକୁ ଦୃଷ୍ଟି ଦେଇ ଜୟପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗଦବାଙ୍କୁ ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଅବସ୍ଥାପିତ କରିବାକୁ ଅନୁରୋଧ ସାମ୍ବାଦିକ ବୃନ୍ଦ ଅନୁରୋଧ କରିଛନ୍ତି ।

# ପ୍ରେସ୍ କ୍ଲବ୍ ପକ୍ଷରୁ ସ୍ୱରାଜ୍ୟଙ୍କୁ ଶ୍ରଦ୍ଧାଞ୍ଜଳି



ଲକ୍ଷ୍ମୀପୁର, ୩୦।୬(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ପୂର୍ତ୍ତ ବିଭାଗ ବଙ୍ଗଳା ଠାରେ ଆଜ ପ୍ରେସ କ୍ଲବ ଲକ୍ଷ୍ମୀପୁରର ନବମ ତମ ବୈଠକ ଅନୁଷ୍ଠିତ ହୋଇ ଥିଲା। ସେଥିରେ ସଭାପତି ଯୁଧିଷ୍ଠିର ବାଘଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସେଠାରେ ସଭାପତି ସମେତ ସମ୍ପାଦକ ପ୍ରଫୁଲ୍ଲ କୁମାର ଖୋସ୍ଲା, ପରାମର୍ଶଦାତା ପ୍ରମୋଦ କୁମାର ଜେନା, ଲିଗାଲ ଆଡ୍ଭାଇଜର ଅନନ୍ତ ପ୍ରସାଦ ନାୟକ, ସଂଯୋଜକ ପାତ୍ର ପିଲେଣ୍ଟୀ, ସହସଂପାଦକ ରଞ୍ଜିତ କୁମାର ମହାନନ୍ଦିଆ ତଥା ସଦସ୍ୟ ଗିରିଧର ଖରା, ବଂଶୀଧର ହାଲୱା, ବାବୁଲା ଦାଶ, ଯାଦବ ବାଘ ଓ ମୋନଜ୍ ବିଷୋୟୀ ଏହି ବୈଠକରେ ଉପସ୍ଥିତ ରହି ଥିଲେ। ପ୍ରେସ କ୍ଲବ ଲକ୍ଷ୍ମୀପୁରର ଆସନ୍ତା ଦିନରେ ଉଦ୍‌ଘାଟନୀ ଉତ୍ସବ ପାଳନ ହେବ। ସେଥିପାଇଁ ବିସ୍ତୃତ ଆଲୋଚନା ହୋଇଥିଲା। କ୍ଲବର ସମସ୍ତ ସଦସ୍ୟ ଏଇ ବୈଠକରେ ଯୋଗ ଦେଇ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ସେହି ପରି ବୈଠକ ପ୍ରାରମ୍ଭରେ କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱର୍ଗତ ସ୍ୱରାଜ୍ୟ ଶିଶାଙ୍କ ଆଶାର ସଦଗତି ନିମନ୍ତେ ଏକ ମିନିଟ ଶୋକ ପ୍ରକାଶ ପାଳନ କରାଯାଇ ଥିଲା। ସ୍ୱର୍ଗତ ଶିଶା ପ୍ରାୟ ଚାରି ବର୍ଷ ଧରି କୋରାପୁଟ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

# ଅବସର ଦିନ ପେନ୍‌ସନ୍ ପତ୍ର ପାଇଲେ ଶିକ୍ଷକ



ମାଥିଲି,୩୦।୬ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଗୋଷ୍ଠୀ ଶିକ୍ଷା ଅଧୀନରେ ଦୀର୍ଘ ବର୍ଷ ଶିକ୍ଷକତା କରୁଥିବା ଦୁଇ ଶିକ୍ଷକ ଆଜି ଅବସର ଗ୍ରହଣ କରିଛନ୍ତି। ଆମ୍ବାଗୁଡା ପଞ୍ଚାୟତ ସିଙ୍ଗଲବାଟା ଗ୍ରାମର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ସାହୁ ଓ ମେକ୍କା ପଞ୍ଚାୟତ ମଞ୍ଜରୀଗୁଡା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଣା ଆଜି ଅବସର ନେଇଛନ୍ତି। ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଅତିଥି ଭାବରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଦୁଇ ଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସମ୍ପୂର୍ଣ୍ଣ ପେନସନ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରେ ଶିକ୍ଷକ ଜଗବନ୍ଧୁ ବିମାରି, ବାବୁଲି ପୃଷ୍ଟି, ମହେଶ୍ୱର କଂସାରି, ନମିତା ପଟ୍ଟନାୟକ, ସୁନୀଲ ଦାସ, ରଶ୍ମିରଞ୍ଜନ ଛୋଟରାୟ, ରାମକୃଷ୍ଣ ରାଓ ଓ କୃଷ୍ଣ କୁମାର ଉପସ୍ଥିତ ରହି ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନିଜ ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ମାଲକାନଗିରି, ୩୦।୬(ସମିସ): ମାଲକାନଗିରି ଜିଲ୍ଲା ସଦରର ଡିଏନକେ ଛକରେ ଥିବା ଏକ ବିଦ୍ୟୁତ୍ ଉପକରଣ ବିକ୍ରୟ ଦୋକାନରୁ ଜଣେ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହେବା ଘଟଣା ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ୪୮ ବର୍ଷୀୟ ହରିଶ କୁମାର ରାଉତ। ତାଙ୍କ ଘର ମାଲକାନଗିରି ସହରର ବୁଟିଗୁଡା ସାହିରେ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ସ୍ଥାନୀୟ ଲୋକେ ହରିଶଙ୍କୁ ତାଙ୍କ ଦୋକାନ ଭିତରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଏହାପରେ ସେମାନେ ତୁରନ୍ତ ମାଲକାନଗିରି ଆଦର୍ଶ ଥାନା ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ପରବର୍ତ୍ତୀ ସମୟରେ ପୋଲିସ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ଘଟଣାର କାରଣ ଜାଣିବା ନିମନ୍ତେ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବିଦ୍ୟୁତ୍ ସେବାରେ ଅବ୍ୟବସ୍ଥା

# ଲକ୍ଷ୍ମୀପୁର ବିଦ୍ୟୁତ ସେକ୍ସନ୍ ଅଧୀନରେ ସାମିଲ କରିବାକୁ ଦାବି



ରାୟଗଡ, ୩୦।୬(ସମିସ): ରାୟଗଡ ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ହାଡ଼ିଗୁଡ଼ା ପଞ୍ଚାୟତର ୯ଟି ଗ୍ରାମରେ ଦୀର୍ଘଦିନ ଧରି ବିଦ୍ୟୁତ ସେବାରେ ଦେଖାଦେଉଥିବା ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ତୀବ୍ର ହୋଇଛି। ବାରମ୍ବାର ବିଦ୍ୟୁତ ବିଛିନ୍ନ ହେବା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ବ୍ୟାହତ ହେଉଥିବାରୁ ମଙ୍ଗଳବାର ହାଡ଼ିଗୁଡ଼ା, ଲଛୁଗୁଡ଼ା, ଟିକିରପଡ଼ା, ବାଗିରିଝୋଲା, ଭିତରମୁସ୍କୁଣି, ବାହାରମୁସ୍କୁଣି, କୁଗୁପୁଟ, ଗୋଜିଆଗୁଡ଼ା ଏବଂ ପୁଟଯୋଡ଼ି ଗ୍ରାମର ଶତାଧିକ ବାସିନ୍ଦା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇ ତୁରନ୍ତ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ଉକ୍ତ ଗ୍ରାମଗୁଡ଼ିକ କାଶୀପୁର ବିଦ୍ୟୁତ ବିଭାଗ ଅଧୀନରେ ରହିଥିଲେ ମଧ୍ୟ ସେବାର ମାନ ଅତ୍ୟନ୍ତ ନିମ୍ନସ୍ତରର। ପ୍ରତିମାସ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ବିଦ୍ୟୁତ ବନ୍ଦ ରହୁଥିବାରୁ ସାଧାରଣ ଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଦିନ ଦିନ ଧରି ବିଦ୍ୟୁତ ସରବରାହ ବନ୍ଦ ରହୁଥିବାରୁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ ସବୁଠାରୁ ଅଧିକ ପଡୁଛି ଛାତ୍ରଛାତ୍ରୀଙ୍କ ଉପରେ। ନିୟମିତ ବିଦ୍ୟୁତ ନ ଥିବାରୁ ସେମାନଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ବେଳେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବହୃତ ବିଦ୍ୟୁତଚାଳିତ ମୋଟର ମଧ୍ୟ ଅଚଳ ହୋଇପଡୁଛି। ଏପରିକି ମୋବାଇଲ୍ ଫୋନ୍ ଚାର୍ଜ କରିବା ପାଇଁ ଲୋକଙ୍କୁ ୪ରୁ ୫ କିଲୋମିଟର ଦୂରରେ ଥିବା ୟୁଏଆଇଏଲ୍ କମ୍ପାନୀ ନିକଟକୁ ଯିବାକୁ ପଡୁଛି। ଅନ୍ଧକାରର ସୁଯୋଗ ନେଇ ଚୋରି ଓ ଡକାୟତି ଘଟଣା ମଧ୍ୟ ବୃଦ୍ଧି ପାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ପରିସ୍ଥିତିରେ କାଶୀପୁର ବିଦ୍ୟୁତ ବିଭାଗ ବଦଳରେ ନିକଟବର୍ତ୍ତୀ ଲକ୍ଷ୍ମୀପୁର ବିଦ୍ୟୁତ ବିଭାଗ ସେକ୍ସନ ମାଧ୍ୟମରେ ସଂଯୋଗ ଦିଆଗଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ସେମାନଙ୍କ ଅଭିଯୋଗକୁ ଗୁରୁତର ସହ ଶୁଣି ଅତିରିକ୍ତ ଜିଲ୍ଲାପାଳ ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ଶୀଘ୍ର ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଆଶ୍ୱାସନ ଦେଇଥିଲେ। ଏହା ସହ ଗ୍ରାମବାସୀ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ମଧ୍ୟ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ତେବେ ଦାବି ପୂରଣରେ ବିଳମ୍ବ ହେଲେ ୯ଟି ଗ୍ରାମର ଲୋକେ ରାଜରାସ୍ତାକୁ ଓହ୍ଲାଇ ଗଣ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# କୁନ୍ଦୁରା ଡାକ୍ତରଙ୍କ କାର୍ଯ୍ୟବନ୍ଦ ଡାକରା



କୁନ୍ଦୁରା, ୩୦।୬(ସମିସ): ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ କୋରାପୁଟ ତରଫରୁ କାର୍ଯବନ୍ଦ ଡାକରା ଦିଆଯାଇଛି। ଆଜି ୧୮ ଦଫା ଦାବି ନେଇ କୋରାପୁଟ ଜିଲ୍ଲାପାଳ, ଏସପି ଏବଂ ସିଡିଏମଓଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି କୋରାପୁଟ ଡାକ୍ତରୀ ଦଳ। ଦାବିପତ୍ରରେ ଉଲ୍ଲେଖ ଅଛି ଯେ, ଜୁଲାଇ ଏକ ତାରିଖ ଦିନ ଠାରୁ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦାଳନ ଜାରି ରହିବ। ମିଳିବନି ଜରୁରୀ କାଳୀନ ଓ ସମସ୍ତ ଚିକିତ୍ସା ସେବା। ଏହାର ପ୍ରବାହ କୋରାପୁଟ ଜିଲ୍ଲା ସମେତ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ରହିବ ବୋଲି କୁନ୍ଦୁରା ମେଡିକାଲ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସ ସୂଚନା ଦେଇଛନ୍ତି । ଆଜି ହେଉଛି ଜାତୀୟ ଡାକ୍ତର ଦିବସ। ଡାକ୍ତରମାନଙ୍କ ସେବାକୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ସମଗ୍ର ଦେଶରେ ଜାତୀୟ ଡାକ୍ତର ଦିବସ ପାଳନ କରାଯାଉଛି । କିନ୍ତୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ ନିଷ୍ପତି କ୍ରମେ ଏହି ଦିବସରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। କୁନ୍ଦୁରାର ସମୂହ ଡାକ୍ତର କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହେବେ। କେବଳ ଆୟୁଷ ଡାକ୍ତର ଏବଂ ଫାର୍ମାସିଷ୍ଟମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ଚାଲିବ ବୋଲି ସୂଚନା ରହିଛି ।

## ୬୨ ବର୍ଷ ପର୍ଯ୍ୟନ୍ତ ସେବା ସୁଯୋଗ ଦାବି

# ୧୪ କର୍ମୀ ଓ ସହାୟିକାଙ୍କୁ ପୁନଃ ନିଯୁକ୍ତି ପାଇଁ ଡିଏସ୍‌ଡବ୍ଲୁଓଙ୍କୁ ଦାବିପତ୍ର



ରାୟଗଡ, ୩୦।୬ (ସମିସ): ୬୦ ବର୍ଷ ବୟସ ପରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଆହୁରି ଦୁଇ ବର୍ଷ କାର୍ଯ୍ୟ କରିବାକୁ ସୁଯୋଗ ଦେବା ସମ୍ପର୍କିତ ସରକାରୀ ନିର୍ଦ୍ଦେଶାବଳୀକୁ ରାୟଗଡ ଉପଜିଲ୍ଲାପାଳ କାର୍ଯ୍ୟକାରୀ କରିନଥିବା ଅଭିଯୋଗ କରିଛି ରାୟଗଡ ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ୍। ଏହି ପ୍ରସଙ୍ଗରେ ମଙ୍ଗଳବାର ସଂଘ ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର କହିବା ଅନୁସାରେ, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ୨୮ ଫେବୃଆରୀ ୨୦୧୯ରେ ବିଭାଗୀୟ ଚିଠି ସଂଖ୍ୟା ୩୫୫୨ରେ ବିଜ୍ଞପ୍ତି ଜାରି ହୋଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ୬୦ ବର୍ଷ ପରେ ଯୋଗ୍ୟ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଆଉ ଦୁଇ ବର୍ଷ ପର୍ଯ୍ୟନ୍ତ ପୁନଃ ନିଯୁକ୍ତିର ସୁଯୋଗ ରହିଛି। କିନ୍ତୁ ରାୟଗଡ ଉପଜିଲ୍ଲାପାଳ ଏହି ପୁନଃ ନିଯୁକ୍ତିକୁ ପ୍ରତ୍ୟାଖ୍ୟାନ କରି ଚିଠି ଜାରି କରିଥିବାରୁ ରାୟଗଡ ବ୍ଲକର ୮ ଜଣ ଅଙ୍ଗନୱାଡି କର୍ମୀ ଓ ୬ ଜଣ ସହାୟିକା ପ୍ରଭାବିତ ହୋଇଛନ୍ତି। ପୁନଃ ନିଯୁକ୍ତିରୁ ବଞ୍ଚିତ କର୍ମୀମାନଙ୍କ ମଧ୍ୟରେ ଉଷାଙ୍ଗିନୀ ଦୀପ, କୁନୀ ମହାନ୍ତି, ଦ୍ରୌପଦୀ ହିମିରିକା, ସୁଶିଳା କିଲାକା, ସୁଶିଳା ମାଣ୍ଡାଙ୍ଗି, ହେମଲତା ଦାସଚୌଧୁରୀ, ଗୌରୀଆମା ବାଉରୀ ଓ ପାର୍ବତୀ ମାଣ୍ଡାଙ୍ଗି ରହିଥିବା ବେଳେ ସହାୟିକା ଭାବେ ଚାଲାସିତା ଲକ୍ଷ୍ମୀ, କାଳାବତୀ ପୁଆଲା, ଭାରତୀ ସାରକା, କାଞ୍ଚନ ହୁଇକା, ମେଲକା ଉକିଆମା ଓ ସାଙ୍ଗମା ବିଡ଼ିକା ରହିଛନ୍ତି। ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବର୍ତ୍ତମାନ ପୋଷଣ ୨.୦ କାର୍ଯ୍ୟକ୍ରମରେ କର୍ମୀ ଓ ସହାୟିକାମାନେ ନିୟମିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଯୋଜନା ସମ୍ପର୍କରେ ସେମାନଙ୍କୁ ପର୍ଯ୍ୟାପ୍ତ ତାଲିମ ମିଳିନଥିଲେ ମଧ୍ୟ ଅଭିଜ୍ଞତା ଆଧାରରେ ସେମାନେ ଦାୟିତ୍ୱ ସୁଚାରୁ ଭାବେ ନିର୍ବାହ କରୁଛନ୍ତି। କିଛି କର୍ମୀଙ୍କୁ ବିଏଲ୍‌ଓ ଏବଂ ଏସ୍‌ଆଇଆର୍ କାର୍ଯ୍ୟରେ ମଧ୍ୟ ନିୟୋଜିତ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ପୁନଃ ନିଯୁକ୍ତି ପାଇଥିବା କର୍ମୀମାନଙ୍କୁ ୨୦୨୬ ମାର୍ଚ୍ଚ ମାସ ଠାରୁ ଦରମା ପ୍ରଦାନ କରାଯାଇନାହିଁ। ଏହାଦ୍ୱାରା ସେମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ଅଙ୍ଗନୱାଡି କର୍ମୀ ସଂଘ ଦାବି କରିଛି ଯେ, ପ୍ରଭାବିତ ୧୪ ଜଣ କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ଦିଆଯିବା ସହ ମାର୍ଚ୍ଚ ୨୦୨୬ରୁ ବକେୟା ରହିଥିବା ଦରମା ଶୀଘ୍ର ପ୍ରଦାନ କରାଯାଉ। ସଂଘ ଆହୁରି କହିଛି ଯେ, ରାୟଗଡ ଜିଲ୍ଲାକୁ ଛାଡ଼ି ରାଜ୍ୟର ଅନ୍ୟ ୨୯ଟି ଜିଲ୍ଲାରେ ୬୦ ବର୍ଷ ପରେ ମଧ୍ୟ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ପୁନଃ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ତେଣୁ ରାୟଗଡ ଜିଲ୍ଲାରେ ମଧ୍ୟ ସମାନ ନୀତି ପ୍ରୟୋଗ କରିବାକୁ ସେମାନେ ଦାବି କରିଛନ୍ତି।ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ଜୟନ୍ତି ପଦ୍ମାଳୟ ସାହୁ, ଜିଲ୍ଲା ସମ୍ପାଦିକା ଉଷାରାଣୀ ଦାସ, ସ୍ନେହଲତା ମିଶ୍ର, ପଦ୍ମପୁର ବ୍ଲକ ସଭାପତି ହେମଲତା ଦାସ, ଜ୍ୟୋସ୍ନାଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

# ଲକ୍ଷ୍ମୀପୁରର ନୂଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ଲକ୍ଷ୍ମୀପୁର,୩୦।୬(ସମିସ): ମଙ୍ଗଳବାର ଦିନ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଗୋଷ୍ଠୀ ଶିକ୍ଷଧିକାରୀ ଭାବେ ଭବାନୀ ନନ୍ଦନ ପଟ୍ଟନାୟକ ଯୋଗ ଦେଇଛନ୍ତି। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଏହି ସମୟରେ ଏବିଇଓ ବିଭୁତି ଭୂଷଣ ଟାକ୍ରୀ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ଉପ ସଭାପତି ସୁରେନ୍ଦ୍ର କୁକଦୀପ, ସେକ୍ସନ ଅଫିସର ମୀନାକ୍ଷୀ ମଞ୍ଜୁରୀ ଦେବୀ, ସିଆରସିସି ହେମନ୍ତ ମହାନନ୍ଦିଆ, ମନୋଜ ପରିଡା,ଜୟନ୍ତ ଖୋସ୍ଲା, ବ୍ଲକ ଶିକ୍ଷକ ସଙ୍ଘ ସଭାପତି ଦୟାନିଧି ଗରଡ଼ା, ସମ୍ପାଦକ ତ୍ରିନାଥ ମହାପାତ୍ର, ସଂଯୋଜକ ରମେଶ ଦୋରା, କନିଷ୍ଠ କିରାଣୀ ସ୍ୱାଧୀନ ପଟନାୟକଙ୍କ ସମେତ ଶିକ୍ଷୟଧିକାରୀଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶ୍ରୀ ପଟ୍ଟନାୟକ ସେମିଳିଗୁଡା, ନନ୍ଦପୁର ସହ ଲକ୍ଷ୍ମୀପୁରକୁ ମିଶାଇ ତିନୋଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଅଛନ୍ତି । ଜଣଙ୍କୁ ଯଦି ୩ ବ୍ଲକ ଦାୟିତ୍ୱ କାନ୍ଧରେ ଲଦି ଦିଆଯାଏ, ତେବେ କିପରି ଦାୟିତ୍ୱ ସମ୍ପନ୍ନ ହୋଇ ପାରିବ ତାହା ଏବେ ଚିନ୍ତା ବଢ଼ାଇଛି। ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏଠି ଯଦି ଜଣେ ଅଧିକାରୀ ଏକାଧିକ ଦାୟିତ୍ୱରେ ରହିବେ, ତେବେ ନିଶ୍ଚିତ ଅସୁବିଧା ଦେଖା ଦେବ। ଲକ୍ଷ୍ମୀପୁର ଠାରୁ ସେମିଳିଗୁଡା ଦୂରତା ହେଉଛି ୫୦କିମି। ସେମିଳିଗୁଡାରୁ ନନ୍ଦପୁରର ଦୂରତା ୨୨ କିମି। ମୋଟାମୋଟି ୭୨ କିମି ଯିବା ଆସିବା ହେଲେ ଏହା ଦୁଇ ଗୁଣ ହେବ। ଯିବା ଆସିବାରେ ସମୟ ଶେଷ ହୋଇଯିବ। ଆଉ ଅନ୍ୟ ବିଷୟ ଦେଖିବକୁ ସମୟ ନଥିବ। ଓଡ଼ିଶା ରାଜ୍ୟ ଶିକ୍ଷାକୁ ନେଇ ଚର୍ଚ୍ଚାରେ ରହି ଥିବା ବେଳେ ଜଣେ ଅଧିକାରୀଙ୍କୁ ଏଭଳି ଦାୟିତ୍ୱ ପ୍ରଦାନକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେଣୁ ସରକାର ଏହା ଉପରେ ଧ୍ୟାନ ଦେବା ଆବଶ୍ୟକ ରହିଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମିଳନୀ



ଉମରକୋଟ, ୩୦।୬(ସମିସ): ଉମରକୋଟଠାରେ ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀମାନଙ୍କର ଜିଲ୍ଲାସ୍ତରୀୟ ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ବୈଠକର ଶୁଭାରମ୍ଭ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ସାଲୁ ପ୍ରିୟା ନାୟକ ଓ ଶ୍ରୀକାନ୍ତ ଯାନୀ, ଉମରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମାଝୀ, ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀମତୀ ରଶ୍ମିତା ନେତମ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ, ସମସ୍ତ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ରଞ୍ଜିତା କଁଅରଙ୍କ ସମେତ ଜିଲ୍ଲାର ସମସ୍ତ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀ ଓ ସାଧନ କର୍ମୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସାହୁ ନୂତନ ଭାବେ ଯୋଗଦେଇଥିବା ସିନିୟର ଏସ୍‌ଇଏସ୍ ପ୍ରଧାନ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ ଜଣାଇବା ସହ ସମସ୍ତଙ୍କୁ ସହଯୋଗ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ପାଇଁ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ ବିଦ୍ୟାଳୟ ପରିଚାଳନା, ଆବଶ୍ୟକ ଦସ୍ତାବିଜ ସଂରକ୍ଷଣ ଓ ପ୍ରଶାସନିକ କାର୍ଯ୍ୟ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଶ୍ରୀମତୀ ସାଲୁ ପ୍ରିୟା ନାୟକ ପରୀକ୍ଷାଫଳର ଉନ୍ନତି ଓ ଶତପ୍ରତିଶତ ସଫଳତା ହାସଲ ପାଇଁ ଗ୍ରହଣୀୟ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ତେନ୍ତୁଳୀଖୁଣ୍ଟି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ ବିଭିନ୍ନ ସୂଚନା ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସୈନିକ ସେବା ସମେତ ବିଭିନ୍ନ ବୃତ୍ତିଗତ କ୍ଷେତ୍ରରେ କ୍ୟାରିଅର ଗଢ଼ିବା ପାଇଁ ଉପଯୁକ୍ତ ମାର୍ଗଦର୍ଶନ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରୀକାନ୍ତ ଯାନୀ ବିଦ୍ୟାଳୟ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିବା ବେଳେ ରଶ୍ମିତା ନେତମ ପ୍ରତ୍ୟେକ ବିଦ୍ୟାଳୟରେ ଆଭ୍ୟନ୍ତରିକ ସୁରକ୍ଷା କମିଟି ଗଠନ ଓ ତାହାର ସକ୍ରିୟ କାର୍ଯ୍ୟକାରିତା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ଚିତ୍ତରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ବୈଠକର ସମାପ୍ତି ଘୋଷଣା କରିଥିଲେ।

# ପର୍ଯ୍ୟଟକଙ୍କ କାର୍ ଦୁର୍ଘଟଣା, ୭ ଆହତ



କାକିରିଗୁମା, ୩୦।୬ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୈଡଗୁଡା ପଞ୍ଚାୟତର ତଳ ମିଟିଂ ଜଳପ୍ରପାତ ଭ୍ରମଣ କରି ଆଜି ସନ୍ଧ୍ୟାରେ ଫେରୁଥିବା ସମୟରେ ଲଛମଣି ଗ୍ରାମ ନିକଟରେ ପାହାଡ଼ ତଳକୁ କାର ଖସି ପଡ଼ିବାର ୬ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ରହିଛନ୍ତି। ଲଛମଣି ଗ୍ରାମର କିଛି ଯୁବକ ଆହତ ମାନଙ୍କୁ ଉଦ୍ଧାର କରି କାକିରିଗୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ଜଣଙ୍କୁ କେରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। କାକିରିଗୁମାର ଗୋଟିଏ ପରିବାରର ୩ ଜଣ ଆହତ ହେଇଛନ୍ତି। ଆହତ ବ୍ୟକ୍ତି ମାନେ ଆଦିତ୍ୟ ବିଶୋଇ (୧୨), ଶ୍ରାବଣୀ ବିଶୋଇ (୨୧) ବିକ୍ରମ ବିଶୋଇ ( ୨୫) । ସେହିପରି ଅନ୍ୟ ଆହତ ମାନେ ଦଶମନ୍ତପୁର ବ୍ଲକ ଲୁଲା ଗ୍ରାମର ଦିଲିପ୍ ବିଶୋଇ ( ୩୨), ଡଲି ବିଶୋଇ (୨୫) ଏବଂ ୨ ବର୍ଷର ଶିଶୁ ଗଗନ ବିଶୋଇ ବୋଲି ଜଣାପଡ଼ିଛି ।

# ଆଜିଠାରୁ ସରକାରୀ ଡାକ୍ତରଙ୍କ ଆନ୍ଦୋଳନ

କୋଷାଗୁମୁଡ଼ା,୩୦।୬(ସମିସ): ରାଜ୍ୟ ଓମସାର ଡାକରା କ୍ରମେ ଜୁଲାଇ ୧ ତାରିଖ କୋଷାଗୁମୁଡ଼ାର ସମସ୍ତ ସରକାରୀ ମେଡିକାଲ ଡାକ୍ତରମାନେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତାକାଲିଠାରୁ ଓପିଡି, ଆଇପିଡି, ଇଲେକଟିଭ୍, ଡାଇଗ୍ନୋଷ୍ଟିକ ସହିତ ସମସ୍ତ ଜରୁରୀ ସ୍ୱାସ୍ଥ୍ୟସେବା ବନ୍ଦ କରିବାକୁ ନିଷ୍ପତ୍ତି ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଆଯାଇଛି ବୋଲି କୋଷାଗୁମୁଡ଼ା ମେଡିକାଲ ଅଧିକାରୀ ଡ. ଆଦିତ୍ୟ ବେହେରା ସୂଚନା ଦେଇଛନ୍ତି।

# ବୈଜ୍ଞାନିକ ବାଉଁଶ ଅମଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶୁଭାରମ୍ଭ




ମାଲକାନଗିରି, ୩୦।୬ (ସମିସ): ଜାକଲଗୁଣ୍ଡି ଗ୍ରାମରେ ଏକ ବୈଜ୍ଞାନିକ ବାଉଁଶ ଅମଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହା ମାଧ୍ୟମରେ ବନ ସଂରକ୍ଷଣ, ମହିଳା-ନେତୃତ୍ୱାଧୀନ ଜୀବିକା ଏବଂ ସ୍ଥାୟୀ ସ୍ଥାନୀୟ ଉଦ୍ୟମକୁ ଏକତ୍ର କରୁଥିବା ଏକ ଅନନ୍ୟ ସମୁଦାୟ-କେନ୍ଦ୍ରିତ ବାଉଁଶ ପରିଚାଳନା ମଡେଲ୍‌ର ଆରମ୍ଭ ହୋଇଛି। ମାଲକାନଗିରି ବନ ବିଭାଗ, କାଳିମେଳା ବନାଞ୍ଚଳ ଦ୍ୱାରା ସ୍ଥାନୀୟ ଗ୍ରାମ ସଭାମାନ, ମହା ଗ୍ରାମସଭା କାଳିମେଳା, ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍‌ର ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସି ଏବଂ କାନମରାଜ ଗ୍ରୀନ୍ ଶକ୍ତି ପ୍ରଡ୍ୟୁସର କମ୍ପାନୀର ସହଯୋଗରେ କାର୍ଯ୍ୟାନ୍ୱିତ କରାଯାଉଛି। କାନମ ରାଜ ଗ୍ରୀନ୍ ଶକ୍ତି ପ୍ରଡ୍ୟୁସର କମ୍ପାନୀ ହେଉଛି ମିଶନ ଶକ୍ତି ବିଭାଗ ସମର୍ଥନରେ ଗଠିତ ଏକ ସମ୍ପୂର୍ଣ୍ଣ ମହିଳା-ମାଲିକାନା ଉଦ୍ୟମ। ଏହି ପାଇଲଟ୍ ଓଡ଼ିଶା ବାଉଁଶ ଉନ୍ନୟନ ପ୍ରାଧିକରଣର ସମର୍ଥନରେ ପରିଚାଳିତ ହେଉଛି। ଏହି ପାଇଲଟ୍‌ରେ ଆଦିବାସୀ ମହିଳା ଏବଂ ଗ୍ରାମ ସଭାମାନଙ୍କୁ ଉତ୍ପାଦନ, ବୈଜ୍ଞାନିକ ମୂଲ୍ୟ ସଂଯୋଜନ ଏବଂ ବଜାର ଅଂଶଗ୍ରହଣର କେନ୍ଦ୍ରରେ ରଖାଯାଇଛି। ଏଠାରେ ବାଉଁଶକୁ କେବଳ ଏକ ବନଜ ସମ୍ପଦ ଭାବେ ନୁହେଁ, ବରଂ ପରିବେଶୀୟ ପୁନର୍ଜନନ ଏବଂ ଗ୍ରାମୀଣ ସମୃଦ୍ଧିକୁ ସମର୍ଥନ କରିପାରୁଥିବା ଏକ ନବୀକରଣଯୋଗ୍ୟ ଜୈବିକ ସମ୍ପଦ ଭାବେ ଦେଖାଯାଉଛି। ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜନେସ୍‌ର ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ପଲିସିର ଆସୋସିଏଟ୍ ପ୍ରୋଫେସର ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରୋଫେସର ଅଶ୍ୱିନୀ ଛତ୍ରେ କହିଛନ୍ତି, ଏହି ପାଇଲଟ୍ ବନ-ଆଧାରିତ ପରିବର୍ତ୍ତନର ଏକ ଭୂମିସ୍ତରୀୟ ମଡେଲ୍‌କୁ ପ୍ରତିନିଧିତ୍ୱ କରେ। ମାଲକାନଗିରିର ବିଭାଗୀୟ ବନ ଅଧିକାରୀ ଶ୍ରୀ ସାଇ କିରଣ ଡି. ଏନ୍., ଆଇଏଫଏସ୍ କହିଛନ୍ତି, ସ୍ଥାୟୀ ବାଉଁଶ ପରିଚାଳନା ପାଇଁ ପରିବେଶୀୟ ଶୃଙ୍ଖଳା ଏବଂ ସମୁଦାୟ ମାଲିକାନା ଉଭୟ ଆବଶ୍ୟକ। ବନ୍ୟପ୍ରାଣୀ ସୁରକ୍ଷା ଏବଂ ପରିବେଶ ପରିଚାଳନାରେ ସମୁଦାୟମାନଙ୍କ ଭୂମିକା ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଗ୍ରାମ ସଭା ନେତୃତ୍ୱ, ସମୁଦାୟ ସଦସ୍ୟ, ପ୍ରୋଡ୍ୟୁସର କମ୍ପାନୀର ମହିଳା ପ୍ରତିନିଧି, ବନ ବିଭାଗର ଅଧିକାରୀ ଏବଂ ଆଇଏସବିର ପ୍ରାଯୁକ୍ତିକ ବିଶେଷଜ୍ଞମାନେ ଏକତ୍ରିତ ହୋଇଥିଲେ। ଅଂଶଗ୍ରାହୀମାନଙ୍କୁ ବାଉଁଶର ରାଇଜୋମ୍ ପ୍ରଣାଳୀକୁ ସୁରକ୍ଷିତ ରଖିବା ଏବଂ ନୂଆ କଅଁଳକୁ ସୁରକ୍ଷା କରିବା ପାଇଁ ରଚିତ ବୈଜ୍ଞାନିକ ବାଉଁଶ ଅମଳ ପ୍ରଣାଳୀ ଉପରେ ପ୍ରାୟୋଗିକ ପ୍ରଦର୍ଶନ ଦିଆଯାଇଥିଲା। ଏହା ବାଉଁଶ ଝାଡ଼ର ଦୀର୍ଘକାଳୀନ ପୁନର୍ଜନନ କ୍ଷମତାକୁ ସୁନିଶ୍ଚିତ କରିବ।

## ● ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟ ନିର୍ବାଚନ

# ନବୀନଙ୍କୁ ଧନ୍ୟବାଦ ଜଣାଇଲେ ନମନ୍ତୀଖିଲ



ନନ୍ଦପୁର,୩୦।୬(ସମିସ): କୋରାପୁଟ ଜିଲ୍ଲା ଯୋଜନା ବୋର୍ଡରେ ସଦସ୍ୟ ହେବା ପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ନନ୍ଦପୁର ବ୍ଲକ ଦୁଇ ନମ୍ବର୍ ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ନମନ୍ତି ଖିଲ। ନୂତନ ସରକାର ଆସିବା ପରେ ଦୀର୍ଘ ଦୁଇ ବର୍ଷ ପରେ ବିଜେପି କୋରାପୁଟ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାବେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ମନୋନୀତ କରିବା ପରେ ଗତ ୨୮ ତାରିଖରେ ସଦସ୍ୟ ନିର୍ବାଚନ ହୋଇଥିଲା। ୧୭ ଆସନରୁ ମୋଟ ୧୦ଟି ଆସନରେ ବିଜେଡି ବାଜି ମାରିଥିଲା। ନନ୍ଦପୁର ଏକ ନମ୍ବର୍ ଜୋନର ଅଭିଲାସି ନାୟକ ଓ ଦୁଇ ନମ୍ବର୍ ଜୋନର ଜିଲ୍ଲା ପରିଷଦ ସଭ୍ୟା ନମନ୍ତି ଖିଲ ବାଜି ମାତ କରିଥିଲେ। ଏ ନେଇ ଦଳୀୟ ସୁପ୍ରିମୋ ସମେତ ପୂର୍ବତନ ଦଳୀୟ ସଂଗଠନ ସମ୍ପାଦକ ବବି ଦାସ, କୋରାପୁଟ ଜିଲ୍ଲା ବିଜେଡି ସଭାପତି ପୂର୍ବତନ ସାଂସଦ ଝିନ ହିକ୍‌କା, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ରଘୁରାମ ପଡାଲ, ପୂର୍ବତନ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ସମେତ ଦଳୀୟ ସମସ୍ତ କର୍ମୀ, ନେତାଙ୍କୁ ଧନ୍ୟବାଦ୍ ଜଣାଇ କୃତଜ୍ଞତା ଜ୍ଞାପନ କରିଛନ୍ତି ଜିଲ୍ଲା ପରିଷଦ ସଭ୍ୟା ନମନ୍ତି ଖିଲ।

## ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ

# ଉଦ୍ୟୋଗ ସ୍ଥାପନ; ରୋଜଗାର ସୁଯୋଗ ଉପରେ ଗୁରୁତ୍ୱ




ରାୟଗଡ, ୩୦।୬(ସମିସ): ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡ ଆନୁକୂଲ୍ୟରେ ଉଦ୍ୟୋଗ ଦିବସ ଅବସରରେ ଗତ ୨୭ ଜୁନ୍‌ରୁ ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଚାଲିଥିବା "ଉଦ୍ୟମୀ ଓଡ଼ିଶା (ଅଣୁ, କ୍ଷୁଦ୍ର ଓ ମଧ୍ୟମ) ଉଦ୍ୟୋଗ କାର୍ଯ୍ୟକ୍ରମର ଚତୁର୍ଥ ଦିବସ ମଙ୍ଗଳବାର ପାଳନ କରାଯାଇଥିଲା। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷଣ ପ୍ରଭାରୀ ସନ୍ତୋଷ କୁମାର ସ୍ୱାଇଁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ବରିଷ୍ଠ ସହକାରୀ ଶିଳ୍ପ ଅଧିକାରୀ ସବ୍ୟସାଚୀ ସାହୁ ମୁଖ୍ୟବକ୍ତା ଏବଂ ଶତାବ୍ଦୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ରୂପରଞ୍ଜନ ରଥ ଓ ଶୈଳବାଳା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ରଖିବା ସହ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ଉଦ୍ୟୋଗମୂଳକ ଯୋଜନା ଓ ସରକାରୀ ସହାୟତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସନ୍ତୋଷ କୁମାର ସ୍ୱାଇଁ ଅତ୍ୟାଧୁନିକ ବୈଷୟିକ ପ୍ରଶିକ୍ଷଣର ଆବଶ୍ୟକତା ଓ ଏହାର ସୁଫଳ ସମ୍ପର୍କରେ ଆଲୋକପାତ କରିଥିଲେ। ରୂପରଞ୍ଜନ ରଥ ବୈଷୟିକ ତାଲିମ ମାଧ୍ୟମରେ ନୂତନ ଉଦ୍ୟୋଗୀ ସୃଷ୍ଟିର ସମ୍ଭାବନା ଉପରେ ମତ ରଖିଥିବା ବେଳେ ଶୈଳବାଳା ସାହୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସ୍ଥାପନ ଦ୍ୱାରା ରୋଜଗାରର ବ୍ୟାପକ ସୁଯୋଗ ଓ ଆତ୍ମନିର୍ଭରଶୀଳତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଶତାବ୍ଦୀ ବିଶ୍ୱବିଦ୍ୟାଳୟ ଓ ପ୍ରଶିକ୍ଷଣ କେନ୍ଦ୍ରର ଶତାଧିକ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା, ପ୍ରବନ୍ଧ ଲେଖନ ଓ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ପରେ ବିଜେତାଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଚିତ୍ତରଞ୍ଜନ ମଲ୍ଲିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବେଦାର୍ଚ୍ଚନ ରାୟ, ସ୍ମୃତିଚନ୍ଦନ ପ୍ରଧାନ, ଚିତ୍ତରଞ୍ଜନ ମେହେର, ଦୀପକ ହାଁସଦା, ସୂରଜ କଣ୍ଡୁଲାନା, ସୁବ୍ରତ ପଟ୍ଟନାୟକ, ସୌମିତ୍ର ପଟ୍ଟନାୟକ, ତ୍ରିଲୋଚନ ଦାସ, ଦୀପା ଅଧିକାରୀ ଏବଂ ସୁନୀଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ● ଏବିଇଓ ଛବିଲାଲ ସିଂଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

# ଅବସର ଦିନ ମିଳିଲା ଚୂଡ଼ାନ୍ତ ପେନ୍‌ସନ



ରାୟଗଡ଼ା, ୩୦।୬ (ସମିସ):

ରାୟଗଡ଼ା ବ୍ଲକରେ କାର୍ଯ୍ୟରତ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ (ଏବିଇଓ) ଛବିଲାଲ ସିଂ ମଙ୍ଗଳବାର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ରାୟଗଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଛବିଲାଲ ସିଂ ୧୯୮୬ ମସିହାରେ କାଶୀପୁର ବ୍ଲକର ଡି. କରଲ ବିଦ୍ୟାଳୟରୁ ନିଜ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ କଲ୍ୟାଣସିଂହପୁର ଓ ରାୟଗଡ଼ା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସହକାରୀ ଓ ପ୍ରଧାନ ଶିକ୍ଷକ ଭାବେ ଦୀର୍ଘ ବର୍ଷ ଧରି ସେବା ପ୍ରଦାନ କରିଥିଲେ। ୨୦୨୧ ମସିହାରୁ ସେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ରାୟଗଡ଼ା ବ୍ଲକରେ କାର୍ଯ୍ୟରତ ଥିଲେ। ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଶ୍ରୀ ସିଂଙ୍କୁ ସମ୍ମାନିତ କରିବା ସହ ତାଙ୍କ ହାତରେ ଚୂଡ଼ାନ୍ତ ପେନ୍‌ସନ୍ ଆଦେଶ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ନିଜ ଅଭିବ୍ୟକ୍ତିରେ ଛବିଲାଲ ସିଂ କହିଥିଲେ ଯେ, ଦୀର୍ଘ ବର୍ଷ ଧରି ଶିକ୍ଷା, ଶିକ୍ଷକ ଓ ଶିକ୍ଷାନୁଷ୍ଠାନର ବିକାଶ ପାଇଁ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ସେ ଗର୍ବିତ। ଅବସର ଦିନରେ ହିଁ ଚୂଡ଼ାନ୍ତ ପେନ୍‌ସନ୍ ଆଦେଶ ପାଇଥିବାରୁ ସେ ଜିଲ୍ଲା ଶିକ୍ଷାଧିକାରୀ ଭଜନଲାଲ ମାଝୀ ଓ ବିଭାଗର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ।

# ଆରମ୍ଭ ହେଲା ମହାପ୍ରଭୁଙ୍କ ଗୁପ୍ତ ସେବା

## ଅଣସର ପିଣ୍ଡିରେ ଉପଚାର ବିଧି

ପୁରୀ,୩୦।୬(ସମିସ): ସ୍ନାନବେଦୀରେ ୧୦୮ ଗଡୁ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ପିଣ୍ଡିରେ ଚାଲିଛି ଗୁପ୍ତ ସେବା। ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଚତୁର୍ଦ୍ଧାବିଗ୍ରହଙ୍କ ସେବାରେ ଲାଗିଛନ୍ତି। ମଧ୍ୟାହ୍ନ ଧୂପ ସରିବା ପରେ ମହାପ୍ରଭୁଙ୍କଠାରେ ଚକଟା ଭୋଗ ଓ ପଣାଭୋଗ କରାଯାଇଥିଲା।

ତେବେ ଦାରୁବିଗ୍ରହଙ୍କ ଅଣସର ପିଣ୍ଡିରେ ଯେଉଁ ଉପଚାର କରାଯାଏ ସେହି ବିଧି ଅନୁଯାୟୀ, ଆଷାଢ଼ କୃଷ୍ଣପକ୍ଷ ତୃତୀୟା ତିଥିରେ ଠାକୁରଙ୍କ ଓଦା ବସ୍ତ୍ର ଖୋଲାଯାଏ। ଚତୁର୍ଥୀରେ ବର୍ଷସାରା ଲାଗିଥିବା ଚନ୍ଦନ ଏବଂ ବସ୍ତ୍ର ଫିଟା (ଶ୍ରୀଅଙ୍ଗ ଫିଟା) ନୀତି ସମ୍ପନ୍ନ ହୁଏ। ପଞ୍ଚମୀରେ ଓଡ଼ିଆ ମଠ ଏବଂ ମନ୍ଦିର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ଫୁଲୁରୀ ତେଲ ଠାକୁରଙ୍କୁ ଲାଗି କରାଯାଏ। ଷଷ୍ଠୀରୁ ନବମୀ ପର୍ଯ୍ୟନ୍ତ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ। ଝୁଣା ଓ ରାଶି ତେଲରେ ଏହା ପ୍ରସ୍ତୁତ ହୋଇଥାଏ। ଦଶମୀରେ ଶ୍ରୀବିଗ୍ରହଙ୍କ ଚକା ବିଜେ ନୀତି ଅନୁଷ୍ଠିତ ହୁଏ। ତିନୋଟି ମୁଗୁନି ପଥରରେ ଚକା ଅଣସର ପିଣ୍ଡିରେ ରଖାଯାଇ ଠାକୁରଙ୍କୁ ଏହା ଉପରକୁ ଦଇତାପତି ସେବକମାନେ ବିଜେ କରାଇଥା'ନ୍ତି। ଚକା ବିଜେ ପରେ କସ୍ତୁରୀ ଓ କୁଙ୍କୁମର ଏକ ସ୍ୱତନ୍ତ୍ର ଲେପ ଦିଆଯାଏ।



ଏହିଦିନ ଚତୁର୍ଦ୍ଧାବିଗ୍ରହ ସାମାନ୍ୟ ସୁସ୍ଥ ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘରେ ପ୍ରବେଶ କରିବାଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଓ ବିନା ତୁଳସୀରେ ଠାକୁରଙ୍କ ବେଶ ହୋଇଥାଏ ଏବଂ ଭୋଗ ଲାଗି ହୁଏ। ଏକାଦଶୀରେ ଦାରୁଦିଅଁଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ। ରାଜବୈଦ୍ୟଙ୍କ ଘରୁ ଦଶମୀ ଦିନ ଆସିଥିବା ଦଶମୂଳ ମୋଦକ ପତିମହାପାତ୍ର ଲାଗି କରିଥା'ନ୍ତି। ଏହିଦିନ ଗୀତଗୋବିନ୍ଦ ଖଣ୍ଡୁଆ, ତୁଳସୀ, ବିଭିନ୍ନ ପୁଷ୍ପ ଗୁଣା, ଝୁମ୍ପା, କରପଲ୍ଲବ, ହୃଦ ପଦକ ଆଦି ପରିଧାନ କରନ୍ତି। ଦଶମୂଳ ମୋଦକ ସେବନ କରିବା ପରେ ସୁସ୍ଥ ହୁଅନ୍ତି ମହାପ୍ରଭୁ। ଦ୍ୱାଦଶୀରେ ରାଜପ୍ରସାଦ ବିଜେ ଏବଂ ଠାକୁରଙ୍କ ସପ୍ତାବରଣ କାର୍ଯ୍ୟ ଆରମ୍ଭ କରାଯାଏ। ତ୍ରୟୋଦଶୀ ଦିନ ଘଣାଲାଗି ନୀତି ଅନୁଷ୍ଠିତ ହୁଏ। ଏହି ଘଣାଲାଗିରେ ଶ୍ରୀବିଗ୍ରହଙ୍କଠାରେ ପାଟଡୋରି ଖଡ଼ି ପ୍ରସାଦ ଓ ଖଳି ପ୍ରସାଦ ଲାଗି କରାଯାଏ। ପରେ ମହାପ୍ରଭୁଙ୍କ ବନକଲାଗି କରାଯାଏ। ଚତୁର୍ଦ୍ଦଶୀ ଦିନ ତାଟିଦିଅଁଙ୍କୁ ବଡ଼ସିଂହାର ଭୋଗ ହେବା ପରେ ଅଣସର ଘରେ ପଣା ଓ ଚକଟା ଭୋଗ ହୋଇଥାଏ। ଏହାପରେ ଅଣସର ଘରେ ରହିଥିବା ପ୍ରସାଦ ଏବଂ ଫୁଲ ବାହାର କରାଯିବା ପରେ ଦଇତମହାପାତ୍ର ବନକଲାଗି କରିଥା'ନ୍ତି। ଶେଷ ହୁଏ ମହାପ୍ରଭୁଙ୍କ ଅଣସର ନୀତି।

### ଦେଢ଼ ବର୍ଷ ହେଲା ସରୁନି ପୁଲିସ୍ ଏସ୍ଆଇ ନିଯୁକ୍ତି ପରୀକ୍ଷା

# ସରକାରଙ୍କୁ ୨୪ ଘଣ୍ଟାର ମହଲତ; ଅନ୍ୟଥା ଦୁର୍ବାର ଆନ୍ଦୋଳନ

ଭୁବନେଶ୍ୱର, ୩୦।୬(ସମିସ): ରାଜ୍ୟରେ ବିଧାୟକ ବା ସାଂସଦ ପଦ ଫାଙ୍କା ରହିଲେ ମାତ୍ର ୬ ମାସ ମଧ୍ୟରେ ନିର୍ବାଚନ ହୋଇ ପଦ ପୂରଣ ହେଉଛି। ରାଜ୍ୟସଭା ପଦ ଫାଙ୍କା ହେଉହେଉ ବିଜ୍ଞପ୍ତି ପ୍ରକାଶ ପାଉଛି। ମାତ୍ର ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପଦରେ ସରକାର ନିଯୁକ୍ତି ଦେଇପାରୁ ନାହାନ୍ତି । ରାଜ୍ୟର ଲକ୍ଷାଧିକ ମେଧାବୀଙ୍କ ଭବିଷ୍ୟତ ସହ ଖେଳୁଥିବା ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଆଜି ଲୋହିଆ ଏକାଡେମୀ ଠାରେ ଆଶାୟୀମାନେ ଏକ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାବନୀ ଦେଇଛନ୍ତି।



ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ପକ୍ଷରୁ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରଥମେ ଓପିଆର୍‌ବି ଦ୍ୱାରା ଚାକିରି ବିକ୍ରି ମସୁଧା ହୋଇଥିଲା। ଧରା ପଡ଼ିବା ପରେ ସରକାର ତାକୁ ଭାଙ୍ଗି ଦେଇ ଓଡ଼ିଶା ୟୁନିଫର୍ମ ସର୍ଭିସ୍ ଷ୍ଟାଫ୍ ସିଲେକ୍ସନ କମିସନ୍ (ଓୟୁଏସ୍ଏସ୍ଏସ୍‌ସି) ଗଠନ କରିଛନ୍ତି। ଅଧ୍ୟକ୍ଷଙ୍କ ସମେତ ସମ୍ପାଦକ ଓ ଅନ୍ୟ ସମସ୍ତ ପଦରେ ନିଯୁକ୍ତି ମଧ୍ୟ ପାଇ ସାରିଛନ୍ତି। ପ୍ରାୟ ୪ ମାସ ହେବ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ ମଧ୍ୟ ଏବେଯାଏଁ ପରୀକ୍ଷା ତାରିଖ ବାହାର କରିପାରୁ ନାହାନ୍ତି। ଲୋକଙ୍କ ଟାକ୍ସ ପଇସାରେ ଦରମା ପାଉଥିବା ବାବୁମାନେ ନିଦରୁ ଉଠନ୍ତୁ ଓ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତୁରନ୍ତ ନିଯୁକ୍ତି ପରୀକ୍ଷା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ସିବିଆଇର ଶିଥିଳ ତଦନ୍ତ ଉପରେ ସେ ପ୍ରଶ୍ନ କରିବା ସହ କାହାକୁ ବାନ୍ଧି ପାରୁ ନଥିବା କହି କଟାକ୍ଷ କରିଛନ୍ତି। ଅନ୍ୟ ଜଣେ ମହିଳା ଆଶାୟୀ କହିଛନ୍ତି ଯେ, ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ସେମାନଙ୍କ ଜୀବନକୁ ପ୍ରଭାବିତ କରିଛି। ଦୀର୍ଘ ଅଢ଼େଇ ବର୍ଷ ହେବ ପ୍ରସ୍ତୁତି କରୁଥିବା ସତ୍ତ୍ୱେ ପରୀକ୍ଷା ହେଉ ନ ଥିବାରୁ ଅନେକ ନକରାତ୍ମକ କଥା ଶୁଣିବାକୁ ପଡୁଛି। ଏପରିକି ଘର ଲୋକ ମଧ୍ୟ ପରୀକ୍ଷା ହେବ ନାହିଁ ବୋଲି କହିବା ସହ ବାହାଘର ହୋଇ ଯିବାକୁ ଚାପ ପକାଉଛନ୍ତି। ଫଳରେ ତାଙ୍କ ପରି ଅନେକ ଝିଅଙ୍କ ଜୀବନ ଏବେ ପଥଭ୍ରଷ୍ଟ ହେବାରେ ଉପନୀତ ହୋଇଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଅସୁବିଧା ପ୍ରତି ସମ୍ବେଦନଶୀଳ ହୋଇ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଆଉଜଣେ ଆଶାୟୀ କହନ୍ତି ଯେ, ଦୀର୍ଘ ଦେଢ଼ ବର୍ଷ ହେଲା ପୁଲିସ୍ ଏସ୍ଆଇ ପରୀକ୍ଷା ହେଉନି। ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥୀ ପରୀକ୍ଷା ଅପେକ୍ଷାରେ ରହିଥିବାବେଳେ ସରକାର ସେମାନଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସରକାର ୨୪ ଘଣ୍ଟା ମଧ୍ୟରେ ପରୀକ୍ଷା ପାଇଁ ନିଷ୍ପତ୍ତି ନ ନେଲେ ଆସନ୍ତାକାଲି ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଓୟୁଏସ୍ଏସ୍ଏସ୍‌ସି କାର୍ଯ୍ୟାଳୟ ଘେରାଓ କରିବେ ବୋଲି ଆଶାୟୀମାନେ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍ ନେତୃତ୍ୱରେ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବେ ବୋଲି ଚରମବାଣୀ ଶୁଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଆଶାୟୀ ଉପସ୍ଥିତ ଥିଲେ।

# ଜେଲ୍‌ରୁ ମୁକୁଳିବେ ସୟେଦ ଇଶାନ ବୁଖାରୀ

ଯାଜପୁର,୩୦।୬(ସମିସ): ଗତ ୨୦୨୩ ମସିହା ଡିସେମ୍ବର ୧୫ ତାରିଖରେ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଇଶାନ ବୁଖାରୀଙ୍କୁ ଆତଙ୍କବାଦୀ ଲିଙ୍କ୍‌ରେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ଅଞ୍ଚଳରୁ ଗିରଫ କରିଥିଲା। ଗିରଫ ହେବା ଦିନଠାରୁ ହିଁ ଇଶାନ ବୁଖାରୀ

## କାଶ୍ମୀରର ସନ୍ଦିଗ୍ଧ ଯୁବକ ଅଭିଯୋଗରେ ଗିରଫ ହୋଇଥିଲେ

ପ୍ରଥମେ ଯାଜପୁର ରୋଡ୍ ସବଜେଲ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ ବନ୍ଦୀ ଜୀବନ ବିତାଉଛନ୍ତି। ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଜାମିନ ମିଳି ନ ଥିଲା। ତେବେ ତଦନ୍ତରେ ଏସ୍‌ଟିଏଫ୍ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ୍ ନେଇ କୌଣସି ପ୍ରମାଣ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଡାକ୍ତର ବୋଲାଇ



ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଠକେଇ କରି ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡି) ଧାରାରେ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା। ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଜେଏମ୍ଏଫ୍‌ସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖରେ ତାଙ୍କୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ କରାଯାଇଥିଲା। ଅପିଲର ଶୁଣାଣି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ଆଜି ତାଙ୍କ ରାୟ ଶୁଣାଇଛନ୍ତି। ରାୟ ଅନୁସାରେ ତଳ କୋର୍ଟରେ ଯେଉଁସବୁ ଦଫାରେ ମୋଟ ୫ବର୍ଷ ସଶ୍ରମ କାରା ଦଣ୍ଡାଦେଶ ମିଳିଥିଲା ସେଥିରୁ କେବଳ ଆଇପିସିର ଧାରା ୪୭୧ରେ ହୋଇଥିବା ଏକ ବର୍ଷର କାରା ଦଣ୍ଡାଦେଶକୁ କାଏମ ରଖି ବାକି ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି। ଯେହେତୁ ସୟେଦ୍ ଇଶାନ ବୁଖାରୀ ଇତିମଧ୍ୟରେ ପାଖାପାଖି ୨ବର୍ଷ ୭ମାସ ଧରି ଜେଲ୍ ଜୀବନ ବିତାଇ ସାରିଲେଣି, ତେଣୁ ଆଜିର ରାୟ ଫଳରେ ସେ ଚୌଦ୍ୱାର ଜେଲରୁ ମୁକୁଳିବା ନେଇ ବାଟ ଫିଟିଥିବା ଜଣାପଡିଛି।

# ଭିଜିଲାନ୍ସ ଜାଲରେ ଭିମ୍‌ସାର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁର୍ଲାସ୍ଥିତ ଭିମ୍‌ସାରର ଏଷ୍ଟାବ୍ଲିସ୍‌ମେଣ୍ଟ ଅଧିକାରୀ ତଥା ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ଧନୁର୍ଦ୍ଧର ବିଶ୍ୱାଳଙ୍କ ୪ଟି ସ୍ଥାନରେ ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ସମ୍ବଲପୁରର ଧନକଉଡ଼ାରେ ଶ୍ରୀ ବିଶ୍ୱାଳଙ୍କ ଆବାସିକ ଘର (ଦୁଇ ମହଲା ବିଶିଷ୍ଟ କୋଠା), ଗୁଡେସିଙ୍ଗାରେ ଗୋଟିଏ କୋଠା, ଭିମସାର ମେଡିକାଲ ଷ୍ଟାଫ୍ କଲୋନୀରେ ସରକାରୀ କାର୍ଯ୍ୟାଳୟ ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ବିଶ୍ୱାଳଙ୍କ ଚାମ୍ବର ଯାଞ୍ଚ କରାଯାଇଛି। ୨ଟି କୋଠା, ୩୨ଟି ପ୍ଲଟ୍, ୧୯,୭୨,୪୯୦ ଟଙ୍କା, ୮୩.୦୫ ଗ୍ରାମ ସୁନା ଅଳଙ୍କା, ଗୋଟିଏ ଟ୍ରଲର, ୨ଟି ହାଇୱା, ୨ଟି ଟ୍ରାକ୍ଟର, ଗୋଟିଏ ଚାରି ଚକିଆ ଯାନ, ୪ଟି ଦୁଇ ଚକିଆ ଯାନ ସହ ବ୍ୟାଙ୍କ, ଡାକ ଏବଂ ବୀମା ଜମା ଠାବ ହୋଇଛି। ୨ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ସମ୍ବଲପୁର ଜିଲ୍ଲାର ୪ଟି ସ୍ଥାନରେ ଏକକାଳୀନ ତଲାସ କରାଯାଇଛି। ଶ୍ରୀ ବିଶ୍ୱାଳ ୬-୧-୧୯୯୭ରେ ଜୁନିଅର୍ କ୍ଲର୍କ ଭାବେ ମାତ୍ର ୨୫୦୦ ଟଙ୍କା ଦରମାରେ ଭିମସାର୍‌ରେ ଯୋଗ ଦେଇଥିଲେ। ୧୧-୧-୨୦୧୯ରେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇଛନ୍ତି।

## ଭିମ୍‌ସାର ଷ୍ଟିୱାର୍ଡଙ୍କୁ ଘେରିଲା ଭିଜିଲାନ୍ସ





ସମ୍ବଲପୁର, ୩୦।୬ (ସମିସ) : ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିମ୍‌ସାରର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ମଧ୍ୟ ଭିଜିଲାନ୍ସ ଜାଲରେ ପଡିଛନ୍ତି। ମେଡିକାଲ ଷ୍ଟାଫ୍ କଲୋନୀ, ବୁର୍ଲା ସୌରଭ ବିହାରରେ ଗୋଟିଏ (ନିର୍ମାଣାଧୀନ) ୪ ମହଲା କୋଠା, ବୁର୍ଲା ପଠାନବନ୍ଧରେ ଗୋଟିଏ କୋଠା, ବରଗଡ଼ ଗୋବିନ୍ଦପାଲିରେ ଗୋଟିଏ କୋଠା ଏବଂ ଭିମସାର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟାଳୟରେ ଥିବା ଶ୍ରୀ ମେହେରଙ୍କ ଅଫିସ୍ ଚାମ୍ବର ଯାଞ୍ଚ କରାଯାଇଛି। ସୌରଭ ବିହାରରେ ଅବସ୍ଥିତ ପ୍ରାୟ ୬୫୦୦ ବର୍ଗଫୁଟ କ୍ଷେତ୍ରଫଳ ସହ ଏକ ଚାରି ମହଲା କୋଠା (ନିର୍ମାଣାଧୀନ), ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଅବସ୍ଥିତ ଗୋଟିଏ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଅବସ୍ଥିତ ଅନ୍ୟ ଏକ କୋଠା, ସମ୍ବଲପୁରର ବୁର୍ଲା ସହରରେ ଗୋଟିଏ ଷ୍ଟୋର ରୁମ୍, ବୁର୍ଲା ସହରରେ ୬ଟି, ସମ୍ବଲପୁରରେ ୨ଟି ଏବଂ ବରଗଡ଼ ସହରରେ ୨ଟି ସମେତ ୧୦ଟି ପ୍ଲଟ୍, ୮୩ ଗ୍ରାମ ସୁନାଗହଣା, ବ୍ୟାଙ୍କ, ଡାକ ଜମା, ୨ଟି ଦୁଇ ଚକିଆ ଯାନ ଠାବ ହୋଇଛି। ୫ ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୩ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ୫ଟି ଜାଗାରେ ଏକକାଳୀନ ଏହି ତଲାସ କରାଯାଇଛି।

# ପାରୋଲ୍‌ରେ ଥାଇ ୯ ବର୍ଷ ପରେ କଏଦୀ ଗିରଫ

## ଅମୃତସରରୁ ଉଠାଇ ଆଣିଲା କମିସନରେଟ୍ ପୁଲିସ

କଟକ,୩୦।୬(ସମିସ): ଦୀର୍ଘ ୯ ବର୍ଷ ହେବ ହତ୍ୟାକାରୀ ଓ ପୁଲିସ ଲୁଚକାଳି ଖେଳରେ ଯବନିକା ପଡ଼ିଛି। ଜଗତପୁର ଥାନା ପୁଲିସ ଆଖିରେ ଧୂଳି ଦେଇ ଫେରାର ଥିବା ଜଣେ କୁଖ୍ୟାତ ଆଜୀବନ ସଜାପ୍ରାପ୍ତ କଏଦୀକୁ କମିସନରେଟ୍ ପୁଲିସ ପଞ୍ଜାବର ଅମୃତସହରରୁ କାବୁ କରିଛି। ଗିରଫ ଅଭିଯୁକ୍ତ ହେଉଛି ଜଗତପୁର ଥାନା ଅନ୍ତର୍ଗତ ଭୈରପୁର ଗ୍ରାମର ସାଜିଦ୍ ଖାନ୍ (କଏଦୀ ନମ୍ବର-୧୦୦୧/ଏ)। ୨୦୦୮ ର ଏକ ଚାଞ୍ଚଲ୍ୟକର ହତ୍ୟା ମାମଲାରେ କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଚୌଦ୍ୱାର ଜେଲରେ ସଜା କାଟୁଥିଲା ସାଜିଦ୍। ୨୦୧୭ରେ ପାରୋଲ୍(ସାମୟିକ ଛୁଟି)ରେ ଆସି ଆଉ ଜେଲ୍‌କୁ ସେ ଫେରି ନଥିଲା। ପଞ୍ଜାବର ଅମୃତସରରେ ନିଜର ନାମ ଓ ପରିଚୟ ବଦଳାଇ ସେଠାରେ ନୂଆ ସଂସାର ଗଢ଼ି ଜୀବନ ବିତାଉଥିଲା। ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ପଞ୍ଜାବରୁ ଗିରଫ କରି ଓଡ଼ିଶା ଆଣିବା ପରେ ଗତ ୨୭ ତାରିଖ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି। ଏହାପରେ ତାକୁ ପୁଣି ଥରେ ଜେଲ୍ ପଠାଯାଇଥିବା ଜଣାପଡ଼ିଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ୨୦୦୮ ମସିହା ଅପ୍ରେଲ ୨୮ ତାରିଖରେ ଜଗତପୁର ଥାନା ଭୈରପୁର ଗ୍ରାମରେ ଜଣେ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଜଘନ୍ୟ କାଣ୍ଡ ଘଟାଇବା ସମୟରେ ଅଭିଯୁକ୍ତମାନେ ମୃତକଙ୍କ ବଡ଼ ଭଉଣୀଙ୍କୁ ମଧ୍ୟ ଦୁଷ୍କର୍ମ ଉଦ୍ୟମ କରିଥିଲେ, ଯାହାକୁ ନେଇ ସେତେବେଳେ ସମଗ୍ର କଟକ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୁଲିସ ସାଜିଦ୍ ଖାନ୍ ଓ ତାର ସହଯୋଗୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ



ସାକ୍ଷ୍ୟ ପ୍ରମାଣକୁ ଆଧାର କରି ୨୦୧୦ରେ କଟକର ଫାଷ୍ଟଟ୍ରାକ କୋର୍ଟ-୧ ସାଜିଦ୍‌କୁ ଆଜୀବନ କାରାଦଣ୍ଡ ସହ ୧ ହଜାର ଟଙ୍କା ଜରିମାନା; ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ଦୀର୍ଘ ବର୍ଷ ସେ ଜେଲ୍‌ରେ ରହିବା ପରେ ୨୦୧୭ ମସିହା ମାର୍ଚ୍ଚ ୭ ତାରିଖରେ ସାଜିଦ୍‌କୁ ୧୪ ଦିନ ପାଇଁ ପାରୋଲେ ମିଳିଥିଲା। ନିୟମ ଅନୁଯାୟୀ ମାର୍ଚ୍ଚ ୨୧ ତାରିଖରେ ସେ ଚୌଦ୍ୱାର ସର୍କଲ ଜେଲ୍ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିବାର ଥିଲା। ମାତ୍ର ସେ ଜେଲ୍ ପ୍ରାଚୀର ବାହାରକୁ ଆସିବା ପରେ ଆଉ ଫେରି ନଥିଲା ଏବଂ କୌଶଳକ୍ରମେ ଓଡ଼ିଶା ସୀମା ପାର୍ ହୋଇଯାଇଥିଲା। ଏହି ଘଟଣାର ଦୀର୍ଘ ଦିନ ପରେ, ଜେଲ୍ କର୍ତ୍ତୃପକ୍ଷଙ୍କ ଲିଖିତ ଅଭିଯୋଗ ଆଧାରରେ ଗତ ୨୦ ଡିସେମ୍ବର ୨୫ ତାରିଖରେ ଜଗତପୁର ଥାନା କେସ୍ ନମ୍ବର ୭୫୬/୨୦୨୫ରେ ସାଜିଦ୍ ବିରୋଧରେ ଫେରାର ମାମଲା ରୁଜୁ କରାଯାଇ ତଦନ୍ତ ଭାର ଏଏସଆଇ ତପନ କୁମାର ସ୍ୱାଇଁଙ୍କୁ ପ୍ରଦାନ କରାଯାଇଥିଲା।

ଓଡ଼ିଶାରୁ ଚମ୍ପଟ ମାରିବା ପରେ ସାଜିଦ୍ ସିଧା ପଞ୍ଜାବର ଅମୃତସର ସହରରେ ଆତ୍ମଗୋପନ କରିଥିଲା। ସେଠାରେ ଜାଲ୍ ଦଲିଲ୍ ଜରିଆରେ ସେ ନିଜର ନୂଆ ନାମ "ଫୟାଜ୍ ଖାନ୍' ରଖି ଆଧାର କାର୍ଡ

- ଜଗତପୁର ଥାନା ପୁଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ଚଢ଼ଉ
- ହତ୍ୟା ମାମଲାରେ ଚୌଦ୍ୱାର ଜେଲ୍‌ରେ ଆଜୀବନ କଏଦୀ ଥିଲା ସାଜିଦ୍
- ଗଢ଼ିଥିଲା ନୂଆ ସଂସାର, ପ୍ରସ୍ତୁତ କରିଥିଲା ନୂଆ ପରିଚୟପତ୍ର

ଓ ଅନ୍ୟାନ୍ୟ ପରିଚୟପତ୍ର ପ୍ରସ୍ତୁତ କରି ସାରିଥିଲା। ଅମୃତସରର ସୁଦର୍ଶନ ନଗର ଅଞ୍ଚଳରେ ଏକ ଭଡ଼ା ଘରେ ରହି ସେ ସେଠାକାର ସ୍ଥାନୀୟ ଜଣେ ମହିଳାଙ୍କୁ ବିବାହ କରିଥିଲା ଓ ତାଙ୍କର ପିଲାପିଲି ମଧ୍ୟ ହୋଇସାରିଥିଲେ। ପୁଲିସ ସନ୍ଦେହରୁ ବଞ୍ଚିବା ପାଇଁ ସେ ସହରର ଗଳି କନ୍ଦିରେ ମୋଟରସାଇକଲ୍ ଯୋଗେ ବେଡସିଟ୍ (ଶେଯ ଚାଦର) ଫେରି କରି ଜୀବିକା ନିର୍ବାହ କରୁଥିଲା। ଏସବୁ ସତ୍ତ୍ୱେ ସେ କଟକରେ ଥିବା ନିଜର କେତେକ ନିକଟ ସମ୍ପର୍କୀୟଙ୍କ ସହ ଅତି ଗୋପନୀୟ ଭାବେ ମୋବାଇଲ୍ ମାଧ୍ୟମରେ ଯୋଗାଯୋଗରେ ଥିଲା। ଏହି ସୂତ୍ରକୁ ଧରି କଟକ ୟୁପିଡିର ସାଇବର ସେଲ୍ ସାଜିଦ୍‌ର ସମ୍ପର୍କୀୟଙ୍କ ମୋବାଇଲ୍ ଫୋନର କଲ୍ ଡିଟେଲ୍ସ ଏବଂ ନେଟୱର୍କ ପ୍ୟାଟର୍ଣ୍ଣକୁ ଅନୁଧ୍ୟାନ କରିଥିଲା। ଏଥିରୁ ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ନମ୍ବର ଉପରେ ପୁଲିସର ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଏହାସହିତ ଭୈରପୁର ଗ୍ରାମରେ ଥିବା ପୁଲିସର ଗୁପ୍ତଚରଙ୍କଠାରୁ ମଧ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ସୂଚନା ସୁନିଶ୍ଚିତ ହେବା ପରେ ଗତ ଜୁନ୍ ୨୩ ତାରିଖରେ ଏଏସଆଇ ତପନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଅମୃତସର ଅଭିମୁଖେ ଯାତ୍ରା କରିଥିଲା। ଅମୃତସରରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ସ୍ଥାନୀୟ ଅମୃତସର କମିସନରେଟ୍ ପୁଲିସ ଏବଂ ସେଠାରେ ରହୁଥିବା ପ୍ରବାସୀ ଓଡ଼ିଆ ସଂଗଠନର ସହାୟତା ନେଇଥିଲା। ଦୀର୍ଘ ୨ ଦିନ ଧରି ସୁଦର୍ଶନ ନଗର ଅଞ୍ଚଳରେ ପୁଲିସ ଛଦ୍ମବେଶରେ ଡେରା ପକାଇବା ପରେ ଗତ ଜୁନ୍ ୨୫ ତାରିଖରେ ପୁଲିସ ଟିମ୍ ସେହି ଅଞ୍ଚଳରେ ଜଣେ ବେଡସିଟ୍ ବିକାଳିକୁ ମୋଟରସାଇକଲ୍‌ରେ ଯାଉଥିବାର ଦେଖିଥିଲା। ଗୁପ୍ତ ଭାବେ ଯାଞ୍ଚ କରିବା ପରେ ସେହି ବ୍ୟକ୍ତି ଜଣକ ହିଁ ଆଜୀବନ ସଜାପ୍ରାପ୍ତ ଫେରାର କଏଦୀ ସାଜିଦ୍ ଖାନ୍ ବୋଲି ସ୍ପଷ୍ଟ ହୋଇଥିଲା। ପୁଲିସ ବିଳମ୍ବ ନକରି ସ୍ଥାନୀୟ ସାଙ୍ଗଠନିକ ବଳରେ ତାକୁ ଚତୁରତାର ସହ କାବୁ କରିଥିଲା। ତାକୁ ଡିସିପିଙ୍କ କାର୍ଯ୍ୟାଳୟରେ ଜେରା କରାଯାଇଛି ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି।

### ଏତଲା ରୁଜୁ, ତଦନ୍ତ ନିର୍ଦ୍ଦେଶ ପ୍ରସଙ୍ଗ

## ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୩୦।୬(ସମିସ): ପୁଲିସ ଯଦି ଏତଲା ରୁଜୁ କରୁନାହିଁ କିମ୍ବା ମାମଲାର ସଠିକ୍ ତଦନ୍ତ କରୁନାହିଁ, ତେବେ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ଉଚିତ ନୁହେଁ। ଏଭଳି ପରିସ୍ଥିତିରେ ଅଭିଯୋଗକାରୀ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବା ଆବଶ୍ୟକ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ରାୟକୁ ଆଧାର କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ମାମଲା ପାଇଁ ହାଇକୋର୍ଟରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାରରେ ବାଧା ସୃଷ୍ଟି ହେଉଛି। ସୁପ୍ରିମକୋର୍ଟଙ୍କ ମାମଲାର ଉଦାହରଣ ଦେଇ ହାଇକୋର୍ଟ କହିଥିଲେ ଯେ ଯଦି ପୁଲିସ ମାମଲା ରୁଜୁ ନ କରେ, ତେବେ ଜଣେ ବ୍ୟକ୍ତି ସମ୍ବିଧାନର ୨୨୬ ଧାରା ଅନୁଯାୟୀ, ସିଆରପିସିର ଧାରା ୧୫୬(୩) ଅନୁସାରେ ସମ୍ପୃକ୍ତ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହେବା ଉଚିତ। ମାଜିଷ୍ଟ୍ରେଟ୍ ଯଦି ପ୍ରାଥମିକ ଭାବେ ସନ୍ତୁଷ୍ଟ ହୁଅନ୍ତି, ତେବେ ସେ ଏତଲା ରୁଜୁ କରିବାକୁ କିମ୍ବା ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇପାରିବେ। ଆବଶ୍ୟକ ସ୍ଥଳେ ତଦନ୍ତକାରୀ ଅଧିକାରୀ ବଦଳାଇବା ସହ ସମଗ୍ର ତଦନ୍ତର ମନିଟରିଂ ମଧ୍ୟ କରିପାରିବେ। ମାମଲାରୁ ପ୍ରକାଶ ଯେ ପ୍ରଶାନ୍ତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ମାମଲା ରୁଜୁ ଏବଂ ନିରପେକ୍ଷ ତଦନ୍ତ ଦାବିକରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଏଥିରେ ସେ ରାଜ୍ୟ ଗୃହ ସଚିବ, ଭଦ୍ରକ ଏସ୍‌ପି ଏବଂ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସମେତ ୯ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇ ଆବେଦନକାରୀ ପ୍ରଶାନ୍ତ ଚୌଧୁରୀଙ୍କୁ ଆଇନ ଅନୁଯାୟୀ ଉପଲବ୍ଧ ଥିବା ବିକଳ୍ପ ବ୍ୟବସ୍ଥା ବା ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଯିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଦୀପ କୁମାର ଦାସ ଏବଂ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ଅଶୋକ କୁମାର ଆପଟ ମାମଲା ପରିଚାଳନା କରୁଥିଲେ।

### ଧାନ ସଂଗ୍ରହରେ ଅବ୍ୟବସ୍ଥା ପ୍ରସଙ୍ଗ

## ଡ଼ବଲ ଇଞ୍ଜିନର ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ: ବିଜେଡି

ଭୁବନେଶ୍ୱର,୩୦।୬(ସମିସ): ଡବଲ ଇଞ୍ଜିନ ସରକାର ଚାଷୀକୂଳ ପାଇଁ କାଳ ସାଜିଛି। ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମଣ୍ଡି ଅବ୍ୟବସ୍ଥା ପାଇଁ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। ନିର୍ବାଚନ ପ୍ରତିଶ୍ରୁତି ପୂରଣ କରିବା ବଦଳରେ ଡବଲ ଇଞ୍ଜିନ ସରକାର ଚାଷୀକୂଳ ପ୍ରତି ପ୍ରତାରଣା କରିଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ। ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ


- ମଣ୍ଡି ଅବ୍ୟବସ୍ଥା ପାଇଁ ହଇରାଣ ହେଉଛନ୍ତି ଚାଷୀକୂଳ
- ଅଦ୍ୟାବଧି ଅନେକ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି
- ଧାନ ବିକ୍ରି ପାଇଁ ଆଉ ୧୫ ଦିନ ମଣ୍ଡି ଖୋଲିବାକୁ ଦାବି

ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ବିଜେପି ସରକାରର ଚାଷୀ ମାରଣ ନୀତିକୁ ତୀବ୍ର ନିନ୍ଦା କରିଛନ୍ତି ।

ଶ୍ରୀ ଦାସବର୍ମା କହିଥିଲେ ଯେ ଡବଲ ଇଞ୍ଜିନ ସରକାରରେ ଚାଷୀ କୂଳ ହତାଶ ହୋଇଛନ୍ତି। ମଣ୍ଡିରେ ଧାନ ବିକ୍ରି ପାଇଁ ଚାଷୀକୂଳ କଟନୀ ଛଟନୀରୁ ଆରମ୍ଭ କରି ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ବାଚନ ସମୟରେ ଧାନର ଏମଏସପି ବୃଦ୍ଧି, ଇନପୁଟ ସବସିଡି ପ୍ରଦାନ ସହ ଚାଷୀର ସମସ୍ତ ଧାନକୁ କ୍ରୟ କରିବାକୁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତି ଦେଇଥିଲା, କିନ୍ତୁ ତାହା ଆଜି ପ୍ରତାରଣାରେ ପରିଣତ ହୋଇଛି । ଜୁନ୍ ୩୦ ରବି ଧାନ ସଂଗ୍ରହର ଶେଷ ଦିନ ହୋଇଥିବା ବେଳେ, ବର୍ତ୍ତମାନ ସୁଦ୍ଧା



ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ରାଜ୍ୟ ସରକାର ଏହାକୁ ୩ ଦିନ ପାଇଁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଞ୍ଜୀକରଣ ସଠିକ୍ ଭାବେ ହେଉନଥିବାରୁ ଧାନ ସଂଗ୍ରହରେ ଚରମ ବିଫଳତା ଦେଖାଦେଇଛି। ଚଳିତ ଧାନ ସଂଗ୍ରହ ଆରମ୍ଭରୁ ମଣ୍ଡିରେ ଶହ ଶହ କୁଇଣ୍ଟାଲ ଧାନ ପଡି ରହିଛି । ବର୍ଷା ଋତୁ ଆରମ୍ଭ ହୋଇଯାଇ ଥିବାରୁ ଧାନ ମିଲକୁ ନେଇକି ଯିବାକୁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ବେଳେ ପରିବାରର ପ୍ରମାଣପତ୍ର ଆଣିବା ପାଇଁ ଚାଷୀଙ୍କୁ କୁହାଗଲା। ତାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଚାଷୀ ଯେମିତି ମଣ୍ଡିରେ ଧାନ ବିକ୍ରି କରିନପାରୁ। ଡବଲ ଇଞ୍ଜିନ ସରକାର ଚାଷୀଙ୍କ ବଳକା ଧାନ ସଂଗ୍ରହ କରିବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ୧୫୦ କୁଇଣ୍ଟାଲରୁ ଅଧିକ ଧାନ ସଂଗ୍ରହ କରିବେ ନାହିଁ ବୋଲି କହିଛନ୍ତି ।୨୦ ଲକ୍ଷ ମେଟ୍ରିକ୍ ଟନ ରବି ଧାନ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଥିଲେ। କିନ୍ତୁ ତାହା ପୂରଣ ହୋଇନଥିବା ବେଳେ ଆଜି ପର୍ଯ୍ୟନ୍ତ ୧୮,୪୬,୦୦୦ ମେଟ୍ରିକ୍ ଟନ ଧାନ ସଂଗ୍ରହ ହୋଇଛି । ୩,୬୭,୨୨୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ୩,୩୭,୦୦୦ ଚାଷୀ ଧାନ ବିକ୍ରି କରିପାରିଛନ୍ତି। ଆହୁରି ୩୫,୦୦୦ ଚାଷୀ ୧,୫୦,୦୦୦ ମେଟ୍ରିକ୍ ଟନ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରି ରହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଅନେକ ମଣ୍ଡିରେ ପଲିଥିନ୍ ଅଭାବ ପାଇଁ ଧାନ ଭିଜୁଛି । ତେଣୁ ୩ ଦିନ ପରିବର୍ତ୍ତେ ଆହୁରି ୧୫ ଦିନ ମଣ୍ଡି ଖୋଲା ରଖିବା ସହ ଚାଷୀଙ୍କ ସମସ୍ତ ବଳକା ଧାନ ରାଜ୍ୟ ସରକାର ସଂଗ୍ରହ କରିବା ପାଇଁ ବିଜୁ ଜନତା ଦଳ ଦାବି କରିଛି।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୬୨- କଲିକତା ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୮୭୯ - ଭାରତରେ ପୋଷ୍ଟ କାର୍ଡ ପ୍ରଚଳନ ହେଲା।
- ୧୯୨୧- ଚୀନ୍‌ରେ କମ୍ୟୁନିଷ୍ଟ ପାର୍ଟିର ସ୍ଥାପନା ହେଲା।
- ୧୯୯୭ - ଭାରତର ପ୍ରଥମ ସାଇନ୍ସ ସିଟି କଲିକତାରେ ଖୋଲାଗଲା।
- ୨୦୧୩- କ୍ରୋଏସିଆ ୟୁରୋପୀୟ ସଂଘର ୨୮ ତମ ଦେଶ ହେଲା।
- ୨୦୧୭ - ଭାରତରେ ପ୍ରଥମ ଥର ଜିଏସ୍‌ଟି ଲାଗୁ କରାଗଲା।



# ଜାତୀୟ ଚିକିତ୍ସକ ଦିବସ


ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଜାତୀୟ ଚିକିତ୍ସକ ଦିବସ ରୂପେ ପାଳନ କରାଯାଏ। ଅବିଶ୍ରାନ୍ତ ଭାବେ ରୋଗୀ ସେବାରେ ଲାଗି ରହିଥିବା ଡାକ୍ତରମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ସ୍ମୃତିରେ ୧୯୯୧ରୁ ଏହି ଦିବସ ପାଳିତ ହୋଇଆସୁଛି। ଏହା ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ବିଧାନ ଚନ୍ଦ୍ର ରାୟଙ୍କ ଉଭୟ ଜନ୍ମ ଓ ମୃତ୍ୟୁ ଦିବସ। ୧୮୮୨ ମସିହା ଜୁଲାଇ ୧ ତାରିଖରେ ବିଧାନ ଚନ୍ଦ୍ର ଜନ୍ମଗ୍ରହଣ କରିଥିଲେ ଓ ୧୯୬୨ରେ ସେହି ଦିନରେ ଅଶୀ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ସେ ତାଙ୍କ ଜୀବନକୁ ମାନବ ସେବାରେ ଉତ୍ସର୍ଗ କରିଥିଲେ। ତାଙ୍କ ମୃତ୍ୟୁର ବର୍ଷେ ପୂର୍ବରୁ ସେ 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଏହି ଦିବସ ପାଳନ ଅବସରରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ଡାକ୍ତରମାନଙ୍କ ସୁରକ୍ଷା ବିଷୟରେ ସମାଜକୁ ସଚେତନ କରାଯାଇଥାଏ। ମାନବ ସମାଜ ପାଇଁ ଡାକ୍ତରମାନେ ହେଉଛନ୍ତି ଆଶୀର୍ବାଦ ସ୍ୱରୂପ। ଏଥିପାଇଁ ସେମାନଙ୍କୁ ଦ୍ୱିତୀୟ ଭଗବାନର ଆଖ୍ୟା ଦିଆଯାଏ। ଡାକ୍ତରଙ୍କ ସାହାଯ୍ୟରେ ଜଣେ ରୋଗୀ ଏକ ନୂଆ ଜୀବନ ପାଇଥାଏ। ରୋଗୀଟିଏ ଯେତେବେଳେ ନିଜ ରୋଗ ସହ ଲଢ଼ୁଥାଏ ସେତେବେଳେ ତାକୁ ଆରୋଗ୍ୟ କରିବାରେ ଡାକ୍ତରଙ୍କ ଗୁରୁ ଦାୟିତ୍ୱ ରହିଥାଏ। ତେବେ ଡାକ୍ତରମାନଙ୍କ ଏହି ମହାନ ଅବଦାନ, ଉତ୍ସର୍ଗୀକୃତ ସେବା ପାଇଁ ସେମାନଙ୍କୁ କୃତଜ୍ଞତା ଏବଂ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଜାତୀୟ ଚିକିତ୍ସକ ଦିବସ ପାଳନ କରାଯାଏ। ଜାତୀୟ ଚିକିତ୍ସକ ଦିବସ ଅବସରରେ ଡାକ୍ତରମାନଙ୍କ ନିଃସ୍ୱାର୍ଥପର ସମର୍ପଣ ଓ ଅବିଚଳିତ ପ୍ରତିବଦ୍ଧତାକୁ ମନେ ପକାଇଥାଏ ସାରା ଦେଶ। ପ୍ରତିବର୍ଷ ଏହି ବିଶେଷ ଦିନ ପାଳନ କରିବାକୁ ଡାକ୍ତରଙ୍କ ସମ୍ମାନାର୍ଥେ ଏକ ଥିମ୍ ରଖାଯାଏ। ଚଳିତବର୍ଷର ଥିମ୍ ରହିଛି- "Behind the Mask: Who Heals the Healers?"

# ପୁଣି ଏକାଠି ଆସିବେ ଖିଲାଡ଼ି-ଅନାଡ଼ି

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବଂ ପ୍ରିୟଦର୍ଶନ 'ଭୂତ୍ ବଙ୍ଗଲା' ଫିଲ୍ମରେ ୧୪ ବର୍ଷ ପରେ ଏକାଠି କାମ କରିଥିଲେ। ଏହି ବର୍ଷ ଦୁହିଁଙ୍କର ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। 'ହୈୱାନ' ଫିଲ୍ମରେ ପୁଣି ଥରେ ଅକ୍ଷୟ ଓ ପ୍ରିୟଦର୍ଶନ ଏକାଠି କାମ କରୁଛନ୍ତି। ଏଥିରେ ଅକ୍ଷୟଙ୍କ ସହ ସୈଫ୍ ଅଲ୍ଲୀ ଖାନ୍ ଲିଡ୍ ରୋଲରେ ଦେଖାଯିବେ। ଏହି ସସପେନ୍ସ-ଥ୍ରୀଲର୍ ଫିଲ୍ମ ମାଧ୍ୟମରେ ଅକ୍ଷୟ ଏବଂ ସୈଫ୍ ଅନେକ ବର୍ଷ ପରେ ଏକାଠି ବଡ଼ ପରଦାରେ ନଜର ଆସିବେ। ଏଥିରେ ସୈଫ୍ ନାୟକ ସାଜିଥିବାବେଳେ ଅକ୍ଷୟ ଖଳନାୟକ ଭୂମିକାରେ ଦେଖାଯିବେ। ଫିଲ୍ମ ନିର୍ମାତା ଏକ ପୋଷ୍ଟର୍ ସେୟାର୍ କରି ଏହାର ରିଲିଜ୍ ଡେଟ୍ ବିଷୟରେ ଘୋଷଣା କରିଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି, "୧୧ ସେପ୍ଟେମ୍ବର, ୨୦୨୬ରେ ସିନେମାହଲ୍‌ରେ। ୬୦ଟି ବ୍ଲକ୍‌ବଷ୍ଟର୍ ଫିଲ୍ମର ଶାନଦାର ଯାତ୍ରା ପରେ ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବେ ନେଇ ଆସୁଛନ୍ତି 'ହୈୱାନ'।" ଏହି ଘୋଷଣା ସାମ୍ନାକୁ ଆସିବା ମାତ୍ରେ ଦର୍ଶକଙ୍କର ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଥ୍ରୀଲର ଡ୍ରାମାରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହ ଶ୍ରେୟା ପିଲଗାଓଁକର ଏବଂ ସୈୟାମୀ ଖେର୍ ମଧ୍ୟ ନଜର ଆସିବେ। ସୈଫ୍ ଅଲ୍ଲୀ ଖାନ୍ ଏବଂ ଅକ୍ଷୟ କୁମାରଙ୍କ ଯୋଡ଼ିକୁ 'ମୈ ଖିଲାଡ଼ି ତୁ ଅନାଡ଼ି' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଏହାପରେ ଦୁହେଁ 'ଟସନ୍' ଫିଲ୍ମରେ ମଧ୍ୟ ଏକାଠି କାମ କରିଥିଲେ। ଏବେ ଦୁହେଁ 'ହୈୱାନ' ଫିଲ୍ମ ଜରିଆରେ ପୁଣି ଥରେ ପରଦାରେ ହଲଚଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଛନ୍ତି। ୧୧ ସେପ୍ଟେମ୍ବରରେ 'ହୈୱାନ' ରିଲିଜ୍ ହେଉଥିବାବେଳେ ଏହିଦିନ ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ 'ଉଡ଼ତା ତୀର' ମଧ୍ୟ ରିଲିଜ୍ ହେଉଛି। ବକ୍ସ ଅଫିସ୍‌ରେ ଏହି ଟକ୍କର ଦେଖିବା ବେଶ୍ ମଜାଦାର ହେବ।



## ଆଜି ବାହୁଡ଼ିଥିଲେ
# ପଲ୍ଲୀକବି ନନ୍ଦକିଶୋର ବଳ



ନନ୍ଦ କିଶୋର ବଳ ଓଡ଼ିଆ ସାହିତ୍ୟର ପ୍ରାକ୍-ଆଧୁନିକ କାଳର ଜଣେ କବି ଥିଲେ। ଓଡ଼ିଶାର ଗ୍ରାମୀଣ ପ୍ରାକୃତିକ ସୌନ୍ଦର୍ଯ୍ୟ, ସରଳ ଜୀବନଯାତ୍ରା ଏବଂ ପଲ୍ଲୀ ସଂସ୍କୃତିକୁ ନିଜ କାବ୍ୟ-କବିତାରେ ସ୍ଥାନ ଦେଇଥିବାରୁ ତାଙ୍କୁ 'ପଲ୍ଲୀକବି' ଭାବରେ ସମ୍ମାନିତ କରାଯାଇଛି। ତାଙ୍କର କବିତାଗୁଡ଼ିକ ସରଳ, ହୃଦୟସ୍ପର୍ଶୀ ଏବଂ ଓଡ଼ିଆ ଲୋକସଂସ୍କୃତି ଓ ପଲ୍ଲୀ ଜୀବନର ଜୀବନ୍ତ ପ୍ରତିଛବି ଅଟେ। ଓଡ଼ିଆ ସାରସ୍ୱତ ଜଗତକୁ ଶ୍ରୀବୃଦ୍ଧି କରିବାରେ ସେ ନିରନ୍ତର ପ୍ରୟାସ କରିଥିଲେ। ଗ୍ରାମ୍ୟ ସମାଜକୁ କୁସଂସ୍କାର ମୁକ୍ତ କରି ଏକ ସୁସ୍ଥ ସମାଜ ଗଠନ କରିବା ତାଙ୍କର ଅନ୍ୟ ଏକ ସ୍ୱପ୍ନ ଥିଲା। ପିଲାଦିନେ ତାଙ୍କ ନାମ ରଖାଯାଇଥିଲା ରସାନନ୍ଦ। ପରେ ତାଙ୍କ ନାମ ବଦଳାଇ ନନ୍ଦ କିଶୋର ବଳ ରଖାଯାଇଥିଲା। ୧୮୭୫ ମସିହା ଡିସେମ୍ବର ୨୨ ତାରିଖରେ ନନ୍ଦକିଶୋର କଟକ ଜିଲ୍ଲା କୁସୁପୁର ଗ୍ରାମରେ ପିତା ଭଜନାନନ୍ଦ ଜେନା ଓ ମାତା ହିରଣ୍ମୟୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ବାଲ୍ୟକାଳରୁ ତାଙ୍କ ସାରସ୍ୱତ ପ୍ରତିଭାର ଉନ୍ମେଷ ଘଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ୍ ସ୍କୁଲ୍, ରେଭେନ୍ସା କଲିଜିଏଟ୍ ସ୍କୁଲ୍, କେନ୍ଦ୍ରାପଡ଼ା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ୧୮୯୬ ମସିହାରେ ସେ କୋକିଳା ଦେବୀଙ୍କୁ ବିବାହ କରିଥିଲେ। ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକର ଟାଉନ୍ ସ୍କୁଲରେ ନନ୍ଦକିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଏହାର କିଛି ବର୍ଷ ପରେ ସ୍କୁଲ୍ ସବ୍ ଇନ୍ସପେକ୍ଟର୍ ଭାବେ ପଦୋନ୍ନତି ପାଇଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡ଼ିଲା। ୧୯୨୮ ମସିହା ଆଜିର ଦିନରେ ସେ ଇହଲୀଳା ସମ୍ବରଣ କରିଥିଲେ। ନନ୍ଦକିଶୋର କଲେଜ ପଢ଼ିବା ଠୁ ହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରବନ୍ଧକୁ ସେ 'ପଲ୍ଲୀଚିତ୍ର' ନାମରେ କବିତାର ରୂପ ଦେଇଥିଲେ। ସେ ୧୦୦ରୁ ଅଧିକ ସନେଟ୍ ମଧ୍ୟ ଲେଖିଯାଇଛନ୍ତି। ଶିଶୁ କବିତା କ୍ଷେତ୍ରରେ ପଲ୍ଲୀ କବି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ନାନା ବାୟା ଗୀତ ହେଉଛି ତା'ର ଏକ ନିଚ୍ଛକ ଉଦାହରଣ। ତାଙ୍କ ଦ୍ୱାରା ରଚିତ ବହୁ କବିତା ବିଦ୍ୟାଳୟ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଛି। ପଲ୍ଲୀ କବିଙ୍କର ସୃଷ୍ଟି ଭିତରେ 'ନିର୍ଝରିଣୀ', 'ବସନ୍ତ କୋକିଳ', 'ପ୍ରଭାତ ସଙ୍ଗୀତ', 'ନିର୍ମାଲ୍ୟ', ଓ 'ଜନ୍ମଭୂମି' ଆଦି ଗୀତି କବିତା ଖୁବ୍ ଲୋକପ୍ରିୟ। ସେହପରି ତାଙ୍କ ଦ୍ୱାରା ରଚିତ କାବ୍ୟ ଭିତରେ 'ସୀତା ବନବାସ', 'କୃଷ୍ଣକୁମାରୀ', 'ଶର୍ମିଷ୍ଠା', 'ତରଙ୍ଗିଣୀ', 'ଚାରୁଚିତ୍ର' ଆଦି ବହୁ ପାଠକୀୟ ଆଦୃତି ଲାଭ କରିପାରିଛି। କେବଳ ପଲ୍ଲୀ ଜୀବନକୁ ନେଇ ତାଙ୍କର ସୃଷ୍ଟି ନ ଥିଲା। ଯୌତୁକ ପରି ସାମାଜିକ ବ୍ୟାଧି ବିରୋଧରେ ସେ 'କନକଲତା' ନାମକ ଉପନ୍ୟାସ ରଚନା କରିଥିଲେ। ଗାଉଁଲି ସରଳ ଜୀବନକୁ ଯୌତୁକ ଓ ବାଲ୍ୟବିବାହ କିପରି କଳୁଷିତ କରିଥାଏ, ତାହାର ଛବି ଏଥିରେ ଦେଖିବାକୁ ମିଳିଥାଏ। ସ୍ୱଭାବ ସୁଲଭ ଢଙ୍ଗରେ ନିଜ ରଚନାରେ ସମାଜ ସଂସ୍କାର ପାଇଁ ସେ ଉଦ୍ୟମ କରିଥିଲେ।

# ସମ୍ଭାବନା



## କେମିତି ସମ୍ଭାଳିବେ କାମ ଚାପ

**ଆଜିକାଲି କର୍ମଜୀବୀଙ୍କ କାମ ଚାପ ଅଧିକ। ଏହା ଯୋଗୁଁ ମାନସିକ ଅଶାନ୍ତି ସହ ସ୍ୱାସ୍ଥ୍ୟ ଖରାପ ହେଉଛି। ତେବେ ସେମାନେ କିଛି ଉପାୟକୁ ଆପଣାଇ କାମ ଚାପକୁ ହାଲୁକା କରିପାରିବେ।**



- କାମର ପ୍ରାଥମିକତାକୁ ନିର୍ଦ୍ଧାରିତ କରନ୍ତୁ। ଜରୁରି କାମକୁ ପ୍ରଥମେ କରନ୍ତୁ।
- ଦିନ ତମାମ କେଉଁ ସବୁ କାମ କରିବା ଦରକାର, ସେସବୁ ଲେଖି ରଖନ୍ତୁ। ଏହାଦ୍ୱାରା ଚାପ କମ୍ ହେବ।
- ବଡ଼ କାମକୁ ଛୋଟ ଭାଗରେ ବାଣ୍ଟନ୍ତୁ। ଏହିପରି ଭାବେ ଛୋଟ ଛୋଟ ଲକ୍ଷ୍ୟକୁ ପୂରା କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ। ଲଗାତାର ବସି କାମ କରିବା ଦ୍ୱାରା ଉତ୍ପାଦକତା କମିପାରେ। ସମୟ ନିୟନ୍ତ୍ରଣ କରିବା ଶିଖନ୍ତୁ। କେଉଁ ସମୟରେ କେଉଁ କାମ କରିବେ ତାହା ଧାର୍ଯ୍ୟ କରନ୍ତୁ।
- ମଲଟି ଟାସ୍କିଂ କରନ୍ତୁ ନାହିଁ। ଗୋଟିଏ ସମୟରେ ଏକାଧିକ କାମ ନ କରି ଗୋଟିଏ କାମ କଲେ ଭଲ ଫଳ ମିଳେ।
- ଆବଶ୍ୟକ ପଡ଼ିଲେ ସହକର୍ମୀ ତଥା ବରିଷ୍ଠ ସହଯୋଗୀଙ୍କ ସହାୟତା ନିଅନ୍ତୁ। ସାହାଯ୍ୟ ପାଇଁ ସଙ୍କୋଚ କରିବା ଭଲ ନୁହେଁ।
- ଅଫିସ୍ ପରେ ଘର ଓ ପରିବାର ସହିତ ସମୟ ଅତିବାହିତ କରନ୍ତୁ।

## ବିଦେଶରେ ପାର୍ଟ ଟାଇମ୍



**ବିଦେଶରେ ପଢ଼ା ସହିତ ପାର୍ଟ ଟାଇମ୍ ଚାକିରି କରିବା ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ। ସେହିପରି ପ୍ରତ୍ୟେକ ଦେଶରେ ପାର୍ଟ ଟାଇମ୍ ଚାକିରି କରିବାର ଅନୁମତି ଅଛି। କାରଣ ଏହା ଦ୍ୱାରା ପିଲା ସେମାନଙ୍କର ନିତିଦିନର ଖର୍ଚ୍ଚ ଉଠାଇପାରନ୍ତି। ତେବେ ଆମେରିକା, ବ୍ରିଟେନ ଭଳି ଅନ୍ୟ ଦେଶରେ ପାର୍ଟ ଟାଇମ୍ କାମକୁ ନେଇ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି।**

ଆମେରିକାରେ ଭାରତୀୟ ଛାତ୍ର ସପ୍ତାହରେ ୨୦ ଘଣ୍ଟା କାମ କରିପାରିବେ। ପଢ଼ା ଜାରି ଥିବା ବେଳେ ଏ ନିୟମ ଲାଗୁ ହୋଇଥାଏ। ସେହିପରି ସେମିଷ୍ଟାର ବ୍ରେକ୍ ତଥା ଛୁଟି ଥିଲେ ଛାତ୍ରଛାତ୍ରୀ ସପ୍ତାହକୁ ୪୦ ଘଣ୍ଟା ପର୍ଯ୍ୟନ୍ତ ଚାକିରି କରିପାରିବେ। ବର୍ଷେ ପଢ଼ା ପୂରଣ କରିଥିବା ପିଲା କ୍ୟାମ୍ପସ ବାହାରେ ଚାକିରି କରିପାରିବେ। ତେବେ ପଢ଼ା ସମୟରେ କାନାଡ଼ାରେ ଭାରତୀୟ ଛାତ୍ର ସପ୍ତାହକୁ ୨୪ ଘଣ୍ଟା ଏବଂ ଛୁଟି ସମୟରେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିପାରିବେ। ଭ୍ୟାଲିଡ ଷ୍ଟଡି ପରମିଟ୍ ଥିବା ଛାତ୍ରଙ୍କୁ କ୍ୟାମ୍ପସ ବାହାରେ ଚାକିରି କରିବାର ଅନୁମତି ଅଛି।

ସେହିପରି ଅଷ୍ଟ୍ରେଲିଆରେ ଭାରତୀୟ ଛାତ୍ରଛାତ୍ରୀଙ୍କୁ ୧୫ ଦିନରେ ୪୮ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଅଛି। ଏଠାରେ ବି ଅନ୍ୟ ଦେଶ ଭଳି ଛୁଟି ସମୟରେ ଅନଲିମିଟେଡ୍ କାମ କରିବାର ଅନୁମତି ମିଳିଥାଏ। ପୋଷ୍ଟ ଗ୍ରାଜୁଏଟ୍ ରିସର୍ଚ୍ଚ ଛାତ୍ର, ଡକ୍ଟୋରାଲ ଡିଗ୍ରୀ ଆରମ୍ଭ କରିବା ପରେ ବିନା କୌଣସି ସମୟ ସୀମାରେ କାମ କରିପାରିବେ। ତେବେ ଜର୍ମାନୀରେ ପଢ଼ା ସମୟରେ ୨୦ ଘଣ୍ଟା ଏବଂ ଛୁଟିଦିନରେ ସପ୍ତାହକୁ ୪୦ ଘଣ୍ଟା ପାର୍ଟ ଟାଇମ୍ ଚାକିରିର ଅନୁମତି ଅଛି। ମୁଖ୍ୟତଃ ଛାତ୍ରଛାତ୍ରୀଙ୍କୁ ବର୍ଷକରେ ୧୨୦ ପୂରା ଦିନ, ୨୪୦ ଅଧା ଦିନ କାମ କରିବାର ଅନୁମତି ଅଛି। ନ୍ୟୁଜିଲାଣ୍ଡରରେ ଭାରତୀୟ ଛାତ୍ର ଏକାଡେମିକ ସେସନ ସମୟରେ ପ୍ରତି ସପ୍ତାହରେ ୨୦ ଘଣ୍ଟା ଏବଂ ଛୁଟିରେ ଫୁଲ୍ ଟାଇମ୍ କାମ କରିପାରିବେ। ଏହି ସୁବିଧା ଅତି କମ୍‌ରେ ଦୁଇ ବର୍ଷର ପୂର୍ଣ୍ଣକାଳୀନ କାର୍ଯ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ। ଫ୍ରାନ୍ସରେ ପଢୁଥିବା ଭାରତୀୟ ଛାତ୍ର ଶିକ୍ଷାବର୍ଷରେ ପ୍ରତିବର୍ଷ ୯୬୪ ଘଣ୍ଟା (ପ୍ରତି ସପ୍ତାହରେ ୨୦ ଘଣ୍ଟା) ଏବଂ ବିଶ୍ୱବିଦ୍ୟାଳୟ ଛୁଟି ସମୟରେ ଫୁଲଟାଇମ କାମ କରିପାରିବେ। ଏହି ସୁବିଧା ଫରାସୀ ସାମାଜିକ ସୁରକ୍ଷା ବ୍ୟବସ୍ଥାର ଅଂଶବିଶେଷ ଅନୁଷ୍ଠାନରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଲବ୍ଧ।

ଅନ୍ୟପଟେ ନେଦରଲ୍ୟାଣ୍ଡସରେ ଭାରତୀୟ ଛାତ୍ରଛାତ୍ରୀ ପ୍ରତି ସପ୍ତାହରେ ୧୬ ଘଣ୍ଟା ଏବଂ ଜୁନ୍ ଜୁଲାଇ ଅଗଷ୍ଟ ମାସରେ ଫୁଲ ଟାଇମ୍ କାମ କରିପାରିବେ। କାମ କରିବା ପାଇଁ ଭାରତୀୟଙ୍କୁ ୱାର୍କ ପରମିଟ୍‌ର ଆବଶ୍ୟକତା ଥାଏ। ଷ୍ଟଡି ପୋଗ୍ରାମର ଜରୁରି ଅଂଶ ହୋଇଥିବା ଇଣ୍ଟରନସିପ୍‌ଙ୍କ ଉପରେ ଏହି ନିୟମ ଲାଗୁ ହୋଇ ନ ଥାଏ। ବ୍ରିଟେନରେ ପାଠପଢ଼ା ଚାଲିଥିବା ସମୟରେ ଭାରତୀୟ ଛାତ୍ରମାନେ ସପ୍ତାହରେ କେବଳ ୨୦ଘଣ୍ଟା କାମ କରିପାରିବେ। ସେମିଷ୍ଟର ବ୍ରେକ୍ ଥିଲେ ଅସୀମିତ ଘଣ୍ଟା ପର୍ଯ୍ୟନ୍ତ କାମ କରିବାର ଅନୁମତି ଦିଆଯାଏ। ବିଶ୍ୱବିଦ୍ୟାଳୟରେ ପୂର୍ଣ୍ଣକାଳୀନ ଡିଗ୍ରୀ-ସ୍ତରୀୟ ପାଠ୍ୟକ୍ରମ କିମ୍ବା ତା'ଠାରୁ ଅଧିକ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ କ୍ୟାମ୍ପସ ବାହାରେ କାମ କରିବାକୁ ଅନୁମତି ଦିଆଯାଏ।

## ଅଫିସ୍‌ରେ ସମ୍ମାନ ବୃଦ୍ଧି

**ସାଧାରଣତଃ ଅଫିସ୍‌ରେ ସମସ୍ତେ ନିଜର ସମ୍ମାନ ବୃଦ୍ଧି ତଥା ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିପାରି ନ ଥାନ୍ତି। ସେହିପରି କିଏ ନିଜ କାମ ମାଧ୍ୟମରେ ଲୋକପ୍ରିୟ ହେବାକୁ ଚେଷ୍ଟା କରନ୍ତି ତ ଆଉ କିଏ ନିଜର ବ୍ୟକ୍ତିତ୍ୱ ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବାକୁ ପ୍ରୟାସ କରିଥାନ୍ତି।**



- ଅଫିସ୍‌ରେ ସହକର୍ମୀଙ୍କ ସହ କଥା ହେବା ବେଳେ ହସି ହସି କଥାବାର୍ତ୍ତା କରନ୍ତୁ।
- ଠିକ୍ ସମୟରେ କାମ ପୂରା କରନ୍ତୁ। ଏହା ହିଁ ଅଫିସ୍‌ରେ ସମ୍ମାନ ବୃଦ୍ଧିରେ ସାହାଯ୍ୟ କରେ।
- କେବଳ ନିଜ କାମ ନ କରି ଟିମ୍ ୱାର୍କ ମଧ୍ୟ କରନ୍ତୁ।
- ଭଲ କଥାବାର୍ତ୍ତା କରୁଥିବା କର୍ମଚାରୀଙ୍କ ସମ୍ମାନ ଭଲ ରହେ।
- ଅନ୍ୟମାନଙ୍କର ସମ୍ମାନ କରନ୍ତୁ ଏବଂ ସମ୍ମାନ ସହିତ କଥାବାର୍ତ୍ତା କଲେ ଏହା ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ।
- ପ୍ରତ୍ୟେକ ସମୟରେ ଅଭିଯୋଗ ନ କରି ସମସ୍ୟା ସମାଧାନ କରିବା ଶିଖନ୍ତୁ।
- ଅଫିସ୍ ଗସିପ୍‌ଠୁ ଦୂରରେ ରୁହନ୍ତୁ। ପରଚର୍ଚ୍ଚା ଉପରେ ଧ୍ୟାନ ଦିଅନ୍ତୁ ନାହିଁ।
- ଅଫିସ୍‌ରେ ଅନ୍ୟ ସହକର୍ମୀଙ୍କ ସାହାଯ୍ୟ କରନ୍ତୁ। ଏହି ସ୍ୱଭାବ ବି ସମ୍ମାନ ବୃଦ୍ଧିରେ ସହାୟକ ହୁଏ।

## ପ୍ରଫେସନାଲଙ୍କ ପାଇଁ ଗ୍ୟାଜେଟ୍

**ଆଜିର ସମୟରେ ଅଫିସ୍ କାମ ବି ଆଡଭାନ୍ସ ହୋଇଗଲାଣି। ତେବେ କିଛି ଗ୍ୟାଜେଟ୍ ଏଭଳି ଅଛି, ଯାହାକି ଅଫିସ୍ କାମରେ କର୍ମଚାରୀଙ୍କ କାମକୁ ସହଜ ଓ ସୁବିଧାଜନକ କରିବାରେ ସାହାଯ୍ୟ କରିବ।**

**ପୋର୍ଟେବଲ ମନିଟର:** ଏହି ଡିଭାଇସ୍ ଲୋକଙ୍କୁ ଅତିରିକ୍ତ ସ୍କ୍ରିନ୍ ସ୍ପେସ୍ ଉପଲବ୍ଧ କରାଏ। ଏହି ଡିଭାଇସ୍ ସାହାଯ୍ୟରେ ଲୋକେ ଏକାକାଳୀନ ଅନେକ ୱିଣ୍ଡୋ ଖୋଲି କାମ କରିପାରିବେ।

**ନଏଜ କ୍ୟାନସଲିଂ ହେଡ୍‌ଫୋନ୍:** ଅଧିକ ଗହଳିଚହଳି ପାଟିତୁଣ୍ଡ ହେଉଥିବା ପରିବେଶରେ କାମ କରୁଥିଲେ ନଏଜ କ୍ୟାନସଲିଂ ହେଡ୍‌ଫୋନ୍ ଏକ ଉତ୍ତମ ବିକଳ୍ପ। ଏହି ଗ୍ୟାଜଟ୍ କାମରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ୱେୟାରଲେସ୍ କି-ବୋର୍ଡ ଏବଂ ମାଉସ୍:** ଅଫିସ୍ ତଥା ଘରୁ କାମ କଲେ ବି ଲାପଟପ୍ ତ ଏବେ ନିହାତି ଜରୁରି। ଲାପ୍‌ଟପ୍‌ରେ ଛୋଟ କି-ବୋର୍ଡ ଯୋଗୁଁ ଲୋକଙ୍କୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏଭଳି ସ୍ଥିତିରେ ୱେୟାରଲେସ୍ କି-ବୋର୍ଡ ବରଦାନ ପ୍ରମାଣିତ ହୋଇପାରେ। ଏହି ଡିଭାଇସ୍ ଲୋକଙ୍କୁ ଟାଇପିଂରେ ସାହାଯ୍ୟ କରିବ। ସେହିପରି କି-ବୋର୍ଡ ଲାଗି ମାଉସ୍ ବି ଦରକାର। ତେଣୁ ୱେୟାରଲେସ୍ କି-ବୋର୍ଡ ବି ଖୁବ୍ ଉପକାରୀ।

**ସ୍ମାର୍ଟ ନୋଟ୍‌ବୁକ୍:** ସ୍ମାର୍ଟ ନୋଟ୍‌ବୁକ୍‌ରେ ଲେଖାଯାଉଥିବା ନୋଟ୍ ସହଜରେ ଡିଜିଟାଲ ଉପାୟରେ ସେଭ୍ କରାଯାଇପାରିବ। ଦରକାରୀ ତଥ୍ୟ ହଜି ନ ଥାଏ।






ମରୋକ୍କୋ ଷ୍ଟ୍ରାଇକର ଇସ୍ମାଏଲ ସାଇବାରୀ

# ପ୍ରି-କ୍ୱାର୍ଟରରେ ବ୍ରାଜିଲ

ହଷ୍ଟନ,୩୦।୬(ଏଜେନ୍ସି): ଏସିଆ ମହାଦେଶର ଏକ ନମ୍ବର ଦଳ ଜାପାନକୁ ୨-୧ ଗୋଲ୍‌ରେ ପରାସ୍ତ କରି ପାଞ୍ଚଥରର ଚାମ୍ପିଅନ ବ୍ରାଜିଲ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ଦଳ ଭାବେ ପ୍ରି-କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସୋମବାର ରାତିରେ ସ୍ଥାନୀୟ ହଷ୍ଟନ ଷ୍ଟାଡିୟମରେ ଅନୁଷ୍ଠିତ କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବ୍ରାଜିଲ ପଛୁଆ ଥାଇ ମଧ୍ୟ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ଦେଇ ବ୍ରାଜିଲ ଉତ୍କର୍ଷାପୂର୍ଣ୍ଣ ବିଜୟ ହାସଲ କରିଥିଲା। ବିଶେଷ କରି ଷ୍ଟପେଜ ଟାଇମ୍‌ରେ ଗ୍ରାବିଏଲ୍ ମାର୍ଟିନେଲିଙ୍କ ଗୋଲ୍ ବ୍ରାଜିଲକୁ ପ୍ରି-କ୍ୱାର୍ଟରରେ ପ୍ରବେଶ କରାଇଥିଲା। ଅପରପକ୍ଷରେ ପରାଜୟ ସହ ଜାପାନର ବିଶ୍ୱକପ ଅଭିଯାନ ଶେଷ ହୋଇଛି। ବ୍ରାଜିଲ ଏବେ ରାଉଣ୍ଡ ଅଫ୍ ୧୬ରେ ନରୱେ ବନାମ ଆଇଭରୀ କୋଷ୍ଟ ମ୍ୟାଚ୍‌ର ବିଜେତା ସହ ମୁକାବିଲା କରିବ।

| ଫିଫା ବିଶ୍ୱକପ୍ 2026 |
|---|
| ରାଉଣ୍ଡ ଅଫ୍ ୩୨ ମୁକାବିଲା |
| ବୁଧବାର ରାତି |
| ଇଂଲଣ୍ଡ-କଙ୍ଗୋ |
| ଆଟଲାଣ୍ଟା, ରାତି ୯.୩୦ |
| ବେଲଜିୟମ-ସେନେଗାଲ |
| ସିଆଟଲ, ରାତି ୧.୩୦ |
| ଗୁରୁବାର ସକାଳ |
| ଆମେରିକା-ବୋସନିଆ |
| ସାନ୍‌ଫ୍ରାନ୍ସିକୋ, ସକାଳ ୫.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

## ପାରାଗୁଏରେ ଜାତୀୟ ଛୁଟିଦିବସ

ଆସୁନସିଅନ,୩୦।୬(ଏଜେନ୍ସି): ଜର୍ମାନୀକୁ ହରାଇ ପାରାଗୁଏ ବିପର୍ଯ୍ୟୟ ସୃଷ୍ଟି କରିବା ସହ ୨୦୨୬ ଫିଫା ବିଶ୍ୱକପ୍ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପରେ ସମଗ୍ର ଦେଶରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ରାଷ୍ଟ୍ରପତି ସାଣ୍ଟିଆଗୋ ପେନା ମଙ୍ଗଳବାରକୁ ଜାତୀୟ ଛୁଟିଦିବସ ଭାବେ ଘୋଷଣା କରିଛନ୍ତି। ରାଷ୍ଟ୍ରପତି ପେନାଙ୍କ ଅନୁଯାୟୀ ଫୁଟବଲ ଖେଳ ପାରାଗୁଏଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଥାଏ। ବିଶ୍ୱ ଫୁଟବଲରେ ଅଣ୍ଡରଡଗ୍ ଭାବେ ବିବେଚିତ ପାରାଗୁଏ ୪ଥରର ବିଶ୍ୱଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିବା ଆମ ଲାଗି ଐତିହାସିକ ବିଜୟ ସହ ସମାନ। ଏହି ଉତ୍ସବକୁ ପାଳନ କରିବା ଲାଗି ସମସ୍ତ ନାଗରିକଙ୍କ ସୁବିଧା ଲାଗି ଛୁଟି ଘୋଷଣା କରାଯାଉଛି।

## ମାନୁଏଲ ନୁଏରଙ୍କ ଅବସର

ବର୍ଲିନ,୩୦।୬(ଏଜେନ୍ସି): ପେନାଲ୍ଟି ସୁଟ୍‌ଆଉଟରେ ପାରାଗୁଏ ନିକଟରୁ ହାରିଯିବା ପରେ ଜର୍ମାନୀର ୪୦ ବର୍ଷୀୟ ଗୋଲରକ୍ଷକ ମାନୁଏଲ ନୁଏର ଅନ୍ତର୍ଜାତୀୟ ଫୁଟବଲରୁ ଅବସର ନେବାକୁ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ସେ ଅବସର ଘୋଷଣା କରିଥିଲେ, କି ଦଳରେ ଭଲ ଗୋଲରକ୍ଷକ ନ ଥିବାରୁ ୨୦୨୪ ଅଗଷ୍ଟରେ ପୁଣିଥରେ ଅନ୍ତର୍ଜାତୀୟ ଫୁଟବଲ ଖେଳିଥିଲେ। ଏବେ ପରାଜୟ ସହ ଅନ୍ତର୍ଜାତୀୟ ଫୁଟବଲରୁ ଅପସରି ଯାଇଛନ୍ତି।

# ଇତିହାସ ସୃଷ୍ଟି କଲେ ପାରାଗୁଏ, ମରୋକ୍କୋ

## ପେନାଲ୍ଟିରେ ୪ ଥରର ଚାମ୍ପିଅନ ଜର୍ମାନୀ, ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ୍ ସୁଟ୍‌ଆଉଟ୍

ଫକ୍ସବରୋ/ଗ୍ୱାଡଲୋପ୍,୩୦।୬(ଏଜେନ୍ସି)

୪ଥରର ଚାମ୍ପିଅନ ଜର୍ମାନୀ ଓ ୩ଥରର ରନର୍ସଅପ୍ ନେଦରଲ୍ୟାଣ୍ଡସ ଏଠାରେ ଚାଲିଥିବା ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତାରୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା ହୋଇଛନ୍ତି। ଅନ୍ୟପକ୍ଷରେ ସେମାନଙ୍କୁ ହରାଇ ରାଉଣ୍ଡ ଅଫ୍ ୧୬ ବା ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିବା ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏ ଓ ଆଫ୍ରିକୀୟ ରାଷ୍ଟ୍ର ମରୋକ୍କୋ ଇତିହାସ ସୃଷ୍ଟି କରିଛନ୍ତି। ରାଉଣ୍ଡ-୩୨ରେ ଫ୍ରାନ୍ସ ଓ ସ୍ୱିଡେନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ପାରାଗୁଏର ଏବଂ କାନାଡା ସହ ମରୋକ୍କୋର ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ଭାରତୀୟ ସମୟ ସୋମବାର ରାତି ଓ ମଙ୍ଗଳବାର ସକାଳେ ଖେଳାଯାଇଥିବା ଏହି ଦୁଇଟିଯାକ ମ୍ୟାଚ୍ ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଖେଳରେ ଫଳାଫଳ ମିଳି ନ ଥିଲା। ନକ୍‌ଆଉଟ ମ୍ୟାଚ୍ ହୋଇଥିବାରୁ ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ବୋଷ୍ଟନ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଜର୍ମାନୀ-ପାରାଗୁଏ ମ୍ୟାଚ୍ ୧-୧ ଗୋଲରେ ସମାନସ୍ତରରେ ରହିବା ପରେ ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ଦୁଇଟି ପେନାଲ୍ଟି ସଟ୍‌କୁ ସେଭ୍ କରିବା ଫଳରେ ପାରାଗୁଏ ୪-୧ରେ ୪ଥରର ଚାମ୍ପିଅନ ଜର୍ମାନୀକୁ ପରାସ୍ତ କରିଥିଲା। ସେହିପରି ମଣ୍ଟେରୀ ଷ୍ଟାଡିୟମ୍‌ରେ ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଅଧିକ ରୋମାଞ୍ଚକର ହୋଇଥିଲା। ଏଥିରେ ଉଭୟ ଦଳ ଶେଷ ସମୟରେ ଗୋଲ ସ୍କୋର କରିଥିଲେ ମଧ୍ୟ ମ୍ୟାଚ୍‌ର ଫଳାଫଳ ମିଳି ପାରି ନ ଥିଲା। ପେନାଲ୍ଟି ସୁଟ୍‌ଆଉଟରେ ମରୋକ୍କୋ ୩-୨ ଗୋଲରେ ବିଜୟୀ ହୋଇ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

## ବଡ଼ ବିପର୍ଯ୍ୟୟ ଘଟାଇଲା ପାରାଗୁଏ



ବୋଷ୍ଟନ ଷ୍ଟାଡିୟମ୍‌ରେ ସୋମବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଜର୍ମାନୀକୁ ପରାସ୍ତ କରି ପାରାଗୁଏ ଫିଫା ବିଶ୍ୱକପ୍ ଇତିହାସରେ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ୧୦ମ ସ୍ଥାନରେ ଥିଲାବେଳେ ପାରାଗୁଏ ୪୧ତମ ସ୍ଥାନରେ ରହିଛି। ଏହି ବିଜୟ ସହ ପାରାଗୁଏ ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଥିଲାବେଳେ ପ୍ରଥମଥର ଆୟୋଜିତ ହେଉଥିବା ରାଉଣ୍ଡ ଅଫ୍ ୩୨ରୁ ଜର୍ମାନୀ ବିଦାୟ ନେଇଛି। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ଏହି ରାଉଣ୍ଡ ଅଫ୍ ୩୨ ମୁକାବିଲା ନିର୍ଦ୍ଧାରିତ ଓ ଅତିରିକ୍ତ ସମୟ ଅର୍ଥାତ୍ ୧୨୦ ମିନିଟ୍ ଖେଳ ୧-୧ ଗୋଲରେ ସମାନ ସ୍ତରରେ ରହିଥିଲା। ଜର୍ମାନୀ ପକ୍ଷରୁ କାଇ ହାର୍ଭେଜ୍ ଓ ପାରାଗୁଏ ପକ୍ଷରୁ ଜୁଲିଓ ଏନ୍‌ସିସ୍କୋ ଗୋଲ ସ୍କୋର କରିଥିଲେ। ପେନାଲ୍ଟି ସୁଟ୍‌ଆଉଟ୍‌ରେ ପାରାଗୁଏ ୪-୧ ଗୋଲରେ ବିଜୟୀ ହୋଇଥିଲା। ଦଳର ଗୋଲରକ୍ଷକ ଅର୍ଲାଣ୍ଡୋ ଗିଲ୍ ୨ଟି ପେନାଲ୍ଟି ସଟ୍‌କୁ ଅଟକାଇ ଏହି ମ୍ୟାଚ୍‌ରେ ହିରୋ ବନିଯାଇଥିଲେ। ୨୦୧୦ରେ କ୍ୱାର୍ଟରଫାଇନାଲ ଖେଳିଥିବା ପାରାଗୁଏ ଗତ ୨ଟି ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନ ଥିଲା। ଏହି ମ୍ୟାଚ୍‌ରେ ବଲ ଜର୍ମାନୀ ନିୟନ୍ତ୍ରଣରେ ରହିଥିଲା। ଏପରିକି ପାରାଗୁଏ ଦଳ ଖେଳିବାକୁ ବଲ୍ ମଧ୍ୟ ପାଇ ନ ଥିଲେ। ଏହା ସତ୍ତ୍ୱେ ଜର୍ମାନୀ ଗୋଲ ସ୍କୋର କରିବାକୁ ସମର୍ଥ ହୋଇ ନ ଥିଲା। ପେନାଲ୍ଟି ସୁଟଆଉଟରେ ହାରିବା ଫଳରେ ଗତ ୪ଟି ବିଶ୍ୱକପ୍‌ରେ ଜର୍ମାନୀର ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ହୋଇଛି। ୨୦୧୦ ଓ ୨୦୨୨ରେ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଏବଂ ୨୦୨୬ରେ ରାଉଣ୍ଡ ଅଫ୍ ୩୨ରୁ ବିଦା ହୋଇଛି। ଦଳ ପ୍ରଥମଥର ପେନାଲ୍ଟି ସୁଟ୍‌ଆଉଟରେ ପରାଜିତ ହୋଇଥିଲାବେଳେ ପୂର୍ବରୁ ୪ଥର ବିଜୟୀ ହୋଇଥିଲା। ନୂଆ ଖେଳାଳିମାନଙ୍କୁ ନେଇ ଗଠିତ ଜର୍ମାନୀ ଦଳ ଚଳିତ ବିଶ୍ୱକପ୍‌ରେ ଆଦୌ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରି ନ ଥିଲା।

## ମରୋକ୍କୋ ହିରୋ ୟାସିନ୍, ସାଇବାରୀ



ମଣ୍ଟେରୀ ଷ୍ଟାଡିୟମ୍‌ରେ ଫିଫା ର୍‍ୟାଙ୍କିଙ୍ଗ୍‌ରେ ଉପରତଳ ହୋଇ ରହିଥିବା ନେଦରଲ୍ୟାଣ୍ଡସ ଓ ମରୋକ୍କୋ ମଧ୍ୟରେ ରାଉଣ୍ଡ -୩୨ ମୁକାବିଲା ରୋମାଞ୍ଚକ ହୋଇଥିଲା। ଖେଳର ୭୧ତମ ମିନିଟ୍‌ଯାଏ କେହି କାହାରିକୁ ଗୋଲ ଦେଇ ନ ଥିଲେ। ୭୨ତମ ମିନିଟ୍‌ରେ କୋଡି ଗାକ୍‌ପୋ ନେଦରଲ୍ୟାଣ୍ଡସ ପକ୍ଷରୁ ଓ ୯୧ତମ (ଇଞ୍ଜୁରୀ ଟାଇମ୍) ମିନିଟରେ ଇସା ଡିଓପ ମରୋକ୍କୋ ପକ୍ଷରୁ ଗୋଲ ଦେବା ଫଳରେ ଖେଳ ସମାନ ସ୍ତରରେ ରହିଥିଲା। ପେନାଲ୍ଟି ସୁଟ୍‌ଆଉଟରେ ନେଦରଲ୍ୟାଣ୍ଡସ ପକ୍ଷରୁ କ୍ରିସେନିକୋ ସମରଭିଲେ ମାରିଥିବା ଗୁରୁତ୍ୱପୂର୍ଣ୍ଣ ଚତୁର୍ଥ ସଟ୍‌କୁ ମରୋକ୍କୋ ଗୋଲରକ୍ଷକ ଅଟକାଇବା ପରେ ୫ମ ସଟ୍ ମିସ୍ ହୋଇଥିଲା। ଫଳରେ ଶେଷ ସଟ୍‌କୁ ମରୋକ୍କୋ ଗୋଲରେ ପରିଣତ କରିଥିଲେ ମ୍ୟାଚ୍ ଜିତିବାର ସ୍ଥିତିରେ ଥିଲା। ଏହି ସଟ୍‌କୁ ଷ୍ଟ୍ରାଇକର ଇସ୍‌ମାଏଲ ସାଇବାରୀ ଗୋଲରେ ପରିଣତ କରି ମରୋକ୍କୋକୁ ୩-୨ ପେନାଲ୍‌ଟିରେ ଜିତାଇବା ସହ ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ମରୋକ୍କୋ ମଧ୍ୟ ଗତ ୩ଟି ସଂସ୍କରଣରେ ୟୁରୋପର ଦୁଇଟି ଶକ୍ତିଶାଳୀ ଟିମ୍‌କୁ ପେନାଲ୍ଟି ସୁଟ୍‌ଆଉଟରେ ବିଦା କରିଛି। ଗତ ବିଶ୍ୱକପ୍‌ରେ ୟାସିନ୍ ବୋଉନୋଉ ୨ଟି ପେନାଲ୍ଟି ସଟ୍ ସେଭ୍ କରିବା ଫଳରେ ସ୍ପେନ୍‌କୁ ମରୋକ୍କୋ ହରାଇଥିଲା। ସାଇବାରୀଙ୍କ ଗୋଲ ବଳରେ ମରୋକ୍କୋ ଇତିହାସ ସୃଷ୍ଟି କରିବା ସହ ଆସନ୍ତା ଶନିବାର କାନାଡା ସହ ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

## ହରମନପ୍ରୀତଙ୍କୁ ଭାରତର ନେତୃତ୍ୱ

**ଏସୀୟ କ୍ରୀଡ଼ା**

ନୂଆଦିଲ୍ଲୀ, ୩୦।୬ (ଏଜେନ୍ସି): ଆଗାମୀ ଏସୀୟ କ୍ରୀଡ଼ା ଲାଗି ମଙ୍ଗଳବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଚଳିତ ଟି-୨୦ ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ସତ୍ତ୍ୱେ ହରମନପ୍ରୀତ୍ କୌର ଅଧିନାୟିକା ପଦ ବଜାୟ ରଖିଛନ୍ତି। କ୍ରମାଗତ ଦ୍ୱିତୀୟ ସଂସ୍କରଣ ଲାଗି ହରମନପ୍ରୀତ୍ ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଭାରତ ୨୦୨୨ ସଂସ୍କରଣରେ ଚାମ୍ପିଅନ ହୋଇଥିଲା।

**ଭାରତୀୟ ମହିଳା କ୍ରିକେଟ୍ ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ, ଗୁନାଲାନ କମଳିନୀ, ଭାରତୀ ଫୁଲମଣି, ଶ୍ରୀ ଚରଣି, ରେଣୁକା ଠାକୁର, କ୍ରାନ୍ତି ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ୍, ରାଧା ଯାଦବ ଓ ନନ୍ଦିନୀ ଶର୍ମା।

## ୱିମ୍ବଲଡନ: ସ୍ୱିଆଟେକ ଆଗେଇଲେ

ଲଣ୍ଡନ, ୩୦।୬ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ଦ୍ୱିତୀୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହିଳା ସିଙ୍ଗଲ୍ସ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଇଗା ସ୍ୱିଆଟେକ, ଦ୍ୱିତୀୟ ସିଡ୍ ଏଲିନା ରିବାକିନା, ଷଷ୍ଠ ସିଡ୍ ଆମଣ୍ଡା ଆନିସିମୋଭା ପ୍ରମୁଖ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଚତୁର୍ଥ ସିଡ୍ ଆମେରିକାର ବେନ୍ ସେଲଟନ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ତଥା ଟପ୍ ସିଡ୍ ଇଟାଲୀର ଜାନିକ ସିନ୍ନର ମଧ୍ୟ କଷ୍ଟସାଧ୍ୟ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପାଞ୍ଚ ସେଟ୍ ମୁକାବିଲାରେ ସିନ୍ନର ୪-୬, ୬-୩, ୬-୭(୬/୮), ୬-୨, ୬-୩ ସେଟରେ ବିଶ୍ୱର ୫୦ ନମ୍ବର ଖେଳାଳି ସର୍ବିଆର ମିଓମିର କେକମାନୋଭିକଙ୍କୁ ହରାଇଥିଲେ। ଏହି ମ୍ୟାଚ୍ ଜିତିବାକୁ ସିନ୍ନରଙ୍କୁ ସାଢ଼େ ୩ ଘଣ୍ଟା ସମୟ ଲାଗିଥିଲା।

● ଆଇସିସି ମହିଳା ଟି-୨୦ ବିଶ୍ୱକପ୍

## ଅଷ୍ଟମଥର ଫାଇନାଲ ଖେଳିବ ଅଷ୍ଟ୍ରେଲିଆ

ଲଣ୍ଡନ, ୩୦।୬ (ଏଜେନ୍ସି): ରେକର୍ଡ ଛ'ଥରର ବିଜେତା ଅଷ୍ଟ୍ରେଲିଆ ୮ମଥର ଲାଗି ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର କେନିଙ୍ଗଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଚଳିତ ବିଶ୍ୱକପର ପ୍ରଥମ ସେମିଫାଇନାଲରେ ଅଷ୍ଟ୍ରେଲିଆ ୮ ୱିକେଟରେ ଦୁଇଥରର ଚାମ୍ପିଅନ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ୭ ୱିକେଟ ହରାଇ ୧୨୫ ରନର ଛୋଟିଆ ସ୍କୋର କରିଥିଲା। ଦଳ ପକ୍ଷରୁ ଅଧିନାୟିକା ହେଲି ମାଥ୍ୟୁସ ସର୍ବାଧିକ ୩୦, ଡେଣ୍ଡ୍ରା ଡଟିନ ଅପରାଜିତ ୨୬ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ଅଧିନାୟିକା ସୋଫି ମୋନିଲେକ୍ସ (୨/୩୦), ଆସଲେ ଗାର୍ଡନର (୨/୧୩) ଓ ଜର୍ଜିଆ ୱେରହାମ (୨/୧୭) ମିଳିତ ଭାବେ ୬ଟି ୱିକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୩ ଓଭରରେ ୨ ୱିକେଟ ହରାଇ ବିଜୟୀ ହୋଇଥିଲା। ବେଥ ମୁନୀ ୬୧ ଓ ଆସଲେ ଗାର୍ଡନର ୩୫ ରନର ଅପରାଜିତ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ। ଗୁରୁବାର ଆୟୋଜକ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମହିଳା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଏହାର ବିଜେତା ରବିବାର ଫାଇନାଲରେ ଅଷ୍ଟ୍ରେଲିଆକୁ ଭେଟିବ।



ତୁର୍କୀରେ ଅନୁଷ୍ଠିତ ୱାର୍ଲ୍ଡ ଆବିଲିଟୀ ସ୍ପୋର୍ଟ୍ସ ୟୁଥ୍ ଗେମ୍ସରେ ପଦକ ଜିତି ରାଜ୍ୟ ଓ ଦେଶ ଲାଗି ଗୌରବ ଆଣିଥିବା ଓଡ଼ିଶାର ଆକାଶ ରଞ୍ଜନ ମୁଣ୍ଡ ଓ ବିଭାସିନ୍ଧୁ ବାରିକଙ୍କୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି।

## ଆଜିଠୁ ଓଡ଼ିଶାରେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟ୍‌ବଲ୍

ଭୁବନେଶ୍ୱର, ୩୦।୬ (ସମିସ): ସ୍ଥାନୀୟ ୟୁନିଟ-୧ ଏକାଡେମୀ ଫୁଟବଲ ପଡ଼ିଆରେ ବୁଧବାରଠାରୁ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିହୀନ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଓ ବୁଲ୍ସଆଇ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ବୁଲ୍ସଆଇର ଅଧ୍ୟକ୍ଷ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି।

# ଭାରତ-ଇଂଲଣ୍ଡ ଟି-୨୦ ସିରିଜ ଆଜିଠୁ

ଚେଷ୍ଟର-ଲି-ଷ୍ଟ୍ରିଟ, ୩୦।୬ (ଏଜେନ୍ସି)




**ପ୍ରଥମ ଟି-୨୦**
ମ୍ୟାଚ୍ ଆରମ୍ଭ: ରାତି ୧୦ଟା
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟୱର୍କ

ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ବୁଧବାରଠାରୁ ଆରମ୍ଭ ହେବାକୁଯାଉଛି। ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚଟିକିଆ ଟି-୨୦ ସିରିଜର ପ୍ରଥମ ମ୍ୟାଚ ଚେଷ୍ଟର-ଲି-ଷ୍ଟ୍ରିଟରେ ରାତି ୧୦ଟାରେ ଖେଳାଯିବ। ଆୟର୍ଲାଣ୍ଡ ବିପକ୍ଷରେ ବିରାଟ ବିପର୍ଯ୍ୟୟର ସମ୍ମୁଖୀନ ହେବାପରେ ଟିମ୍ ଇଣ୍ଡିଆ ଏହି ସିରିଜ ଖେଳିବ। ତେଣୁ ନୂଆ ଅଧିନାୟକ ଶ୍ରେୟସ ଆୟରଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଆୟର୍ଲାଣ୍ଡ ବିପକ୍ଷରେ ଲଜ୍ଜାଜନକ ଭାବେ ଦୁଇଟିଯାକ ଟି-୨୦ ମ୍ୟାଚ ହାରିବା ପରେ ଭାରତୀୟ ଦଳର ଖେଳାଳିମାନେ ଚାପରେ ରହିଛନ୍ତି। ତେଣୁ ଇଂଲଣ୍ଡ ବିପକ୍ଷରେ ଉନ୍ନତ ପ୍ରଦର୍ଶନ କରି ଏହି କ୍ଷତିର ଭରଣା କରିବାକୁ ଭାରତ ଲକ୍ଷ୍ୟ ରଖିଛି। ଅପରପକ୍ଷରେ ଅଧିନାୟକ ଆୟରଙ୍କ ନେତୃତ୍ୱରେ ଉପରେ ମଧ୍ୟ ପ୍ରଶ୍ନବାଚୀ ଛିଡ଼ା ହୋଇଛି। ପ୍ରାୟ ୩ ବର୍ଷ ଧରି ଭାରତୀୟ ଦଳର ଟି-୨୦ ସେଟଅପ୍‌ରୁ ବାହାରେ ରହିବା ପରେ ଆୟର ଅଧିନାୟକ ସହ ଦଳକୁ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କ ସ୍ଥାନରେ ତାଙ୍କୁ ନୂଆ ନେତୃତ୍ୱ ଭାର ମିଳିଥିଲା। କିନ୍ତୁ ଆୟରଙ୍କ ନେତୃତ୍ୱରେ ଭାରତ ପ୍ରଥମ ସିରିଜରେ ୨-୦ରେ ଆୟର୍ଲାଣ୍ଡ ନିକଟରୁ କ୍ଲିନସୁଇପ ହୋଇଛି। ଏବେ ବିଶ୍ୱର ଦୁଇ ନମ୍ବର ଦଳ ଇଂଲଣ୍ଡ ବିପକ୍ଷରେ ଘରୋଇ ମାଟିରେ ଭାରତ ଲଢ଼େଇ କରିବାକୁ ଯାଉଛି। ଯାହାକି ଆୟର ବାହିନୀ ପାଇଁ ଆହୁରି କଷ୍ଟକର ପରୀକ୍ଷା ହେବ। ହ୍ୟାରୀ ବ୍ରୁକଙ୍କ ନେତୃତ୍ୱରେ ଇଂଲଣ୍ଡ ବିଶ୍ୱ କ୍ରିକେଟରେ ସୀମିତ ଓଭରରେ ଏକ ଶ୍ରେଷ୍ଠ ଦଳ ଭାବେ ବିବେଚିତ ହେଉଛି। ଅଧିନାୟକ ବ୍ରୁକଙ୍କ ସମେତ ଜାକବ ବେଥେଲ, ଜୋଶ ବଟଲର, ସାମ୍ କରନ, ୱିଲ୍ ଜ୍ୟାକ, ଫିଲ୍ ସଟ, ଜୋଫ୍ରା ଆର୍ଚରଙ୍କ ଭଳି ଖେଳାଳି ଯେକୌଣସି ଦଳ ପାଇଁ ବିପଦଜନକ ସାବ୍ୟସ୍ତ ହୋଇପାରନ୍ତି। ତେଣୁ ଇଂଲଣ୍ଡ ମାଟିରେ ଖେଳାଯିବାକୁ ଥିବା ଏହି ସିରିଜ ଟିମ୍ ଇଣ୍ଡିଆ ପାଇଁ ସହଜ ହେବନାହିଁ। ସେହିଭଳି ଆୟର୍ଲାଣ୍ଡରେ ସୁଯୋଗ ପାଇ ନ ଥିବା ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ସିରିଜରେ ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଭାରତ ସପକ୍ଷରେ ରେକର୍ଡ

ରେକର୍ଡ ଉପରେ ନଜର ପକାଇଲେ ଭାରତର ପଲା ଭାରି ରହିଛି। ଉଭୟ ଦଳ ମଧ୍ୟରେ ଆଜି ପର୍ଯ୍ୟନ୍ତ ୩୦ଟି ଟି-୨୦ ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଭାରତ ୧୮ ଓ ଇଂଲଣ୍ଡ ୧୨ ମ୍ୟାଚ ଜିତିଛି। ଦୁଇ ଦଳ ଶେଷଥର ଲାଗି ଚଳିତ ବର୍ଷ ପ୍ରାରମ୍ଭରେ ଟି-୨୦ ବିଶ୍ୱକପ୍ ସେମିଫାଇନାଲରେ ସାମ୍ନାସାମ୍ନି ହୋଇଥିଲେ। ଏଥିରେ ଭାରତ ୭ ରନରେ ବିଜୟୀ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS